


ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 MAY 2021

Vol.No. 32 ■ No. 127 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜୁନ୍ ୧ ଯାଏଁ ବଢିଲା ଲକ୍ ଡାଉନ୍

■ କମିଲା କୋହଳ ସମୟ, ସକାଳ ୭ଟାରୁ ଦିନ ୧୧ ଟା ଯାଏଁ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିହେବ ■ ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟିରେ ଭୋଜିଭାତ ମନା, ବିବାହରେ ୨୫ ଜଣଙ୍କୁ ଅନୁମତି ■ ବନ୍ଦ ରହିବ ବସ୍ ଚଳାଚଳ ■ ଜାରି ରହିବ ସପ୍ତାହାନ୍ତ ସଟ୍ ଡାଉନ୍




ଭୁବନେଶ୍ୱର,୧୮/୦୫ (ନି.ପ୍ର): ରାଜ୍ୟ ସରକାର ଆଜି କୋଭିଡ୍ ପାଇଁ ଜାରି ହୋଇଥିବା ଲକ୍‌ଡାଉନ୍‌କୁ ଆଉ ଦୁଇ ସପ୍ତାହ ଅର୍ଥାତ ଜୁନ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜୁନ୍ ୧ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ରାଜ୍ୟରେ ଲକ୍‌ଡାଉନ୍ ବଳବତର ରହିବ।ଏଥିସହ ସପ୍ତାହାନ୍ତ ସଟ୍ ଡାଉନ୍ ବଳବତର ରହିବ। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ କିଣାକିଣି କରିବାକୁ ମିଳୁଥିବା ୬ ଘଂଟା କୋହଳ ସମୟକୁ ୪ ଘଂଟାକୁ ହ୍ରାସ କରାଯାଇଛି। ଏଣିକି ସକାଳ ୬ଟାରୁ ଦିନ ୧୨ଟା ପରିବର୍ତ୍ତେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଲୋକମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣି ପାଇଁ ଅନୁମତି ମିଳିବ । ସେହିପରି ବିବାହ କାର୍ଯ୍ୟରେ କେବଳ ୨୫ ଜଣ ଲୋକ ଭାଗ ନେଇପାରିବେ । ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟି କ୍ରିୟା ଆଦି କାର୍ଯ୍ୟକ୍ରମରେ ଭୋଜିଭାତକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ମଙ୍ଗଳବାର ଦିନ ଏକ ସ୍ୱତନ୍ତ୍ର ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏ ବାବଦରେ ଘୋଷଣା କରିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ପ୍ରଥମ ଲକ୍ ଡାଉନ୍ ସମୟରେ ସରକାରଙ୍କ ତରଫରୁ ନିଆଯାଇଥିବା ବିଶେଷ ପଦକ୍ଷେପ ପାଇଁ ଅନେକ ସୁଫଳ ମିଳିଛି ଏବଂ ଯେଉଁ ହାରରେ କରୋନା ରୋଗୀ ସଂଖ୍ୟା ବୃଦ୍ଧି ପାଉଥିଲା ସେଥିରେ ହ୍ରାସ ଘଟିଛି । ଗତ ୧୫ ଦିନ ହେବ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟା ପ୍ରାୟ ସମାନ ସ୍ତରରେ ରହଛି । ଏପରିକି କିଛି ଜିଲ୍ଲାରେ ଧୀରେ ଧୀରେ କମିବା ଆରମ୍ଭ କରିଛି । ତଥାପି ରାଜ୍ୟରେ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧିକୁ ଆଉ ୧୪ ଦିନ ବୃଦ୍ଧି କରିବାକୁ ନିଷ୍ପତି ନେଇଛନ୍ତି । ଲକ୍ ଡାଉନ୍ ଅବଧି ବୃଦ୍ଧିର ଉଦ୍ଦେଶ୍ୟ ହେଉଛି ଲୋକମାନେ ଘରେ ରହିବେ ଏବଂ ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବ ବୋଲି ମୁଖ୍ୟ ଶାସନ ସଚିବ ଆଶାବ୍ୟକ୍ତ କରିଛନ୍ତି । ଏହି ଲକ୍‌ଡାଉନ୍ ରେ ପୂର୍ବରୁ ବଳବତର ଥିବା କଟକଣାକୁ ଅଧିକ କଡ଼ାକଡ଼ି କରିବାକୁ ସରକାର ସ୍ଥିର କରିଛନ୍ତି । ଦ୍ୱିତୀୟ ଦଫାର ଏହି ଲକ୍‌ଡାଉନ୍ ରେ ସୋମବାର ଠାରୁ ଶୁକ୍ରବାର ସକାଳ ୬ଟାରୁ ଦିନ ୧୨ଟା ପରିବର୍ତ୍ତେ ▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ



ଭୁବନେଶ୍ୱର,୧୮/୦୫(ନି.ପ୍ର): ସୋମବାର ରାତିରେ ଆରବ ମହାସାଗରରେ ଉଠିଥିବା ବାତ୍ୟା ଗୁଜରାଟରେ ମାଡ କରିବା ପରେ ଅନ୍ୟପଟେ ବଙ୍ଗୋପ ମହାସାଗରରେ ଆଉ ଏକ ବାତ୍ୟା ସୃଷ୍ଟି ହେବା ନେଇ ସଂକେତ ମିଳୁଛି । ପୂର୍ବ କେନ୍ଦ୍ରିୟ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି । ଆସନ୍ତା ୨୩ ତାରିଖ ବେଳକୁ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ମୌସୁମୀ ପୂର୍ବରୁ ଏଭଳି ଲଘୁଚାପ ସୃଷ୍ଟି ହେବା ଏକ ସାଧାରଣ କଥା, କିନ୍ତୁ ୨୩ ତାରିଖରେ ସୃଷ୍ଟି ହେବାକୁ ଯାଉଥିବା ଏହି ଲଘୁଚାପ ଏକ ସାଧାରଣ ଲଘୁଚାପ ନହୋଇପାରେ । କାରଣ ଏହି ଲଘୁଚାପ ଘନିଭୂତ ହେବା ପାଇଁ ପୂର୍ବ କେନ୍ଦ୍ରିୟ ବଙ୍ଗୋପସାଗରରେ ସବୁ ପ୍ରକାରର ଅନୁକୂଳ ପରିସ୍ଥିତି ରହିଛି । ପାଣିପାଗ ବିଶେଷଜ୍ଞମାନେ କହୁଛନ୍ତି, ଏହା ଘନିଭୂତ ହେବାର ସଂକେତ ରହିଛି ଏବଂ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେବାର ଆଶଙ୍କା ରହିଛି । ଅବଶ୍ୟ ବର୍ତ୍ତମାନ ଠାରୁ ସମସ୍ତ ଆକଳନ ଶହେ ପ୍ରତିଶତ ଠିକ୍ ନହୋଇପାରେ । କିନ୍ତୁ ଯଦି ଆକଳନ ଠିକ୍ ହୁଏ, ତେବେ ଏହା ଓଡିଶା କିମ୍ବା ବାଂଲାଦେଶ ଆଡକୁ ମୁହାଁଇ ପାରେ । ବାତ୍ୟାର ରୂପ ନେବା ପରେ ଏହି ଝଡ ଉତର ପଶ୍ଚିମ ଆଡକୁ ଗତି କରିବାର ସମ୍ଭାବନା ରହିଛି । ଉତର ପଶ୍ଚିମ ଆଡକୁ ଗତି କରିବା ବେଳେ ଏହି ଝଡ ପୁଣି କୁଆଡେ ମୁହାଁଇବ ତା ଉପରେ ଓଡିଶା, ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶର ଭାଗ୍ୟ ନିର୍ଭର କରିବ । ଏହି ଝଡର ଆଉ ଏକ ଦିଗକୁ ନେଇ ମଧ୍ୟ ଆଲୋଚନା କରାଯାଇ ପାରେ । ଯଦି ଏହା ଭୀଷଣ ରୂପ ନେବ ନାହିଁ ଏବଂ ସ୍ଥଳ ଭାଗକୁ ଛୁଇଁବା ପରେ ବି ଦୁର୍ବଳ ନହୋଇ ସ୍ଥଳଭାଗର ଅଧିକ ଭିତରକୁ ଯିବ, ତେବେ ମୌସୁମୀ ବର୍ଷା ଆଣିବାରେ ଏହା ବେଶ ଭଲଭାବେ ସହାୟକ ହେବ । ଏବେ ଦେଖିବାର କଥା ହେଉଛି, ଏହା କେମିତି ରୂପ ନେଉଛି, ଏବଂ କେମିତି ଗତି କରୁଛି ।


## କରୋନାରେ ଦେଶରେ ଗତ ୨୪ ଘଂଟାରେ ୨,୬୩,୫୩୩ ନୂଆ ମାମଲା

ନୂଆଦିଲ୍ଲୀ,୧୮/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୨,୬୩,୫୩୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୪,୩୨୯ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୫୨,୨୮,୯୯୬ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩,୫୩,୭୬୫ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨,୭୮,୭୧୯ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୮/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୨ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୩୫୭ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ▶▶ପୃଷ୍ଠା ୭

## ରାଜ୍ୟରେ କୋଭିଡ ସ୍ଥିତି ନିୟନ୍ତ୍ରଣାଧୀନ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮/୦୫(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସଂଧ୍ୟାରେ ରାଜ୍ୟରେ କୋଭିଡ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତକାଲି ସର୍ବଦଳୀୟ ବୈଠକରେ ଘୋଷଣା କରିଥିବା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀତା ସହିତ ରୋଗୀଙ୍କ ଅବସ୍ଥା ସଂପର୍କରେ ସଂପର୍କୀୟଙ୍କୁ ସଠିକ ସୂଚନା ଦେବା ଏବଂ ଟିକାକରଣ କେନ୍ଦ୍ରମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ କୋଭିଡ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ଅଛି । ରାଜ୍ୟରେ ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟା ନୂଆ ଚିହ୍ନଟ ହେଉଥିବା ରୋଗୀଙ୍କ ଠାରୁ ଅଧିକ ରହୁଛି । ଗତ ସପ୍ତାହରୁ କେତେକ ଜିଲ୍ଲାରେ ସଂକ୍ରମଣ କମିବା ମଧ୍ୟ ଆରମ୍ଭ କରିଛି । ରାଜ୍ୟରେ ସଂକ୍ରମଣ ହାର ମଧ୍ୟ କମିଛି । ଏ ସବୁ ପାଇଁ ଲକ୍ ?ଡାଉନ ଓ ଲୋକଙ୍କ ମଧ୍ୟରେ ସଚେତନତାକୁ ମୁଖ୍ୟମନ୍ତ୍ରୀ ଶ୍ରେୟ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଂକ୍ରମଣ ହାରକୁ ସଂପୂର୍ଣ୍ଣ କମାଇବା ପାଇଁ ରାଜ୍ୟ ସରକାର ଲକଡାଉନ ଅବଧିକୁ ଆଉ ଦୁଇ ସପ୍ତାହ ବୃଦ୍ଧି କରିଛନ୍ତି । ଲୋକଙ୍କ ସହଯୋଗ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଯଦି ସମସ୍ତେ କୋଭିଡ ନିୟମ ମାନି ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ଅନାବଶ୍ୟକ ଭାବରେ ବାହାରେ ବୁଲିବା ବନ୍ଦ କରିଦେବା, ତେବେ ଆମେ ନିଶ୍ଚୟ ଏହି ଲଢେଇ ଜିତିପାରିବା । ▶▶ପୃଷ୍ଠା ୭

## ଆସୁଛି ସିଙ୍ଗାପୁର ଷ୍ଟ୍ରେନ୍, ଶିଶୁଙ୍କୁ ରଖନ୍ତୁ ସୁରକ୍ଷିତ



ଭୁବନେଶ୍ୱର,୧୮/୦୫(ନି.ପ୍ର): ବିଶ୍ୱ ପାଇଁ ନୂଆ ବିପଦ ଭାବେ ଉଭା ହୋଇଛି କରୋନା ଭୂତାଣୁର ସିଙ୍ଗାପୁର ଷ୍ଟ୍ରେନ । ଭୂତାଣୁର ଏହି ନୂଆ ଷ୍ଟ୍ରେନ ଛୋଟ ପିଲାଙ୍କ ପାଇଁ ଅଧିକ ଭୟଙ୍କର ହୋଇଥିବା ସୂଚନା ମିଳିଛି । ସେପଟେ ସିଙ୍ଗାପୁର ସରକାର ଏହି ଭୂତାଣୁ ପ୍ରଥମେ ଭାରତରେ ଦେଖାଯାଇଥିବା କହିବା ସହ ସ୍କୁଲ କଲେଜକୁ ବନ୍ଦ ଘୋଷଣା କରିଛନ୍ତି । ବୁଧବାର ଠାରୁ ସିଙ୍ଗାପୁରରେ ସ୍କୁଲ ଓ କଲେଜକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ଘୋଷଣା କରାଯାଇଛି । ସିଙ୍ଗାପୁରର ଶିକ୍ଷାମନ୍ତ୍ରୀ କହିଛନ୍ତି, ଏହି ଭୂତାଣର ମ୍ୟୁଟାଂଟ ଅଧିକ ଭୟଙ୍କର ଏବଂ ଏହା ଛୋଟ ପିଲାଙ୍କୁ ଅଧିକ ସଂକ୍ରାମକ କରିବାର ଆଶଙ୍କା ରହିଛି । ଏହାସହ ୧୮ବର୍ଷରୁ କମ ପିଲାଙ୍କ ଟୀକାକରଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଥିବା ସିଙ୍ଗାପୁରର ଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ରବିବାର ଦିନ କରୋନା ଭୂତାଣୁର ୩୮ଟି ନୂଆ ମାମଲା ସିଙ୍ଗାପୁରରେ ସାମ୍ନାକୁ ଆସିଛି । ଯାହା ଗତବର୍ଷ ପରେ ସର୍ବାଧିକ । ତେବେ ସଂକ୍ରମିତ ଏହି ୩୮ଜଣଙ୍କ ମଧ୍ୟରେ ▶▶ପୃଷ୍ଠା ୭

## ୪୦ ଡିଗ୍ରୀ ଉପରେ ୧୧ ସହରର ତାପମାତ୍ରା



ଭୁବନେଶ୍ୱର,୧୮/୦୫ (ନି.ପ୍ର): ସାରା ରାଜ୍ୟ ପ୍ରବଳ ତାତିରେ ସିଝୁଛି। ମଙ୍ଗଳବାର ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତାଠାରୁ ଅଧିକ ରହିଛି। ୪୨ ଡିଗ୍ରୀ ସହ ସୋନପୁର ସହର ରାଜ୍ୟର ସବୁଠାରୁ ଉତପ୍ତ ସହର ରହିଛି। ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୯.୪ ଡିଗ୍ରୀ ରହିଥିବା ବେଳେ କଟକର ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୪୨ ଡିଗ୍ରୀ, ଅନୁଗୁଳରେ ୪୧.୭ , ବୌଦ୍ଧରେ ୪୧.୫, ସମ୍ବଲପୁରରେ ୪୧.୨ , ସୁନ୍ଦରଗଡରେ ୪୧, ତାଳଚେରରେ ୪୦.୭, ଭବାନୀପାଟଣାରେ ୪୦.୫, ଫୁଲବାଣୀରେ ୪୦.୪ , ଟିଟିଲାଗଡରେ୪୦.୨, ବାରିପଦା ଓ ମାଲକାନଗିରିରେ ୪୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ନୟାଗଡରେ ୩୯.୫, ଭୁବନେଶ୍ୱରରେ ୩୯.୪, ଝାରସୁଗୁଡାରେ ୩୯.୪ , ହୀରାକୁଦରେ ୩୯.୩, ଚାନ୍ଦବାଲିରେ ୩୯.୨ ଓ ବଲାଙ୍ଗୀରରେ ୩୯.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

## ଯାଜପୁରରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୧୮/୦୫ (ନି.ପ୍ର): କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଯାଜପୁର ରେ ଘରୋଇ ସହାୟତାରେ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମତି ପ୍ରଦାନ କରିଛନ୍ତି। ଏହା ଫଳରେ ଯାଜପୁର ତଥା ଆଖ ପାଖ ଜିଲ୍ଲାର ଗୁରୁତର କୋଭିଡ୍ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଆଉ କଟକ ଭୁବନେଶ୍ୱର ଯିବା କୁ ପଡିବ ନାହିଁ। ଯାଜପୁରର ଭୂମିକା ମଲ୍ଟି ସ୍ପେଶାଲିଟି ▶▶ପୃଷ୍ଠା ୭

## କୋଭିଡ ପରିଚାଳନା ନେଇ ଜିଲ୍ଲାପାଳ ମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶ

ନୂଆଦିଲ୍ଲୀ,୧୮/୦୫ : ଦେଶରେ କରୋନାର ଦ୍ୱିତୀୟ ଲହର ଚାଲିଥିବା ବେଳେ କରୋନା ବିରୋଧୀ ଲଢେଇରେ ଜିଲ୍ଲାପାଳମାନେ କମାଣ୍ଡର ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ମଙ୍ଗଳବାର ଦିନ ଏକ ଭିଡିଓ କନଫେରେନ୍ସିଂ ମାଧ୍ୟମରେ କିଛି ଜିଲ୍ଲାପାଳଙ୍କ ସହ କଥା ହୋଇ ପ୍ରଧାନମନ୍ତ୍ରୀ ଏହା କହିବା ସହ ସ୍ଥାନୀୟ ନିୟନ୍ତ୍ରଣ କ୍ଷେତ୍ର, ଟେଷ୍ଟିଂ ସଂଖ୍ୟା ବୃଦ୍ଧି ଓ ଲୋକଙ୍କୁ ସଚେତନ କରାଇବା ହେଉଛି ମହାମାରୀ ବିରୋଧରେ ମୁଖ୍ୟ ଅସ୍ତ୍ର ବୋଲି କହିଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ କହିଛନ୍ତି କି, 'ଆପଣମାନେ ଏହି ଲଢେଇରେ ଶୀର୍ଷ କମାଣ୍ଡର, ଦେଶରେ ଯେତେ ଜିଲ୍ଲା ଅଛି ସବୁ ଜିଲ୍ଲାରେ ଅଲଗା ଅଲଗା ପରିସ୍ଥିତି, ଏସବୁକୁ ଆମ ଜିଲ୍ଲାପାଳମାନେ ସଠିକ ତରିକାରେ ସମାଧାନ କରୁଛନ୍ତି ' । ଏହାସହ ସେ ଜିଲ୍ଲାପାଳମାନଙ୍କୁ କହିଥିଲେ କି ଆପଣ ଯେତେବେଳେ ଅନୁଭବ କରିବେ ଯେ, ଆପଣଙ୍କ ଜିଲ୍ଲା କରୋନା ବିରୋଧୀ ଲଢେଇରେ ବିଜୟଲାଭ କଲା ସେତେବେଳେ ଦେଶ ବି ବିଜୟୀ ହୋଇଛି ବୋଲି ଅନୁମାନ କରିବେ । ଏହି ଅନଲାଇନ୍ ବାର୍ତ୍ତା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମୀଣ କ୍ଷେତ୍ରରେ କରୋନା ସଂକ୍ରମଣ ଉପରେ ଦୃଷ୍ଟି ନିକ୍ଷେପ କରି ▶▶ପୃଷ୍ଠା ୭

## ଦିଲ୍ଲୀରେ କୋଭିଡ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା



ନୂଆଦିଲ୍ଲୀ,୧୮/୦୫ : ଦେଶରେ କରୋନା ମହାମାରୀ ତାଣ୍ଡବ ରଚୁଛି । ହେଲେ ଏହାରି ମଧ୍ୟରେ କିଛିଦିନ ହେବ ସଂକ୍ରମଣ ହାର କମ ହେବାରେ ଲାଗିଛି । ଦିଲ୍ଲୀରେ ବି ସଂକ୍ରମଣ କମିଛି, ହେଲେ ମୃତ୍ୟୁ ସଂଖ୍ୟାରେ ବ୍ରେକ ଲାଗୁନି । ଏହାରି ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ବଡ ଘୋଷଣା କରିଛନ୍ତି । ଦିଲ୍ଲୀରେ କୋଭିଡ ମୃତକଙ୍କ ପରିବାରକୁ ୫୦ ହଜାର ଲେଖାଏଁ ଘୋଷଣା କରିଛନ୍ତି । ଏହାସହ ପେନସନ ପାଇଁ ମଧ୍ୟ ଘୋଷଣା କରିଛନ୍ତି । ସେହିପରି ରାସନ କାର୍ଡଧାରୀଙ୍କୁ ୧୦ କିଲୋ ରାସନ ମାଗଣା ପ୍ରଦାନ କରାଯିବ । ଯାହାର ରାସନକାର୍ଡ ନାହିଁ ସେମାନଙ୍କୁ ମଧ୍ୟ ରାସନ ପ୍ରଦାନ କରାଯିବ । କରୋନା ମହାମାରୀ ସମୟରେ ଦିଲ୍ଲୀବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ବଡ ଘୋଷଣା କରିଛନ୍ତି । ଦିଲ୍ଲୀରେ କରୋନା ମହାମାରୀ ତାଣ୍ଡବ ରଚିଥିଲା । ସଂକ୍ରମଣ ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିଥିଲା । ଏହାରି ମଧ୍ୟରେ ଅକ୍ସିଜେନ ଓ ବେଡର ଅଭାବ ମଧ୍ୟ ଦେଖିବାକୁ ମିଳିଥିଲା । ହେଲେ ଏବେ ସଂକ୍ରମଣ ଧିରେ ଧିରେ କମିବାରେ ଲାଗିଛି । ଆଉ ସୁସ୍ଥ ହାର ବଢିବାରେ ଲାଗିଛି ।

## ଗୋଟିଏ ଦିନରେ ୧୦୩୨୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୮/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୩୨୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୩୩୩୦୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୨୬୩୫୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୪୫୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୩୨୧ ଜଣଙ୍କ ମଧ୍ୟରୁ ୫୭୭୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୪୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୬୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬୯ ଜଣ, ବରଗଡ଼ରୁ ୩୨୦ ଜଣ, ଭଦ୍ରକରୁ ୩୫୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୫୦, କଟକରୁ ୭୩୧ ଜଣ, ଦେବଗଡ ଜିଲ୍ଲାରୁ ୧୧୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୭ ଜଣ, ଗଜପତି ଜିଲ୍ଲାରୁ ୫୬, ଗଞ୍ଜାମରୁ ୨୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୫୯ ଜଣ, ଯାଜପୁରରୁ ୩୩୦ ଜଣ, ଝାରସୁଗୁଡ଼ାରୁ ୩୧୨ ଜଣ, କଳାହାଣ୍ଡିରୁ ୫୯୯ ଜଣ, କନ୍ଧମାଳ ଜିଲ୍ଲାରୁ ୫୪ ଜଣ. କେନ୍ଦ୍ରାପଡ଼ାରୁ ୧୬୨ ଜଣ, କେନ୍ଦୁଝରରୁ ୨୦୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ▶▶ପୃଷ୍ଠା ୭

# ବାସନ୍ଦ ପରିବାରଙ୍କ ଜମିରୁ ଗ୍ରାମବାସୀ ଗଛ କାଟିନେବା ନେଇ ଥାନାରେ ଅଭିଯୋଗ

କଣାସ, ୧୮/୫ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଦା ଥାନା ପରିସରଭକ୍ତ ବଡାଲ ଗ୍ରାମପଚାଂୟତର ବଡଓରା ଗ୍ରାମରେ ଦୀର୍ଘଦିନ ହେଲା ଏକ ଜମିକୁ ନେଇ ଶରତ କୁମାର ସାହୁଙ୍କ ପରିବାରକୁ ଗ୍ରାମବାସୀମାନେ ସାମାଜିକ ବାସନ୍ଦ କରି ରଖିଥିବା ଶରତ ସାହୁ ବାରମ୍ୱାର ଗଡିଶାଗୋଦା ଥାନା ଏବଂ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ । ଉକ୍ତ ଜମିକୁ ନେଇ ନ୍ୟାୟାଳୟରେ ମୋକଦ୍ଦମା ବିଚାରଧିନ ଥିବା ଜଣାପଡିଛି । ଗତ ଏପ୍ରଲ ମାସ ୧୭ ତାରିଖ ଦିନ ଶରତ କୁମାର ସାହୁଙ୍କ ଜମିରୁ କିଛି ଗଛ କାଟିଥିବା ବେଳେ ପୂର୍ବତନ ଥାନା ଅଧିକାରୀ ବର୍ତମାନ ସୁଧା ମଧ କୌଣସି ମୋକଦ୍ଦମା ରୁଜ୍ଜୁ କରିନଥିବା ଜଣାପଡିଛି । ଆଜି ପୁନଷ୍ଟ ଉକ୍ତ ଜମିରୁ ୪୦ରୁ ଉର୍ଦ୍ଧ୍ୱ ଆକାଶିଆ ଓ ପଟାସ ଗଛ ଗ୍ରାମବାସୀମାନେ କାଟିନେଇଥିବା ଶରତଙ୍କ ସାନଭାଇ ହେମନ୍ତ କୁମାର ସାହୁ ଗଡିଶାଗୋଦା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପାଇବା ପରେ ଗଡିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ତଦନ୍ତ କରିବା ପାଇଁ ଘଟଣାସ୍ଥଳକୁ ଥାନାର ଅନ୍ୟ ପୋଲିସ୍ କର୍ମଚାରୀଙ୍କୁ ପଠାଇଥିବା ଶ୍ରୀ ଲେଙ୍କା ଠାରୁ ପ୍ରକାଶ । ଉକ୍ତ ଜମିଟି ଶରତ ଚନ୍ଦ୍ର ସାହୁ ପିତା ସ୍ୱର୍ଗତ ସାଗର ସାହୁ ଏକ କୈବର୍ତ ପରିବାର ଠାରୁ କିଣିଥିବା ଦର୍ଶାଉଥିବା ବେଳେ ଗ୍ରାମର ମୁଖିଆ ଧନେଶ୍ୱର ଲେଙ୍କାଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିବା କହିଥିଲେ ।

# ଚିଟଫଣ୍ଡ ନାଁରେ ଠକେଇ ଘଟଣାରେ ବାପା ପୁଅ ଗିରଫ

ମାଲକାନଗିରି, ୧୮/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ପୋଲିସ ଚିଟଫଣ୍ଡ ନାଁରେ ଟଙ୍କା ହଡପ ଘଟଣାରେ ବାପା ପୁଅ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ବାପା ପୁଅ ହେଲେ କାଲିମେଲା ପଂଚାୟତ ଅନ୍ତର୍ଗତ ଏମ ଭି ୯ ୦ଗ୍ରାମର ଅମଲ ସାହା ଓ ତାଙ୍କ ପୁଅ ଅନୁପ ସାହା । ବୁଦୁଗୁଡା ଗ୍ରାମର କାନ୍ତି ପୁଲେ ୟା ଙ୍କ ସ୍ତ୍ରୀ ପାର୍ବତୀ ବାଇ କାଲିମେଲା ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅ କାନ୍ତି ରମେଶ ୨ ୦୧ ୦ମସିହା ରେ ଛତିଶଗଡ ରାଜ୍ୟରେ ପୋଲିସ ଚାକରି କରୁଥିବା ସମୟରେ ମାଓବାଦୀ ଆକ୍ରମଣ ରେ ସହିଦ ହୋଇଥିଲେ । ସେହି ସମୟରେ ଛତିଶଗଡ଼ ସରକାର ଙ୍କ ପକ୍ଷରୁ ତାଙ୍କୁ ଅନୁକମ୍ପା ମୂଳକ ସହାୟତା ମିଳିଥିଲା । ଏହି ଟଙ୍କା ମିଳିଥିବା ସମ୍ପର୍କରେ ସେତେବେଳେ ଏମଭି ୯ ୦ଗ୍ରାମର ଅନୁପ ଜାଣିବାପରେ ସେ କାନ୍ତି ପୁଲେ ୟା ଓ ପାର୍ବତୀ ଙ୍କୁ ଉକ୍ତ ଟଙ୍କାକୁ ଘରୋଇ ଚିଟଫଣ୍ଡ ସଂସ୍ଥାରେ ରଖିଲେ ଅଧିକ ସୁଧ ମିଳିବ କହି ପ୍ରଲୋଭନ ଦେଖାଇ ଚିଟଫଣ୍ଡ ସଂସ୍ଥାର ଏଜେଂଟ ଥିବା ଅନୁପ ୮ ଲକ୍ଷ ଟଙ୍କା କାନ୍ତି ପୁଲେୟା ଙ୍କ ଆକାଉଂଟରୁ ତାଙ୍କ ବାପା ଓ ନିଜ ଆକାଉଂଟ କୁ ଟ୍ରାନସଫର କରିଥିଲେ । ସେମାନଙ୍କୁ ଟଙ୍କା ବାନ୍ଧିବାର କୋଣସି ରସିଦ ନଦେଇ ଏହି ଅର୍ଥ କୁ ବାପା ପୁଅ ହଡପ କରିଦେଇଥିଲେ । ଟଙ୍କା ଫେରାଇବା ପାଇଁ କହିବା ପରେ ମଧ ନଶୁଣିବାରୁ ଦମ୍ପତି ୧ ୦/୩ /୨୦୨୧ ରେ କାଲିମେଲା ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲା କୁ ଭିତି କରି ପୋଲିସ ତଦନ୍ତ ପରେ ସମ୍ପୃକ୍ତ ବାପା ପୁଅ ଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଜଗଦୀଶ ବାରା ପ୍ରକାଶ କରିଛନ୍ତି ।

# କରୋନା କାର୍ଯ୍ୟ ନେଇ ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ଚାପ: ସାଧାରଣରେ ନାପସନ୍ଦ

ଗଞ୍ଜାମ, ୧୮/୫ (ନି.ପ୍ର): ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ଅଙ୍ଗନବାଡ଼ି ସେବା ବ୍ୟତୀତ କରୋନାରେ ଘର ଘର ବୁଲି ସର୍ଭେ, ସ୍କ୍ରିନିଂ ଇତ୍ୟାଦି କାର୍ଯ୍ୟ କରିବା ପାଇଁ ସରକାରୀ ସ୍ତରରେ ଚାପ ପଡୁଥିବାରୁ ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି । ସେମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ପ୍ରଦାନ କରାଯାଉଥିବା ବେଳେ ଏବଂ ସେମାନଙ୍କର ଚାକିରୀ ସର୍ତାବଳୀ ନିଶ୍ଚିତ ନଥିବା ବେଳେ ତଥା ଅବସରକାଳୀନ ସୁବିଧା ନଥାଇ ସେମାନଙ୍କ ଉପରେ କରୋନା କାର୍ଯ୍ୟ ନେଇ ଚାପ ପକାଯାଉଛି । ଅନ୍ୟପକ୍ଷରେ ପ୍ରାୟ ୧ ବର୍ଷ ହେଲା ସ୍କୁଲ କଲେଜ ଛୁଟୀ ଥିବା ସତ୍ୱେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମାସକୁ ପ୍ରାୟ ୫୦ରୁ ୬୦ ହଜାର ଟଙ୍କା ଦରମା ପାଇ ଘରେ ବସି ରହୁଥିବାରୁ ସେମାନଙ୍କୁ କରୋନା କାର୍ଯ୍ୟରେ ଘର ଘର ବୁଲି ସ୍କ୍ରିନିଂ, ଟେଷ୍ଟିଂ ଓ ସର୍ଭେ କରିବା ପାଇଁ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି ।

# ଆଟୋ ଭର୍ତ୍ତି ଗଞ୍ଜେଇ ଜବତ: ଜଣେ ଗିରଫ ୨ଫେରାର

ଜୟପୁର, ୧୮/୫ (ନି.ପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଓ ଲମତାପୁଟ ପୁଲିସର ମିଳିତ ପେଟ୍ରୋଲିଙ୍ଗ ସମୟରେ ଏକ ଗଞ୍ଜେଇ ଭର୍ଚି ଅଟୋକୁ ପୁଲିସ ଜବତ କରିଛି । ଲମତାପୁଟ ଅଂଚଳରୁ ଏକ ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇଁ ମାଛକୁଣ୍ଡ ଓ ଲମତାପୁଟ ପୁଲିସ ମିଳିତ ଭାବେ ସିନ୍ଧିପୁଟ ନଦୀଘାଟ ନିକଟରେ ଚଡାଉ କରିଥିଲେ ଏବଂ ଗୋଟିଏ ଗଞ୍ଜେଇ ଭର୍ତି ଅଟୋକୁ ଜବତ କରିବା ସହ ଜଣେ ଗଞ୍ଜେଇ ମାଫିଆକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲେ । ଅନ୍ୟପଟେ ପୁଲିସକୁ ଦେଖି ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଥିଲେ । ପରେ ଜବତ ଅଟୋକୁ ଲମତାପୁଟ ଥାନାକୁ ଆଣି ଜବତ ଗଂଜେଇକୁ ଓଜନ କରିଥିଲେ । ଜବତ ଅଟୋରେ ୧୯୭କେଜି ୯୦୦ଗ୍ରାମ ଗଞ୍ଜେଇ ରହିଥିବା ବେଳେ ଯାହାର ଆନୁମାନିକ ମୁଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଥିବା ବେଳେ ଏହି ଘଟଣାରେ ଗଞ୍ଜେଇ ଚାଲାଣ ରେ ବ୍ୟବହୃତ ଅଟୋକୁ ଜବତ କରିବା ସହ ଦୁର୍ଲା ଅଂଚଳର ରବୀନ୍ଦ୍ର ଖିଲଙ୍କୁ ଗିରଫ କରିଛି ପୁଲିସ । ଅନ୍ୟପଟେ ଫେରାର ଲଛମନ ଖରା ଓ ପ୍ରହ୍ଲାଦ ଖରାକୁ ତଦନ୍ତ ପରେ ଗିରଫ କରାଯିବ ବୋଲି ମାଛକୁଣ୍ଡ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ୧୯ରେ ସ୍ୱତନ୍ତ୍ର କୋଭିଡ ହସପିଟାଲ : ସମୀକ୍ଷା କଲେ ଯୋଜନା ବୋର୍ଡ଼ ଉପାଧକ୍ଷ

ପୁରୀ, ୧୮/୫ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧକ୍ଷତାରେ ପୁରୀ ଜିଲ୍ଲାରେ କୋଭିଡ ମୁକାବିଲା, ଟେଷ୍ଟିଂ, ଚିକିତ୍ସା ଓ ଟୀକାକରଣ ଏବଂ ଜିଲ୍ଲାରେ କୋଭିଡ ପରିଚାଳନା ଓ ପ୍ରସ୍ତୁତି ସଂପର୍କରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ବିନୟ କୁମାର ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ଦାସବର୍ମା ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଜିଲ୍ଲା କୋଭିଡ ହସପିଟାଲ ପ୍ରତିଷ୍ଠା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣେଇଛନ୍ତି । ଆସନ୍ତା ୧୯ ତାରିଖ ଦିନ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜରେ ଜିଲ୍ଲାର ସ୍ୱତନ୍ତ୍ର କୋଭିଡ ହସପିଟାଲ କାର୍ଯ୍ୟକ୍ଷମ ହେବା ସହିତ ଏଥିରେ ୨୦ଟି ଭେଣ୍ଟିଲେଟର, ୪୦ଟି ଆଇ. ସି. ୟୁ,୯୦ଟି ଅକ୍ସିଜେନ୍ ଶଯ୍ୟାର ବ୍ୟବସ୍ଥା ରହିବ ବୋଲି ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । ଭୁବନେଶ୍ୱରସ୍ଥିତ ସମ୍ ମେଡିକାଲ କଲେଜ ଓ ଜିଲ୍ଲା ପ୍ରଶାସନ ମିଳିତ ସହଭାଗିତାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସହଯୋଗରେ ଏହା କାର୍ଯ୍ୟକାରୀ ହେଲେ ଜିଲ୍ଲାରେ ସଂକ୍ରମଣକୁ ରୋକିବା ଏବଂ ଅତ୍ୟାଧୁନିକ ଚିକିତ୍ସା ପାଇଁ ଏକ ବ୍ୟାପକ ଭିତିଭୂମି ସୁଯୋଗ ଉପଲବ୍ଧ ହୋଇପାରିବ ବୋଲି ଶ୍ରୀ ଦାସବର୍ମା କହିଛନ୍ତି । ଗ୍ରାମାଂଚଳରେ ସଂକ୍ରମଣକୁ ରୋକିବା ନିମନ୍ତେ ବିହିତ ପଦକ୍ଷେପ ସହ ପ୍ରତ୍ୟେକ ବ୍ଲକକୁ ଆଉ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଶ୍ରୀ ଦାସବର୍ମା ପରାମର୍ଶ ଦେଇଛନ୍ତି । ଜିଲ୍ଲାବାସୀ କୋଭିଡ ମହାମାରୀକୁ ମୁକାବିଲା କରୁଥିବା ବେଳେ କୋଭିଡର ସମସ୍ତ ନୀୟମ ପାଳନ ପୂର୍ବକ ସଠିକ ଭାବରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ବଣ୍ଟନ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ କୋଭିଡ ମହାମାରୀର ସଂକ୍ରମଣକୁ ରୋକିବା ଓ କୋଭିଡ ପରିଚାଳନାକୁ ସଠିକ ମାର୍ଗରେ ନେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ବର୍ତମାନ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ୧୧ଟି ଯାକ ବ୍ଲକରେ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ର ଓ କୋଭିଡ କେୟାର ସେଣ୍ଟର ପରିଚାଳନା ସଂପର୍କରେ ମଧ ସମୀକ୍ଷା ହୋଇଛି । ବର୍ତମାନ ସୁଦ୍ଧା ୧୧୪୭ଟି ଶଯ୍ୟା ପ୍ରସ୍ତୁତ ହୋଇ ରହିଛି । ଦୈନିକ ହାରାହାରି ୪୦୦ ସଂକ୍ରମଣଙ୍କୁ ଚିକିତ୍ସା ଜାରି ରହିଛି । ଗତ ଏପ୍ରିଲ ପହିଲାରୁ ଏପର୍ଯ୍ୟନ୍ତ ୫୬ ହଜାର ୭୧୩ ଜଣଙ୍କୁ କରୋନା ଟେଷ୍ଟିଂ କରାଯାଇଛି । ଆଣ୍ଟିଂଜେନ ଓ ଆର. ଟି. ପି. ସି. ଆର.ମାଧମରେ କରାଯାଇଥିବା କରୋନା ପରୀକ୍ଷାରେ ଆଜି ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ହଜାର ୫୯୪ ରେ ପହଂଚିଛି କ୍ଷ ଯାହାର ଆନୁପାତିକ ପ୍ରତିଶତ ୧୮.୭ ରହିଛି । ଉଭୟ ଉପାୟରେ ପରୀକ୍ଷା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ପରୀକ୍ଷାଗାର କାର୍ଯ୍ୟକ୍ଷମ ଥିବାବେଳେ ଆବଶ୍ୟକ ବେଳେ ଭୁବନେଶ୍ୱରରେ ସ୍ୱତନ୍ତ୍ର ଭାବରେ ପରୀକ୍ଷାପାଇଁ ବେସରକାରୀ ସଂସ୍ଥା ସହିତ ସରକାରୀ ଭାବେ ବ୍ୟବସ୍ଥା କରାଯାଉଛି । ଟେଷ୍ଟିଂକୁ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଶେଷ କରିବା ଉପରେ ଶ୍ରୀ ଦାସବର୍ମା ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲାରେ ଥିବା ଟେଷ୍ଟିଂ ଯନ୍ତପାତି କୌଣସି ପରିସ୍ଥିତିରେ ବିଫଳ ନହୁଏ ସେଥିପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଟୀକାକରଣ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ୪୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏକ ଲକ୍ଷ ୯୪ ହଜାର ୬୨୧ ଜଣଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଛି ଯାହା ଜିଲ୍ଲାରେ ଏହି ବୟସ ସୀମାର ୪୮.୪୪ ପ୍ରତିଶତ । ସେହିଭଳି ପ୍ରଥମ ଡୋଜ ଟୀକାକରଣ କାର୍ଯ୍ୟକ୍ରମ ଯାରି ରହିଥିବା ବେଳେ ଆଜି ସୁଦ୍ଧା ୩୨ ହଜାର ୪୧୦ ଜଣଙ୍କୁ ଦ୍ୱିତୀୟ ଡୋଜ ଟୀକା ପ୍ରଦାନ କରାଯାଇଛି । ବର୍ତମାନ ପର୍ଯ୍ୟନ୍ତ ୧୦ ହଜାର ୬୬୬ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଡୋଜ ଟିକା ଦିଆଯାଇଥିବା ବେଳେ ସେମାନଙ୍କ ମଧରୁ ୭୫୫୪ ଜଣଙ୍କୁ ଦ୍ୱିତୀୟ ଡୋଜ ଟୀକା ଦିଆଯାଇଛି । ସମ୍ମୁଖ ଯୋଦ୍ଧା ଭାବେ ଘୋଷିତ ବର୍ଗଙ୍କ ମଧରେ ୮୬୮୫ ଜଣ ପ୍ରଥମ ଡୋଜ ଟୀକା ନେଇଥିବାବେଳେ ସେମାନଙ୍କ ମଧରୁ ୬୦୩୩ ଜଣଙ୍କୁ ଦ୍ୱିତୀୟ ଡୋଜ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ଶ୍ରୀମନ୍ଦିର ସେବାୟତ ଓ ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ ସେମାନଙ୍କ ପରିବାର ସଦସ୍ୟଙ୍କୁ ଟୀକାକରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜିଲ୍ଲାପାଳ ସମର୍ଥ ବର୍ମା ବୈଠକରେ ସୂଚନା ଦେଇଛନ୍ତି ।

## ପଂଚାୟତରେ ପ୍ରିୟାପ୍ରୀତି ତୋଷଣ, ଦିନ ମଜୁରିଆଙ୍କୁ ମିଳୁନି ରାସନ କାର୍ଡ

କେନ୍ଦ୍ରାପଡା, ୧୮/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପଂଚାୟତର କେତେକ ଦିନ ମଜୁରିଆଙ୍କୁ ରାସନ କାର୍ଡ ମିଳୁନଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ସାନଜରିଆ ପଂଚାୟତର ନିଗନିପୁର ଗ୍ରାମରେ ରହୁଥିବା ଦିନ ମଜୁରିଆ ମାନଙ୍କୁ କୋଭିଡ ମହାମାରୀ ସମୟରେ କାମ ମିଳୁ ନଥିବାରୁ ଏହି ପରିବାର ଭୋକ ଉପାସରେ ରହୁଛନ୍ତି । ରାସନକାର୍ଡ ନଥିବାରୁ ଏମାନଙ୍କୁ କୌଣସି ପ୍ରକାର ରାସନ ସାମଗ୍ରୀ ମିଳୁନାହିଁ । ସମସ୍ତ ପ୍ରକାର ସରକାରୀ ସହାୟତା ରୁ ବଂଚିତ ଏହି ପରିବାରଙ୍କୁ ରାସନକାର୍ଡ ପ୍ରଦାନ କରିବା ପାଇଁ ଗ୍ରାମର ଗୀତାଞ୍ଜଳୀ ସେଠୀ, ପ୍ରେମଲତା ସେଠୀ, ମନି ସେଠୀ, ମନିଷା ସେଠୀ ପ୍ରମୁଖ ଦାବି କରିଛନ୍ତି ।

# ସେତୁ ନିର୍ମାଣକୁ ଗଙ୍ଗାରାମପୁର ଗ୍ରାମବାସୀଙ୍କ ବିରୋଧ

କେନ୍ଦ୍ରାପଡା, ୧୮/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଙ୍ଗାରାମପୁର ପଂଚାୟତରେ ଲୁଣାନଦୀ ଉପରେ ସେତୁ ନିର୍ମାଣକୁ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ଏନେଇ ଜଳ ସମ୍ପଦ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବି ମୁତାବକ ଲୁଣାନଦୀ ସେତୁ ଉପରେ ସେହି ସ୍ଥାନର ୫୦୦ ମିଟର ଦୂରରେ କଂକ୍ରିଟ୍ ସେତୁ ଥିବାବେଳେ ଏବେ ପୁନର୍ବାର–ରାଜକୋଷରୁ ଅର୍ଥ ଅପବ୍ୟୟ କରେଇବା ପାଇଁ ଅନ୍ୟ ଏକ ସେତୁ ନିର୍ମାଣ କରାଯାଉଛି । ଫଳରେ ଏ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା ସହ ରାଜକୋଷରୁ ବିପୁଳ ଅର୍ଥ ବାଟ ମାରଣା କରାଯିବା ପାଇଁ ଷଡଯନ୍ତ୍ର କରାଯାଇଛି ବୋଲି ଅଜୟ ତରାଇ, ତପନ କୁମାର ଦଳାଇ,ଗଗନ ବେହେରା, ଅଭୟ କୁମାର ବେହେରା, ଅଜୟ ବେହେରା, ଲକ୍ଷ୍ମଣ ବେହେରା ପ୍ରମୁଖ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ।

# ପୁନଃ ନିଯୁକ୍ତି ପାଇଁ ଏ.ଏନ୍.ଏମ୍ ମାନଙ୍କର ୭ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ୧୮/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କୋଭିଡ-୧୯ ପରିଚାଳନାରେ କାର୍ଯ୍ୟ କରି ଛଟେଇ ହୋଇଥିବା ପଂଚାୟତ ସ୍ତରୀୟ ଏ.ଏନ୍.ଏମ୍ ମାନେ ପୁନଃ ନିଯୁକ୍ତି ଦାବି କରି କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୭ଦଫା ସମ୍ବଳିତ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି କି, ଏହି ଏ.ଏନ୍.ଏମ୍ ମାନେ କୋଭିଡ ଯୋଦ୍ଧା ଭାବେ ଦୈନିକ ମଜୁରୀରେ ସାମୟିକ ନିଯୁକ୍ତି ପାଇଥିଲେ । କରୋନା ସଂକ୍ରମଣ ହ୍ରାସ ପାଇବା ପୂର୍ବରୁ ୨୦୨୦ ମସିହା ଡିସେମ୍ବର ମାସରେ ସେମାନଙ୍କୁ ଛଟାଇ କରାଯାଇ ଥିଲା । ପରବର୍ତୀ ଅବସ୍ଥାରେ ସେମାନଙ୍କ ଭିତରୁ ୨୫ଭାଗ ଏ.ଏନ୍.ଏମ୍ ଙ୍କୁ କାର୍ଯ୍ୟ କରିବାର ସୁଯୋଗ ଦିଆଯାଇ ଥିବାବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ୩୫ ଭାଗଙ୍କୁ ନୀଯୁକ୍ତି ଦିଆଯାଇ କାମ କରାଯାଉ ଥିବାବେଳେ ୬୫ ଭାଗ ପିଲାଙ୍କୁ ଛଟେଇ କରାଯାଇଛି । ମାନ୍ୟବର ନ୍ୟାୟାଳୟଙ୍କ ରାୟରେ ଉଲ୍ଲେଖ ଥିଲାଯେ ଅବସ୍ଥା ଗୁରୁତର ହେଲେ ଅବଶିଷ୍ଟ କୋଭିଡ ଯୋଦ୍ଧାଙ୍କୁ ନିଯୁକ୍ତି ଦିଆଯିବ । ଏଣୁ ଆମ୍ଭମାନଙ୍କର ଅଭିଜ୍ଞତା ଥାଇ ପୁନଃ ନିଯକ୍ତି ଦିଆଯିବାକୁ ନିହାରିକା ନାୟକ, ରଶ୍ମିତା ପଟ୍ଟନାୟକ, ପ୍ରଭାତୀ ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ ଅନୁପମା ସିଂ ପ୍ରମୁଖ ଦାବି ଜଣାଇଥିଲେ ।

# ଅସହାୟ ପରିବାରକୁ କେଡିଏନଏଫ ପକ୍ଷରୁ ସହାୟତା ପ୍ରଦାନ

ଧର୍ମଶାଳା, ୧୮/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ପଂାୟତସ୍ଥ ମାଝିପାଟଣା ଗ୍ରାମର ଦୂବ ମଳିକଙ୍କ ଅକାଳ ବିୟୋଗ ଘଟିଛି । ୩ ବର୍ଷ ପୂର୍ବେ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଥିଲା । ତାଙ୍କର ୨ଟି ଝିଅ ଓ ଗୋଟିଏ ପୁଅ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଧେଶ କ୍ରମରେ ଏହି ଅସହାୟ ପରିବାରଙ୍କୁ ସହଯୋଗ କରାଯାଇଛି । ବିଜୁ ଛାତ୍ର ଜନତା ଦଳର ଧର୍ମଶାଳା ବ୍ଲକ ସଭାପତି ଜଗଦାନନ୍ଦ ରାଉତଙ୍କ ନେତୃତ୍ୱରେ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଦେଓଦା ସରପଂଚ ରୀନାରାଣୀ ମହାନ୍ତିଙ୍କ ଉପସ୍ଥିତିରେ ଏହି ପରିବାରକୁ ଏକ ମାସ ପାଇଁ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି । ଏବଂ ଆଗାମୀ ଦିନରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଛାତ୍ର ଜନତା ଦଳର କର୍ମକର୍ତାମାନେ ପ୍ରତିଶୃତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜୁ ଜନତା ଦଳ ସଭାପତି ଦେବାଶିଷ ବରାଳ,ଛାତ୍ର ନେତା ସୌଭାଗ୍ୟ ମୃଦୁଲି,ଧର୍ମଶାଳା ବ୍ଲକ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଆଜାମ ଖାଁନ,ଛାତ୍ର ନେତା ଅମରେଶ ଦାସ,ସୌମ୍ୟ ମହାନ୍ତି,ଆଶୁତୋଷ ନାୟକ,ଦେଓଦା ପଂଚାୟତର ଛାତ୍ର ବିଜେଡି ସଭାପତି ସଂଜୟ ସାହୁ ଓ ବିଜେଡି ଡିଜିଟାଲ ସମ୍ପାଦକ ବିକ୍ରମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁର ସହରରେ ୨ଟି ସାହିରେ ମାଇକ୍ରୋ କଂଟେନମେଂଟ ଜୋନ

ଜୟପୁର, ୧୮/୫ (ନି.ପ୍ର): ଜୟପୁର ସହରର ମହାରାଣିପେଟା, ନୂଆସାହି ଦ୍ୱିତୀୟ ଲାଇନ ଓ ଭିଆଇପି ଲାଇନକୁ ମାଇକ୍ରୋ କଂଟେନମେଂଟ ଜୋନ ଭାବେ ଘୋଷଣା କରାଯାଇଛି । କିଛି ଦିନ ହେବ ଏହି ଅଂଚଳରେ ନିୟମିତ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କଂଟେନମେଂଟ ଜୋନରେ ଦୋକାନ ବଜାର ବନ୍ଦ ରଖିବା ସହ ଲୋକଙ୍କ ଅବାଧ ଚଳାଚଳ ଉପରେ କଟକଣା ଲଗାଯାଇଛି । ଆସନ୍ତା ୨୧ ତାରିଖ ମଧ୍ୟାହ୍ନ ୧୨ ଟା ଯାଏ ଏହି କଟକଣା ବଳବତର ରହିବ । କୋଭିଡ କଟକଣା ଅବମାନନା କଲେ ବିପର୍ଯ୍ୟୟ ପରିଚାଳନା ଆଇନରେ ମାମଲା ରୁଜୁ କରାଯିବ ବୋଲି ଜିଲାପାଳ ଅବଦଲ ମହମ୍ମଦ ଅଖତର ନିର୍ଦ୍ଧେଶ ଦେଇଛନ୍ତି । ଏନେଇ ଜୟପୁର ତହସିଲଦାର ପ୍ରଧାନ ଠୁଲ୍ଲି ଅମ୍ମା, ଅତିରିକ୍ତ ତହସିଲଦାର ଅଶ୍ୱିନୀ କୁମାର ମହାପାତ୍ର, ପ୍ରମୁଖ ୨ଟି ସାହିରେ ମାଇକ୍ରୋ କଂଟେନମେଂଟ ଜୋନ କରିଥିଲେ । ପୌରସଂସ୍ଥା ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ଦେବାର ବ୍ୟବସ୍ଥା କରାଯାଇଛି ।

# ହରନାରାୟଣ ମିଶ୍ରଙ୍କ ଲିଖିତ ଶୁଭାନ୍ୱିଶା ପୁସ୍ତକ ଉନ୍ମୋଚିତ

ବାରିପଦା, ୧୮/୫ (ନି.ପ୍ର): ମୟୂରଭଞ୍ଜର ବରିଷ୍ଠ ସାହିତ୍ୟିକ ହରନାରାୟଣ ମିଶ୍ରଙ୍କ ଲିଖିତ କିଶୋର ସାହିତ୍ୟ ଭିତିକ "ଶୁଭାନ୍ୱିଶା" ପୁସ୍ତକ ଆଜି ଉନ୍ମୋଚିତ ହୋଇଯାଇଛି । ପୂର୍ବରୁ ବହୁ ପୁସ୍ତକ ରଚନା କରିଥିବା ଶ୍ରୀମିଶ୍ରଙ୍କର ଲେଖନୀର ପଦଯାତ୍ରା ସିରିଜ୍‌ର ଏହା ୧୨ଶ(ଦ୍ୱାଦଶ) ସଙ୍କଳନ । କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଭର୍ଚୁଆଲ ପଦ୍ଧତିରେ ଏହି ପୁସ୍ତକଟି ଉନ୍ମୋଚିତ ହୋଇଛି । ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀର ସଭାପତି ଡ଼. ସରୋଜ କୁମାର ନାୟକ, ବାରିପଦାସ୍ଥିତ ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ଅଧାପକ ଅଶୋକ କୁମାର ପୁଷ୍ଟି, କବୟତ୍ରି ସୁନୀତା ରାଣୀ ପ୍ରମୁଖ ଏହି ଭର୍ଚୁରାଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି "ଶୁଭାନ୍ୱିଶା" ପୁସ୍ତକର ଶୁଭକାମନ କରିବା ସହ ଏହାର ସ୍ରଷ୍ଟା ହରନାରାୟଣ ମିଶ୍ରଙ୍କର ଏହି ମହାନୀୟ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ ଶ୍ରୀ ମିଶ୍ର ବାରିପଦା ସ୍ଥିତ ଶରତଚନ୍ଦ୍ର ବିଦ୍ୟାପୀଠର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଟନ୍ତି ।

# ପୁରୁଣାବୋଉଳମାଳ ହାଟରେ ଖାଉଟିଙ୍କୁ ମାସ୍କ ବଂଟନ

ଧର୍ମଶାଳା, ୧୮/୫ (ନି.ପ୍ର): କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକରେ କିପରି କରୋନା ସଂକ୍ରମଣକୁ ରୋକାଯାଇପାରିବ ଏନେଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳନ୍ତରାୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଲୋକମାନଙ୍କ ନିକଟରେ କରୋନା ସଚେତନତା ବାର୍ତା ପଂହଚାଇବା ସହ ସେମାନଙ୍କୁ ମାସ୍କ ବଂଟନ କରାଯାଉଛି । ଏହି ଅବସରରେ ଆଜି ଧର୍ମଶାଳା ବ୍ଲକର ଯୁବ ବିଜେଡି ପକ୍ଷରୁ ପୁରୁଣାବେଉଳମାଳ ପରିବା ହାଟ,ବଜାରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ,ମନ୍ଦିର,ମାଛ ମାର୍କେଟକୁ ସାନିଟାଇଜେସନ କରିବା ସହ ମାକ୍ସ ବାଂଟିବା ସହ କରୋନା ଦାଉରୁ ରକ୍ଷା ପାଇବା ପାଇଁ ସଚେତନ କରାଇଥିଲେ ।

# ଆଇସିଡିଏସ କର୍ମଚାରୀଙ୍କୁ ସତର୍କ ରହିବାକୁ ପରାମର୍ଶ

ଗଞ୍ଜାମ, ୧୮/୫ (ନି.ପ୍ର): କରୋନା ଦ୍ୱିତୀୟ ଲହରର ପ୍ରାର୍ଦୁଭାବକୁ ଦୃଷ୍ଟିରେ ରଖି ମହିଳା, ଶିଶୁ, କିଶୋରୀ, ଗର୍ଭବତୀ ଓ ପ୍ରସୂତୀଙ୍କ ସୁରକ୍ଷା ଲାଗି ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରୀ ହୋଇଛି । ଶିଶୁ, ଗର୍ଭବତୀ ଓ ପ୍ରସୂତୀଙ୍କ ପୁଷ୍ଟି ସାଧନ, ସ୍ତନ୍ୟପାନ ଓ ଅତିଶୟ ପୁଷ୍ଟିହୀନ ଶିଶୁଙ୍କ (ଶାମ୍), ସ୍ୱାସ୍ଥ୍ୟ ରକ୍ଷା ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ରମରେ କରୋନା ସଂକ୍ରମିତ ସାବଧାନତା ଅବଲମ୍ବନ ଲାଗି ପରାମର୍ଶ ଦିଆଯାଇଛି । ଆଇସିଡିଏସ କ୍ଷେତ୍ର କର୍ମଚାରୀ ଓ ହିତାଧିକାରୀ ପରସ୍ପର ସହିତ ମତ ବିନିମୟ କରିବା ସମୟରେ ମାସ୍କ ପିନ୍ଧିବେ, ଦୁଇ ବର୍ଷ ବୟସରୁ ଉର୍ଦ୍ଧ୍ୱ ପିଲା ଘରୁ ବାହାରକୁ ଆସିଲେ ମାସ୍କ ପିନ୍ଧିବା ନେଇ ଅବିଭାବକଙ୍କୁ ସଚେତନ କରାଯିବ । କୌଣସି ଲକ୍ଷଣ ଦେଖାଦେଲେ ସେମାନଙ୍କୁ ସଙ୍ଗରୋଧରେ ରଖାଯିବ । ସ୍ୱାସ୍ଥ୍ୟର ଅବନତି ପରିଲକ୍ଷିତ ହେଲେ ତୁରନ୍ତ ଡ଼ାକ୍ତରଖାନାରେ ଭର୍ତି କରାଯିବ। ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ସଦ୍ୟ ପ୍ରସ୍ତୁତ ଲୁଣ, ମିଠା ଏବଂ ଚର୍ବି ରହିତ ପୁଷ୍ଟିକର ଖାଦ୍ୟ ଦିଆଯିବ । ପୂର୍ବରୁ ଚିହ୍ନଟ ହୋଇଥିବା ଶାମ୍ ଓ ଅତିଶୟ ଅଳ୍ପ ଓଜନ ବିଶିଷ୍ଟ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ଶନିବାର କିଶୋରୀ ମାନଙ୍କୁ ଦିଆଯାଉଥିବା ଆଇରନ୍ ଓ ଫଲିକ୍ ଏସିଡ୍ ବଟୀକାକୁ ଆଶା ଓ ଅଙ୍ଗନବାଡ଼ି କର୍ମୀ ମାନେ ଘରକୁ ନେଇ ଯୋଗାଇବେ । ସେହିଭଳି ସ୍କୁଲ ଛାତ୍ରଛାତ୍ରୀଙ୍କ ଘରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧାହ୍ନ ଭୋଜନ ସାମଗ୍ରୀ ପହଂଚାଇବେ । ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ଶିଶୁଙ୍କ ଓଜନ ନିୟମିତ ଭାବେ ତଦାରଖ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ଘରେ ଟିକାଦାନର ଶୁଭାରମ୍ଭ

ଗଞ୍ଜାମ, ୧୮/୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ ବରିଷ୍ଠ ନାଗରିକ ତଥା ୭୦ ବର୍ଷରୁ ଅଧିକ ବୟସ୍କ ବୃଦ୍ଧ ବୃଦ୍ଧା ଏବଂ ଦିବ୍ୟାଙ୍ଗ ଯେଉଁ ମାନେ ଟୀକା କେନ୍ଦ୍ରକୁ ଯାଇପାରିବେ ନାହିଁ, ସେମାନଙ୍କୁ ସେମାନଙ୍କ ଘରେ ଟୀକାଦାନ କରାଯାଉଛି । ଏକ ସ୍ୱତନ୍ତ୍ର ଯାନ ଯୋଗେ ଏକ ମେଡ଼ିକାଲ ଟିମ୍ ଲୋକଙ୍କ ଘରେ ପହଂଚି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମାନଙ୍କୁ ଟୀକାଦାନ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଜି ପୂର୍ବାହ୍ନ ୧୦ଟା ସମୟରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଭ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଏବଂ ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ବହୁ ଚିକିତ୍ସାଧିକାରୀ ଉପସ୍ଥିତ ଥିଲେ । ଟୀକାକରଣ ପାଇଁ ବିଏମସି ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ଟେଲିଫୋନ୍ ନଂ ପ୍ରଦତ କରାଯାଇଛି । ଏହି ନମ୍ବର ୭୩୨୮୦୯୯୩୨୪ ଯୋଗେ ଯୋଗାଯୋଗ କରି ଲୋକେ ଏହି ସୁବିଧା ଉପଲବ୍ଧ କରିପାରିବେ । ଆଜି ପ୍ରାୟ ୧୦୦ ଜଣଙ୍କୁ ଏଭଳି ଟୀକାଦାନର କାର୍ଯ୍ୟକ୍ରମ ରହିଛି । ଗତକାଲି ଠାରୁ ଯେଉଁମାନେ ଫୋନ୍ ମାଧମରେ ଏନେଇ ନାମ ରେଜିଷ୍ଟ୍ରେସନ କରିଥିଲେ ସେମାନଙ୍କୁ ଆଜି ଟୀକା ଦିଆଯାଉଛ । ଆବଶ୍ୟକ ହେଲେ ଆସନ୍ତା କାଲି ଠାରୁ ଅଧିକ ସଂଖ୍ୟାରେ ଯାନର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ଆୟୁର୍ବେଦ ବିକାଶ ପରିଷଦ ତରଫରୁ ଶୋକ ସଭା

ଜୟପୁର,୧୭ମଇ(ହି.ସ.) - ଦକ୍ଷିଣ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ଜୟପୁର ତରଫରୁ ଯାଦବ ଭବନ ନିକଟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି । ଆୟୁବେଦ ଡାକ୍ତର ଲିଙ୍ଗରାଜ ସାମନ୍ତରା ଆଉ ଧରା ପୃଷ୍ଟ ରେ ନାହାଁନ୍ତି । ସେ ଆୟୁବେଦର ଦିଗଦର୍ଶକ ଓ ପ୍ରଥ ପଦର୍ଶକ ଥିଲେ । ସେ କୋରନା ଯୋଦ୍ଧା ଭାବେ ଉତମ ଚିକିତ୍ସକ ଥିଲେ । ତାଙ୍କ ମୃତ୍ୟୁ ରେ ଆୟୁର୍ବେଦ ବିକାଶ ପରିଷଦର ସଭାପତି ଡାକ୍ତର ସୁଦର୍ଶନ ଗୌଡ, ସମ୍ପାଦକ କବିରାଜ ପରମେଶ୍ୱର ପାତ୍ର, ସହ ସମ୍ପାଦକ କ୍ଷେତ୍ରବାସି ପଣ୍ଡା, ଉପଦେଷ୍ଟା ଅଶୋକ ପାତ୍ର, ଡାକ୍ତର ବିନିଦ ବିହାରି ରଥ, ବୈଦ୍ୟ ସୁଯ୍ୟ ନାରାୟଣ ମିଶ୍ର, ଆବାହକ କାହ୍ନା ସମନ୍ତରା ଓ ଅନ୍ୟ ସହଯୋଗୀ ଚିକିତ୍ସିତ ପ୍ରେମିମାନେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ ।

# ଜମି ବିବାଦକୁ ନେଇ ପରିବାର ଉପରେ ମରଣାନ୍ତକ ଆକ୍ରମଣ : ୪ ଗୁରୁତର

ଧର୍ମଶାଳା, ୧୮/୫ (ନି.ପ୍ର): ଶୌଚାଳୟରେ ଶୌଚ ନେଇ ଏକ ପରିବାରକୁ ମାରଣନ୍ତକ ଆକ୍ରମଣ । ଏହି ଆକ୍ରମଣ ଘଟଣାରେ ପରିବାର ୫ ଜଣ ସଦସ୍ୟ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ଏଭଳି ଅମାନୁଷିକ ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ଚାନ୍ଦପୁର ଗ୍ରାମରେ । ଏହି ଗ୍ରାମ ନିକଟସ୍ଥ ଏଚଆରଏମ ମଦ୍ରାସା ନିକଟରେ ହଲିମା ବିବିଙ୍କ ପରିବାର ଉପରେ ମାରଣନ୍ତକ ଆକ୍ରମଣ ହୋଇଛି । ଆଜି ସକାଳ ୧୦ଟା ସମୟରେ ଏହି ଚାନ୍ଦପୁର ଗ୍ରାମର ଜାହାଙ୍ଗିରଙ୍କ ପରିବାର ଲ୍ୟାକତ,ଗୁନା ଏବଂ ଗୁନାର ୪ ପୁଅ ମିଶି ହଲିମାଙ୍କ ଘର ଉପରେ ବାଡି, ଲୁହା ରଡ ଓ ମାରଣସ୍ତ୍ର ନେଇ ସେମାନଙ୍କୁ ଆକ୍ରମଣ କରିଥିଲେ । ଫଳରେ ହଲିମାଙ୍କ ସମେତ ସ୍ୱାମୀ ତମିଜ୍(୬୫) ଏବଂ ପୁଅ ମୋ । ଜା । ର୍ମି ଲ(୩୫), ମୋ । ଜା । ର୍ସି ର(୩୨), ମୋଜାକିର(୩୦) ଓ ମୋବାସିର(୨୮) ପ୍ରମୁଖ ରକ୍ତାକ୍ତ ହୋଇଥିଲେ । ସେମାନଙ୍କର ହାତ, ଗୋଡ ଓ ମୁଣ୍ଡରେ ଗୁରୁତର ଆହତ ହୋଇ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଭୟରବାତାରଣ ସୃଷ୍ଟି ହୋଇଛି । ଖବର ପାଇ ପୋଲିସ ପ୍ରାଥମିକ ତଦନ୍ତ କରି ଫେରିଥିବା ଜଣାପଡିଛି । ସୂଚନା ମୁତାବକ, ଗତକାଲି ଜାହାଙ୍ଗିରଙ୍କ ପରିବାର ଲୋକେ ହଲିମା ବିବିଙ୍କ ପରିବାର ଲୋକଙ୍କୁ ନାନା ଧମକ ଚମକ ଦେଇଥିଲେ । ହଲିମାଙ୍କ ଜମିରେ ଥିବା ଏକ ଶୌଚାଳୟକୁ ପରିବାର ଲୋକେ ବ୍ୟବହାର କରୁଥିଲେ । ଏହାକୁ ଜାହାଙ୍ଗିରଙ୍କ ପରିବାର ପକ୍ଷରୁ ବିରୋଧ କରିବା ସହ ଧମକ ଚମକ ଦେଇଥିଲେ । ଫଳରେ ଏହି ଘଟଣାକୁ ନେଇ ଗତକାଲି ରାତିରେ ହଲିମା ବିବି ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଥିଲେ । ଆଜି ସକାଳେ ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତି କରି ଫେରିଯାଇଥିଲା । ଫାଣ୍ଡିରେ ଏତଲା ହେବା ନେଇ ଜହାଙ୍ଗିରଙ୍କ ପରିବାର ଲୋକେ ଉତ୍ୟେକ୍ତ ହୋଇ ହଲିମାଙ୍କ ଘର ଭିତରେ ପଶି ପରିବାର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ । ଘଟଣା ଏତେ ଉଗ୍ରରୂପ ନେଇଥିଲା ଯେ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରିବାକୁ ସାହସ କରିପାରି ନଥିଲେ ।

ଜୀବନ ଜୀବିକା ପ୍ରସଙ୍ଗ

## ଦେଶର ଆର୍ଥିକ ସ୍ୱାସ୍ଥ୍ୟ ସକାଶେ ସୁରକ୍ଷିତ ଭାବେ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଅବ୍ୟାହତ ରଖିବା ଆବଶ୍ୟକ

**ରାଜୀବ କୁମାର**

ଦେଶରେ ଏଭଳି ଅନେକ ବିରାଟ ନିର୍ମାଣ ଏବଂ ଭିତ୍ତିଭୂମି ପ୍ରକଳ୍ପ ରହିଛି ଯେଉଁଠାରେ କରୋନା ମହାମାରୀ ସଂକ୍ରମଣକୁ ରୋକିବା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଓ କ୍ଷମତା ରହିଛି।

୨୦୨୦ ମସିହା ମାର୍ଚ୍ଚ ୨୪ ତାରିଖ ଦିନ ଯେତେବେଳେ କି ଏହି ମହାମାରୀର ସଂକ୍ରମଣ, ନିରାକରଣ, ନିୟନ୍ତ୍ରଣ ଏବଂ ଉପଚାର ନିମନ୍ତେ କୌଣସି ପ୍ରକାର ଉପାୟ କାହାକୁ ଜଣାନଥିଲା, ସେତେବେଳେ ଭାରତ ୨୧ଦିନିଆ ଲକ୍‌ଡାଉନ୍ ଘୋଷଣା କରିଥିଲ ଯାହା ୨୦୨୦ ମସିହା ମେ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା ଏବଂ ତାହା ପରେ ପର୍ଯ୍ୟାୟକ୍ରମିକ ଭାବେ ଏହାର ପରିସମାପ୍ତି ଘଟାଯାଇଥିଲା। ଏହି ଲକ୍‌ଡାଉନ୍ ପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲ କିନ୍ତୁ ଏହା ଦେଶପାଇଁ ଆବଶ୍ୟକ ଥିଲା। କିନ୍ତୁ ଯେତେବେଳେ ଆମେ କରୋନା ଭୂତାଣୁ ଓ ଏହାର ଗତି ଓ ପ୍ରକୃତି ସମ୍ପର୍କରେ ଅଧିକରୁ ଅଧିକ ଜାଣିବାକୁ ପାଇଲୁ ଏବଂ ଏହାକୁ ନିୟନ୍ତ୍ରଣ କରିବା ଲାଗି ଏକ ଅତି-ସ୍ଥାନୀୟ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସଭିଏଁ ଅବଗତ ହେଲେ, ସେତେବେଳେ ଦେଶବ୍ୟାପୀ ଲକ୍‌ଡାଉନ୍ ଦ୍ୱାରା ଆର୍ଥିକ କାର୍ଯ୍ୟକଳାପ ତଥା ଜୀବନଜୀବିକା ଉପରେ ଏହାର ପ୍ରଭାବ ସ୍ୱଳ୍ପ ମାତ୍ରାରେ ପଡ଼ିଥିଲା ବୋଲି ବୁଝାପଡ଼ିଥିଲା।

କରୋନାର ପ୍ରଥମ ଲହର ଶେଷ ବେଳକୁ ଏହା ସ୍ପଷ୍ଟତର ହୋଇଥିଲା ଯେ ଭାରତ ଭଳି ଏକ ବିଶାଳ ଓ ବିବିଧତା ଭରା ଦେଶରେ, ବିଭିନ୍ନ ରାଜ୍ୟରେ ଏହି ବୈଶ୍ୱିକ ମହାମାରୀ ଭିନ୍ନ ଭିନ୍ନ ପର୍ଯ୍ୟାୟ ଅବା ଅବସ୍ଥାରେ ରହିଛି। ପୁଣି ଏହି ମହାମାରୀର ମୁକାବିଲା ନିମନ୍ତେ ପ୍ରତି ରାଜ୍ୟର ପ୍ରସ୍ତୁତି ଏବଂ ସେମାନଙ୍କର ଜୀବନ ଓ ଜୀବିକା ମଧ୍ୟରେ ସନ୍ତୁଳନରେ ମଧ୍ୟ ଭିନ୍ନତା ରହିଛି। ରାଜ୍ୟର ଯେଉଁସବୁ ଜିଲ୍ଲାଗୁଡ଼ିକରେ କରୋନା ପ୍ରଭାବ ସାମାନ୍ୟ ଥିଲା ଲକ୍‌ଡାଉନ୍ ଯୋଗୁ ସେଠାରେ ଥିବା ଉଦ୍ୟୋଗଗୁଡିକ ମଧ୍ୟ ବନ୍ଦ୍ ରହିବାକୁ ବାଧ ହୋଇଥିଲେ। ଏହା ସେତେବେଳେ ଥିଲା ସୀମିତ ବିକଳ୍ପ। ଏବେ କିନ୍ତୁ ରାଜ୍ୟମାନଙ୍କୁ କରୋନା ଭୂତାଣୁ ବିରୋଧରେ ସଂଗ୍ରାମ ଜାରି ରଖିବା ସହିତ ସ୍ଥାନୀୟ ରଣନୀତି ଆପଣାଇବାକୁ ସୁଯୋଗ ପ୍ରଦାନ କରାଯାଉଛି।

ବ୍ୟାଙ୍କ୍ ଜମା କ୍ଷେତ୍ରରେଦୁଇ ଅଙ୍କ ବିଶିଷ୍ଟ ବିକାଶ ଯାହାକି ବ୍ୟବସାୟିକ ବ୍ୟାଙ୍କମାନଙ୍କରୁ ଅଣ-ଖାଦ୍ୟ ଋଣ କ୍ଷେତ୍ରରେ ତୁଳନାତ୍ମକ ଦୃଷ୍ଟିରୁ ୫%ରୁ କମ୍ ବିକାଶ ହାସଲ କରିଛି ତାହା ସୂଚୀତ କରେ ଯେ ଏବେ ଦେଶରେ ଖାଉଟିମାନଙ୍କ ଚାହିଦା ଓ ମାନସିକତାକୁ ଦୁର୍ବଳ କରିଛି। ଶିଳ୍ପସଂସ୍ଥାମାନଙ୍କର ପୂର୍ଣ୍ଣ କ୍ଷମତା ଉପଯୋଗ ଏବେସୁଦ୍ଧା ୭୦%ରୁ କମ୍ ରହିଛି। ଆତ୍ମ ପ୍ରୋତ୍ସାହନକାରୀ ପ୍ରଭାବୀ ନିବେଶ ଚକ୍ରରେ ହୋଇଥିବା ୮୦% ନିବେଶ ତୁଳନାରେ ଏହା ଯଥେଷ୍ଟ କମ୍ ବୋଲି ବିଶ୍ୱାସ କରାଯାଏ। ନଗଦ ପୁଂଜି ହସ୍ତାନ୍ତର ଦ୍ୱାରା ବୃଦ୍ଧି ପାଉଥିବା ବିକାଶ ମାନସିକତା ଯାହାକି ପର୍ଯ୍ୟାପ୍ତ କିମ୍ବା ଦୀର୍ଘସ୍ଥାୟୀ ନୁହେଁ, ତାହା ସ୍ୱଳ୍ପକାଳୀନ ବୋଲି ବିବେଚନା କରାଯାଇଥାଏ; ତାହା ଏବେ ଭାରତକୁ ଉଚ୍ଚତର ସାଧାରଣ ସରକାରୀ ଋଣ ପର୍ଯ୍ୟାୟକୁ ଉନ୍ନୀତ କରିଛି ଯେଉଁଥିରୁ ସେପରି କୌଣସି ଦୃଷ୍ଟାନ୍ତମୂଳକ ଉପକାର ସୁଦ୍ଧା ପ୍ରାପ୍ତ ହେଉନାହିଁ।

ବରଂ ଭାରତ ଅନିଶ୍ଚିତ ଭାବେ ଏଭଳି ଆର୍ଥିକ ସମ୍ପ୍ରସାରଣକୁ ଆପଣାଇଥିଲା ତଥା ଯେଉଁସବୁ କ୍ଷେତ୍ରରେ ଆର୍ଥିକ ପ୍ରଗତିର ମାତ୍ରା ଅଧିକଭାବେ ହାସଲ କରାଯାଇପାରିବ ଓ ନିଯୁକ୍ତି ବୃଦ୍ଧି ହୋଇପାରିବ ସେହିସବୁ କ୍ଷେତ୍ରରେ ବ୍ୟୟ ବଢ଼ାଇ ଉତ୍ପାଦନ କ୍ଷମତା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଭାରତର ଅର୍ଥନୀତିକୁ ବିଶ୍ୱସ୍ତରରେ ଅଧିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉପସ୍ଥାପନ କରିବା।

ଭିତ୍ତିଭୂମି ନିର୍ମାଣ ଏବଂ ବାସଗୃହ ନିର୍ମାଣ (ରିଅଲ୍ ଇଷ୍ଟେଟ୍) କ୍ଷେତ୍ରରେ ଯେତିକି ଅର୍ଥ ବ୍ୟୟ କରାଯାଇଥାଏ ଅର୍ଥନୀତିର ଅନ୍ୟ କ୍ଷେତ୍ର ତୁଳନାରେ ଏଥିରେ ପ୍ରତି ୟୁନିଟ୍‌ରେ ପାଞ୍ଚଗୁଣ ଅଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାଏ। ତେଣୁ ଏହି କ୍ଷେତ୍ରରେ ଥିବା ବୃହତ୍ ଉଦ୍ୟୋଗମାନଙ୍କର କାର୍ଯ୍ୟ ପ୍ରଗତି ସହିତ ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରେ କରୋନା ମହାମାରୀ ସଂକ୍ରମଣକୁ ସର୍ବନିମ୍ନ ସ୍ତରରେ ରଖିବାର ମଧ୍ୟ ଦାୟିତ୍ୱ ଓ କ୍ଷମତା ରହିଛି। ଭାରତର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱୀ ସାମର୍ଥ୍ୟକୁ ଉନ୍ନତ କରିବା ସହିତ ଆର୍ଥିକ ବିକାଶକୁ ସହାୟକ ହେବା ନିମନ୍ତେ ସେମାନେ ଉତ୍ପାଦନ ଓ ସେବା ତଥା ଜୀବନଜୀବିକା ସୃଷ୍ଟି କରିବା ସମୟରେ, ଏହା ଉଚିତ ହେବ ଯେ ସେମାନେ ଭିତ୍ତିଭୂମି, ଲଜିଷ୍ଟିକ୍ସ କ୍ଷେତ୍ରରେ ପୁଂଜିନିବେଶକୁ ତ୍ୱରାନ୍ୱିତ କରନ୍ତୁ। ଏଥବ ସହିତ ଦେଶର ଆର୍ଥିକ ସାମର୍ଥ୍ୟକୁ ମଧ୍ୟ ଅଧିକ ମଜଭୁତ କରିବା ଦିଗରେ ପ୍ରୟାସୀ ହୁଅନ୍ତୁ ଯାହାକି ସହରାଞ୍ଚଳ କ୍ଷେତ୍ରକୁ ଅଧିକ ସକ୍ରିୟ ଓ କ୍ରିୟାଶୀଳ କରିବ।

ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ଅର୍ଥ ବିନିଯୋଗ ହେଉଛି ବିକଳ୍ପଭାବେ ତାହା ହସପିଟାଲମାନଙ୍କରେ ନିବେଶ କରାଯିବା ଅନୁଚିତ ବୋଲି ଯେଉଁ ଯୁକ୍ତି ଦର୍ଶାଯାଉଛି ତାହା ବିଭ୍ରାନ୍ତକର। ଭାରତ ପାଇଁ ଅଧିକ ତଥା ଉନ୍ନତ ଚିକିତ୍ସାଳୟର ଆବଶ୍ୟକତା ରହିଛି। ତେଣୁ ଏହି କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ପ୍ରଫେସନାଲମାନଙ୍କ ସଂଖ୍ୟାରେ ଯେତିକି ଆବଶ୍ୟକତା ବୃଦ୍ଧି ଅନୁଭୂତ ହେଉଛି ତତ୍ତୁଲ୍ୟ ସଂଖ୍ୟକ ହସପିଟାଲ ମଧ୍ୟ ସ୍ଥାପିତ ହେବା ଆବଶ୍ୟକ। ଅର୍ଥାତ, ଉଭୟ କ୍ଷେତ୍ରର ପ୍ରଗତି ସମାନ ଗତିରେ ହେବା ଜରୁରି। ଏଠାରେ ଉଲ୍ଲେଖଯୋଗ୍ୟଯେ ସରକାର ଏବେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଅଧିକ ବ୍ୟୟ ବରାଦ କରୁଛନ୍ତି ଏବଂ ଲୋକମାନଙ୍କ ନିରାମୟ ସ୍ୱାସ୍ଥ୍ୟ ନିମନ୍ତେ ବିଗତ ବର୍ଷ ତୁଳନାରେ ଏହି ବଜେଟରେ ୧୩୫% ବ୍ୟୟ ବୃଦ୍ଧି କରିଛନ୍ତି। ୨୦୧୪ ମସିହା ଠାରୁ ଦେଶରେ ଏମ୍ସ କ୍ୟାମ୍ପସ ପରିସର ୨୬୭% ବୃଦ୍ଧି ପାଇଛି ଯାହା ଛଅରୁ ଆସି ୨୨ ଛୁଇଁଛି। ମେଡ଼ିକାଲ କଲେଜ ସଂଖ୍ୟାରେ ୪୮% ବୃଦ୍ଧି ଘଟି ତାହା ୩୮୧ରୁ ୫୬୫କୁ ଉନ୍ନୀତ ହୋଇଛି। ସେହିସବୁ ମେଡ଼ିକାଲ କଲେଜମାନଙ୍କରେ ଏମବିବିଏସ ସିଟ୍ ସଂଖ୍ୟରେ ୫୮% ବୃଦ୍ଧି ଘଟାଯାଇଛି ଏବଂ ଏହି ସଂଖ୍ୟା ୫୪,୩୪୮ରୁ ବୃଦ୍ଧି ପାଇ ୮୫,୭୨୬ରେ ପହଞ୍ଚିଛି। ସେହିଭଳି ପୋଷ୍ଟଗ୍ରାଜୁଏଟ୍ ସିଟ୍ ସଂଖ୍ୟାରେ ୮୦% ବୃଦ୍ଧି ଘଟିଛି ଏବଂ ତାହା ୩୦,୧୯୧ରୁ ବଢ଼ି ୫୪,୨୭୫ ଛୁଇଁଛି। ଏବେ ଯେଉଁ ମାତ୍ରାରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଫେସନାଲଙ୍କ ସଂଖ୍ୟା ବୃଦ୍ଧି ପାଇଛି ଭାରତ ଇତିହାସରେ ପୂର୍ବରୁ ତାହା କେବେ ଘଟିନଥିଲା।

ଏବେ ଯୁକ୍ତି କରାଯାଉଛି ଯେ ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ଅର୍ଥ ବ୍ୟୟ କରାଯାଉଛି ତାହା ଅକ୍ସିଜେନ୍ ଉତ୍ପାଦନ, ଔଷଧ ପ୍ରସ୍ତୁତି ଏବଂ ଟିକାକରଣ ନିମନ୍ତେ ଉପଯୋଗ ହେବାକୁ ଥିବା ଅର୍ଥକୁ ନେଇଯାଉଛି। ଏଭଳି ଯୁକ୍ତି ମଧ୍ୟ ସଂପୂର୍ଣ୍ଣ ଭୁଲ୍। ସେହି କ୍ଷେତ୍ରକୁ ଯୋଗାଇ ଦିଆଯାଇଥିବା ଅର୍ଥ ଏବେସୁଦ୍ଧା ବ୍ୟୟ ନହୋଇ ପଡ଼ିରହିଛି ଯାହା ବିଭିନ୍ନ ସ୍ତରରେ ଯୋଗାଣ, ସମନ୍ୱୟ ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଥିବା ସମସ୍ୟାକୁ ହିଁ ଦର୍ଶାଏ।

ଉଦାହରଣ ସ୍ୱରୂପ, ଗତ ଅକ୍ଟୋବର ମାସରେ କେନ୍ଦ୍ର ସରକାର ରାଜ୍ୟମାନଙ୍କର ସରକାରୀ ହସପିଟାଲ ପରିସରରେ ୧୬୨ଟି ଅକ୍ସିଜେନ୍ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ଯାହାକି ୨୦୨୦ ମସିହାରେ ସେମାନଙ୍କୁ ଦିଆଯାଇଥିଲା ଯଦିଚ ସେତେବେଳେ ଦୈନିକ ସଂକ୍ରମଣ ମାତ୍ରା ସେତେବେଳକୁ ହ୍ରାସ ପାଇସାରିଥିଲା। ଚଳିତ ବର୍ଷ ଏପ୍ରିଲ ମାସ ମଝାମଝି ସେଥିରୁ ମାତ୍ର ୩୩ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। କିନ୍ତୁ ଗତ ମାସରେ ପ୍ରାରମ୍ଭିକ ଅବସ୍ଥାରେ ତିନିଗୁଣ ଅଧିକ ଅକ୍ସିଜେନ୍ ଅର୍ଡ଼ର ଦିଆଯାଇଛି। ତେଣୁ ଏଥିରୁ ସ୍ପଷ୍ଟ ଭାବେ ସୂଚୀତ ହୁଏ ଯେ ଆର୍ଥିକ ସମ୍ବଳ ବ୍ୟତୀତ ସମସ୍ୟା ଅନ୍ୟଠାରେ ହିଁ ରହିଛି। ଏଠାରେ ଗୁରୁତ୍ୱର ସହିତ ଉଲ୍ଲେଖ କରାଯିବା ଆବଶ୍ୟକ ଯେ କରୋନା ମହାମାରୀକୁ ପ୍ରତିହତ କରିବା ନିମନ୍ତେ କୌଣସି ସମୟରେ ସାମାନ୍ୟତମ ଆର୍ଥିକ ସମସ୍ୟା ଦେଖାଯାଇନାହିଁ।


ଯୁକ୍ତି ଉପସ୍ଥାପନ କରାଯାଉଛି ଯେ ନୂଆଦିଲ୍ଲୀଠାରେ ନିର୍ମାଣ କରାଯାଉଥିବା ନୂତନ ସଂସଦ ଭବନ ସ୍ୱାସ୍ଥ୍ୟସେବା ଏବଂ ପ୍ରଦୂଷଣ ଭଳି ଉଦ୍‌ବେଗଜନକ କ୍ଷେତ୍ରରୁ ସମ୍ବଳ ନେଇଯାଉଛି। ଏହା ଏକ ଆତ୍ମ ବଡ଼ିମା ପ୍ରଦର୍ଶନକାରୀ ପ୍ରକଳ୍ପ। ଏଭଳି ଯୁକ୍ତି ଯେତିକି ବିଭ୍ରାନ୍ତକର ସେତିକି ଉଦ୍ଦେଶ୍ୟ ପ୍ରଣୋଦିତ। କରୋନା ମହାମାରୀ ଆରମ୍ଭ ହେବାର ଢେର୍ ପୂର୍ବରୁ ହିଁ ଦିଲ୍ଲୀର ସହରାଞ୍ଚଳର ପୁନର୍ବିନ୍ୟାସ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହିସବୁ ପ୍ରକଳ୍ପର ପ୍ରଗତିକୁ ମଝିରେ ମନ୍ଥର କରିବା ଅବା ସେସବୁକୁ ସଂପୂର୍ଣ୍ଣ ରୂପେ ବନ୍ଦ୍ କରିବା ନିମନ୍ତେ, ଯେତେବେଳେ କି ଅର୍ଥନୀତିକୁ କର୍ମନିଯୁକ୍ତି ସୃଷ୍ଟି ଏବଂ ଏହାର ଚାହିଦା ବୃଦ୍ଧି ସକାଶେ ସରକାରୀ ବ୍ୟୟରେ ଏଭଳି ପ୍ରୟାସ କରାଯାଉଛି, ସେତେବେଳେ ଏଭଳି ଅବାନ୍ତର ଯୁକ୍ତି ଉପସ୍ଥାପନ କରିବା ବାସ୍ତବିକ୍ ବିସ୍ମୟକର। ଯେତେବେଳେ କି ଏହିସବୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସୁପ୍ରସିଦ୍ଧ କମ୍ପାନୀମାନଙ୍କୁ ନିୟୋଜିତ କରାଯାଇଛି ଏହା ନିଶ୍ଚିତ ରୂପେ ସତ୍ୟ ଯେ ସେମାନେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ ସକାଶେ ଆବଶ୍ୟକ ସକଳ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି।

କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ଯେତେବେଳେ ଗୋଟିଏ ଭବନରେ ଏକତ୍ର ରହିବେ, ସେତେବେଳେ ନିଶ୍ଚିତ ଭାବେ ସକ୍ରିୟତାର ସହିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗମାନ ବିକ୍ଷିପ୍ତ ଅବସ୍ଥାରେ ଭିନ୍ନ ଭିନ୍ନ ସ୍ଥାନରେ ରହିଛି। କାର୍ଯ୍ୟାଳୟକୁ ଉତ୍ତମ ସଂଯୋଗ ସ୍ଥାପନ ଠାରୁ ସେୟାର୍ଡ଼ ପରିବହନ ଦ୍ୱାରା ମଧ୍ୟ ଅଧିକ ମାତ୍ରାରେ ସମୟ ବଞ୍ଚାଇବ, ସଡ଼କରେ ଭିଡ଼ କମିବ ଓ ପ୍ରଦୂଷଣ ମାତ୍ରା ହ୍ରାସ ପାଇବ। ଆଜି ଯେଉଁମାନେ ବିଭିନ୍ନ ଭବନକୁ ଯାତାୟାତ କରୁଛନ୍ତି ସେମାନେ ଅନୁଭବ କରନ୍ତିଯେ ସେହିସବୁ ଭବନମାନ ସେମାନଙ୍କର ଆୟୁକାଳ ଅତିକ୍ରାନ୍ତ କରିସାରିଛନ୍ତି। ବିଶେଷ କରି ଜଣେ ଯଦି ଶକ୍ତି ସକ୍ରିୟତା ଓ କାର୍ଯ୍ୟ ପରିସର କଥା ଶ୍ରମଦକ୍ଷତା ଦୃଷ୍ଟିରୁ ଚିନ୍ତାକରିବେ ତେବେ ସେମାନେ ଏହାର ଆବଶ୍ୟକତା କେତେ ତାହା ସହଜରେ ଅନୁଭବ କରିପାରିବେ। ସେହିସବୁ ଭବନମାନ ବିଗତ ବର୍ଷମାନଙ୍କରେ କେବଳ ଭଙ୍ଗାରୁଜା, ମରାମତି ଓ ସଂପ୍ରସାରଣ ମାଧ୍ୟମରେ ପ୍ୟାଚ୍‌ୱାର୍କରେ ପରିଣତ ହୋଇସାରିଛି।

କରୋନା ସଂକ୍ରମଣ ମାତ୍ରାକୁ ହ୍ରାସ କରିବା ନିମନ୍ତେ ପ୍ରୟାସ ଏବଂ ଏହାର ସମ୍ଭାବ୍ୟ ପରିଣାମର ମୁକାବିଲା ସକାଶେ ସରକାର ସମଗ୍ର ପ୍ରକଳ୍ପ ପ୍ରତି ଆବଶ୍ୟକ ଧ୍ୟାନ ଦେଉଛନ୍ତି। ସେହିଭଳି ଭାରତରେ ବିଭିନ୍ନ ଭିତ୍ତିଭୂମି ତଥା ନିର୍ମାଣ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ କରାଯିବା ଦ୍ୱାରା ଦେଶର ପୁଂଜିକୁ ବଞ୍ଚାଇବ ଏବଂ ପୁଂଜିର ପୁନଃଚକ୍ରଣକୁ ଅଧିକ ତ୍ୱରାନ୍ୱିତ କରିବ। ଏଥି ସହିତ ବିକାଶ ଓ ନିଯୁକ୍ତି ସୃଷ୍ଟିରେ କ୍ଷିପ୍ରତା ଆସିଲେ ଅର୍ଥନୀତିର ଅଭିବୃଦ୍ଧି ସମ୍ଭବ ହୋଇପାରିବ। ଭିତ୍ତିଭୂମି ପ୍ରକଳ୍ପ ଓ ବଡ଼ ବଡ଼ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ଚାଲୁ ରଖିବା ଏବଂ ସେଠାରେ କରୋନା ସଂକ୍ରମଣକୁ ରୋକିବା ସକାଶେ ଉପଯୁକ୍ତ ପ୍ରାବଧାନ କରିବା କେବଳ ଏହି ମହାମାରୀକୁ ରୋକିବ ନାହିଁ, ସେଥିସହିତ ଅର୍ଥନୀତିକୁ ମଧ୍ୟ ସ୍ୱାଭାବିକ ହେବାରେ ସହାୟକ ହେବ।

-ଉପାଧ୍ୟକ୍ଷ, ନିତି ଆୟୋଗ

## ଦିନକୁ ଗୋଟିଏ ଆସ୍ପିରିନ୍ କ୍ୟାନସରକୁ ଦୂର କରିବ




୫୦ରୁ ୭୦ ବର୍ଷ ବୟସ୍କ ଲୋକଙ୍କୁ ବାଉଲ ବା ଆନ୍ତରେ କର୍କଟ ହୋଇଥାଏ । କେତକଙ୍କୁ ଜରାୟୁ କର୍କଟ ହୋଇଥାଏ । ଅଷ୍ଟ୍ରେଲିଆରେ କରାଯାଇଥିବା ଏକ ଗବେଷଣା ଅନୁଯାୟୀ ଦିନକୁ ଗୋଟିଏ ଆସ୍ପିରିନ୍ ଖାଇଲେ କର୍କଟ ହେବ ନାହିଁ । ଅଷ୍ଟ୍ରେଲିଆର ଗବେଷକମାନେ ସାରା ବିଶ୍ୱରେ ଏହି ଗବେଷଣା କରିଥିଲେ । ରୟାଲ ମେଲବର୍ଣ୍ଣ ହସ୍‌ପିଟାଲର ଗବେଷକମାନେ ଏହି ଗବେଷଣା କରିଥିଲେ । ୨ ବର୍ଷ ଧରି ଏହି ଗବେଷଣା ଚାଲିଥିଲା । ଏଥିରୁ କର୍କଟ ବା କ୍ୟାନସର ହେବାର ଲକ୍ଷଣ ୫୦ ପ୍ରତିଶତ ହ୍ରାସ ପାଇଛି ବୋଲି ଗବେଷଣା ପରେ କୁହାଯାଇଛି । ବିଶ୍ୱର ଲୋକପ୍ରିୟ ବିଜ୍ଞାନ ପତ୍ରିକା ଲାନ୍ ସେଟ୍‌ରେ ଏହାର ରିପୋର୍ଟ ପ୍ରକାଶ ପାଇଛି ।

ମିଚେଲ୍ ରିଟଚି ନାମକ ବ୍ୟକ୍ତିଙ୍କର ଲାଇନ୍‌ଚ୍ ସିଣ୍ଡ୍ରୋମ ରହିଛି । ତାଙ୍କର କ୍ୟାନସର ହେବାର ଆଶଙ୍କା ଖୁବ୍ ବେଶୀ । ତେବେ ସେ ଗତ ୨୦ ବର୍ଷ ଧରି ପ୍ରତିଦିନ ଗୋଟିଏ ଲେଖାଏ ଆସ୍ପିରିନ୍ ଖାଉଛନ୍ତି । ଏଥିଯୋଗୁଁ ତାଙ୍କୁ ନିକଟରେ କ୍ୟାନସରର ଲକ୍ଷଣ ଦେଖାଯାଇ ନାହିଁ ।

ଏହାପରେ ଆସ୍ପିରିନ୍ ଦିଆଯାଇ ୪୨୭ ଜଣଙ୍କ ଉପରେ ଗବେଷଣା କରାଯାଇଥିଲା । ୧୦ରୁ ୨୦ ବର୍ଷ ଧରି ବିଭିନ୍ନ ଲୋକଙ୍କ ଉପରେ ଗବେଷଣା କରାଯାଇଥିଲା ସେମାନଙ୍କୁ କ୍ୟାନସର ହେବାର ଲକ୍ଷଣ ୫୦ପ୍ରତିଶତ ହ୍ରାସ ପାଇଥିବା ଦେଖିବାକୁ ମିଳିଛି ।


ମେଲବର୍ଣ୍ଣ ହସ୍‌ପିଟାଲ୍‌ର ପ୍ରଫେସର ଫିନ୍‌ଲେ ମାକରାଇ ଏହି ଗବେଷଣା କରିଥିଲେ । ଆସ୍ପିରିନ୍ ବ୍ୟବହାରର ସକରାତ୍ମକ ଦିଗ ବିଷୟରେ ସେ ଏହି ଗବେଷଣାରୁ ଜାଣିବା ପାଇଁ ପାଇଛନ୍ତି ।

## ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିଲେ

ଆଜିର ଯୁବପିଢ଼ି ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ପାଇଁ ବିଭିନ୍ନ ପ୍ରକାର ଉପାୟ ଆପଣେଇବାକୁ ପଛାଉ ନାହାନ୍ତି । ବିଶେଷ କରି ସେମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧନ ବା ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଏସବୁ ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି, ସେ ଦିଗରେ ସେମାନେ ସଚେତନ ନାହାନ୍ତି...



♦ ଯୁବପିଢ଼ିଙ୍କର ସାଧାରଣତଃ ଅନ୍ୟଠୁ ସୁନ୍ଦରର ଏବଂ ଆକର୍ଷଣୀୟ ଦେଖାଯିବାକୁ ନେି ଏକ ପ୍ରତିଯୋଗିତାମୂଳକ ଭାବନା ରହିଥାଏ । ତେଣୁ ସେମାନେ ଅନ୍ୟଠାରୁ ଅଧିକ ଗୋରା ହେବା ନିଶାରେ ବିଭିନ୍ନ କମ୍ପାନୀର ଫେୟାର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଇନ୍‌ଷ୍ଟାଣ୍ଟ ଫେଆରନେସ୍ ଦେଉଥିବା ଏହି କ୍ରିମ୍‌ଗୁଡ଼ିକରେ ବ୍ୟବହାର କରାଯାଉଥିବା ମର୍‌କ୍ୟୁରୀ, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ପରବର୍ତ୍ତୀ ସମୟରେ ତ୍ୱଚାକୁ ହାନି ପହଞ୍ଚାଇଥାଏ । କେବଳ ଏତିକି ନୁହେଁ, କେତେକ ଫେଆର୍‌ନେସ୍ କ୍ରିମ୍‌ରେର ଏକ୍‌ଜିମା ଭଳି ରୋଗର ଔଷଧରେ ବ୍ୟବହୃତ ଷ୍ଟିରଏଡ୍‌ର ଯଥେଷ୍ଟ ଅଧିକ ଗୁଣ ଷ୍ଟିରଏଡ୍ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଇଛି ।



ଅଷ୍ଟ୍ରେଲିଆନ୍ ପବ୍ଲିକ୍ ହିଟାଲ୍ ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରିଛି ।

♦ ସେହିପରି ବିଭିନ୍ନ କଲର ବା ସେଡ୍‌ର ଲିପ୍‌ଷ୍ଟିକ୍ ବିନା ବର୍ତ୍ତମାନ ଯୁବତୀଙ୍କର ଯେମିତି ମେକ୍‌ଅପ୍ ଅଧୁରା । ହେଲେ କେତେକ ଲିପ୍‌ଷ୍ଟିକରେ ମିଶା ଯାଉଥିବା ଲେଡ୍ ବା ସୀସା ଶରୀର ପାଇଁ ହାନିକାରକ ।

♦ ପରଫେକ୍ଟ ଲୁକ୍ ପାଇଁ ବର୍ତ୍ତମାନ ଯୁବତୀଯୁବକ ବିଭିନ୍ନ ପ୍ରକାର ହେୟାର କଟିଂ, ଷ୍ଟ୍ରେଟ୍‌ନିଂ, କଲରିଂ ପ୍ରତି ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ହେଲେ ଏସବୁ କରିବା ଲାଗି ବ୍ୟବହାର ହେଉଥିବା ପ୍ରଡକ୍ଟରେ ଥିବା କ୍ଷତିକାରକ କେମିକାଲ୍ ପରବର୍ତ୍ତୀ ସମୟରେ କେଶ ଝଡ଼ିବା, ପାଚିବା ସହ ଚନ୍ଦାପଣ ଭଳି ସମସ୍ୟାର କାରଣ ସାଜୁଛି ।

♦ ସେହିପରି ଯୁବତୀମାନେ ନିଜ ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କଲରର ନେଲ୍‌ପେଣ୍ଟ ଲଗାଇବା କିମ୍ବା ଏଥିରେ ଡେକୋରେଟିଭ୍ ନେଲ୍ ଆର୍ଟ ଡିଜାଇନ୍ କରିବା ଲାଗି ସେମାନେ ଖୁବ୍ ପସନ୍ଦ କରିଥାନ୍ତି ।

## ରହସ୍ୟରେ ଘେରା ଆମାଜନ୍‌ର ଫୁଟନ୍ତା ନଦୀ



ଆମାଜନ୍ ବୃଷ୍ଟି ଅରଣ୍ୟର ଯେତିକି ଅଂଶ ପେରୁରେ ଅବସ୍ଥିତ ତାହାର ଅତଡି ଗଭୀରରେ ରହିଛି ଏପରି ଏକ ନଦୀ ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । କାରଣ ଏହି ନଦୀର ଜଳ ଫୁଟନ୍ତା ପାଣି ପରି ଗରମ । ଏହା ମଧ୍ୟରେ ଯାହା ବି କିଛି ପଡ଼ିଯାଏ ସବୁକିଛିକୁ ଗ୍ରାସ କରିନିଏ ଏହି ନଦୀ । ପ୍ରାଚୀନ ଇନ୍‌କା ସଭ୍ୟତାର ଲୋକମାନଙ୍କ ପାଖରେ ଏହି ନଦୀ ଥିଲା ସୂର୍ଯ୍ୟଦେବଙ୍କ ଜଳସ୍ରୋତ । ସୂର୍ଯ୍ୟଙ୍କ ଉତ୍ତାପରେ ଏହି ନଦୀର ଜଳ ଫୁଟିଥାଏ ବୋଲି ପ୍ରାଚୀନ ଜନଜାତିର ଲୋକେ ବିଶ୍ୱାସ କରୁଥିଲେ । ଇନ୍‌କାମାନେ ନିଜକୁ ସୂର୍ଯ୍ୟଙ୍କ ଉପାସକ ବୋଲି ମନେ କରୁଥିଲେ । ଏହି ନଦୀର ନାମ ସେମାନେ ଦେଇଥିଲେ 'ଶାନୟ ଟିମ୍ପିସଖା' ସ୍ପେନୀୟ ବାହିନୀ ଯେଉଁମାନେ ଇନ୍‌କା ସଭ୍ୟତା ଜୟ କରିବା ପାଇଁ ଅଭିଯାନ ସମ୍ଭାଳିଥିଲେ ସେମାନଙ୍କ ବିବରଣୀରେ ମଧ୍ୟ ଏହି ନଦୀ କଥା ଉଲ୍ଲେଖ ଅଛି । କିନ୍ତୁ କେଉଁ କାରଣରୁ ଏହି ନଦୀର ଜଳ ଫୁଟନ୍ତା ତାହା ବହୁ ବର୍ଷ ପର୍ଯ୍ୟନ୍ତ ଅଜଣା ଥିଲା । ଆହୁରି ଅନେକ ଲୋକଙ୍କ ଭଳି ଏହି ନଦୀ କଥା ଶୁଣିଥିଲେ ଆନ୍ଦ୍ରେ ରୁଜୋଓ । ସେତେବେଳେ ସେ ପେରୁର ରାଜଧାନୀ ଲିମାର ବାସିନ୍ଦା ଥିଲେ । ପିଲାଦିନେ ଆନ୍ଦ୍ରେ ଭାବିଥିଲେ ବଡ଼ ହେଲେ ସେ ଏହି ନଦୀର ରହସ୍ୟଭେଦ କରିବେ । କୈଶୋରରୁ ଆରମ୍ଭ କରି ୧୨ ବର୍ଷ ପର୍ଯ୍ୟନ୍ତ ସେ ଏହି ନଦୀର ଅସ୍ତିତ୍ୱକୁ ନେଇ ବିଶ୍ୱାସ ଅବିଶ୍ୱାସର ଦୋଛକିରେ ଥିଲେ । ଜିଓଫିଜିକ୍ସରେ ଉଚ୍ଚଶିକ୍ଷା ପାଇଁ ଆନ୍ଦ୍ରେ ଟେକ୍ସାସ ଗଲେ । ସେହି ସମୟରେ ସେ ପେରୁର ଜିଓଥର୍ମାଲ ବୈଚିତ୍ର୍ୟ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଧୀରେ ଧୀରେ ସେ ବୁଝିପାରିଥିଲେ ଫୁଟନ୍ତା ନଦୀର ଅସ୍ତିତ୍ୱ ବାସ୍ତବରେ ଅଛି । ସେହି ନଦୀ ସୂର୍ଯ୍ୟଙ୍କ ଉତ୍ତାପରେ ନୁହେଁ । ବରଂ ପୃଥିବୀ ଅଭ୍ୟନ୍ତରର ଉତ୍ତାପ କାରଣରୁ ଏହି ନଦୀର ପାଣି ଫୁଟନ୍ତ । ଏହାପରେ ପେରୁ ଫେରିଆସି ସେଇ ନଦୀ ସନ୍ଧାନରେ ବାହାରି ପଡ଼ିଥିଲେ । ଶେଷରେ ସ୍ଥାନୀୟ ଆଦିବାସୀମାନଙ୍କ ସହାୟତାରେ ସେ ଏହି ନଦୀ ପାଖରେ ପହଞ୍ଚି ପାରିଥିଲେ । ଛଅ ମାଇଲ ଦୀର୍ଘ ଏହି ନଦୀକୁ ଚାରି ଦିଗରି ଘେରି ରହିଛି ଘଞ୍ଚ ଜଙ୍ଗଲ । ନଦୀର ସର୍ବୋଚ୍ଚ ଗଭୀରତା ୧୬ ଫୁଟ । ଉଷ୍ଣ ପ୍ରସ୍ରବଣ ଭଳି ନିଜସ୍ୱ ଭଙ୍ଗୀରେ ପ୍ରସ୍ତର ଫାଙ୍କରୁ ବାହାରିଛି ଏହି ନଦୀ । ଏହାପରେ ନିଜ ଯାତ୍ରାପଥ ଶେଷ କରି ବିଲୀନ ହୋଇଛି ଆମାଜନ ନଦୀ ଗର୍ଭରେ। ବିରଳ ହେଲେ ବି ପୃଥିବୀ ପୃଷ୍ଠରେ ଅଳ୍ପ କିଛି ଫୁଟନ୍ତ ନଦୀର ଅସ୍ତିତ୍ୱ ଅଛି । ସେହି ନଦୀଗୁଡ଼ିକର ଉତ୍ପତ୍ତି ଆଗ୍ନେୟଗିରି ବୋଲି ବିଶ୍ୱାସ କରାଯାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଗାଁରେ କରୋନା....

କରୋନା ମହାମାରୀର ଦ୍ୱିତୀୟ ଲହର ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିସାରିଲାଣି । ପ୍ରଥମ ଲହରରେ ଯେତେ ଲୋକଙ୍କର ଜୀବନ ଯାଇଥିଲା, ତାହା ଦ୍ୱିତୀୟ ଲହରରେ ଯଥେଷ୍ଟ ବଢ଼ିଯାଇଛି । କେତେବେଳେ କାହାକୁ ଭୂତାଣୁ ସଂକ୍ରମଣ ହେଉଛି, ତାହା କିଛି ଠିକ୍ ଠିକଣା ନାହିଁ । ପ୍ରଥମ ଲହରରେ ଅପେକ୍ଷାକୃତ ବୟସ୍କମାନଙ୍କଠାରେ ସଂକ୍ରମଣ ଅଧିକ ଦେଖାଦେଇଥିଲା । ଦ୍ୱିତୀୟ ଦଫାରେ ସେହି ପ୍ରକ୍ରିୟାରେ କିଛି ପରିବର୍ତ୍ତନ ଆସିଛି । ବୟସ୍କମାନଙ୍କୁ କରୋନା ଭୂତାଣୁ ବାଦ୍ ଦେଇଛି, ତାହା ନୁହେଁ । ବୃଦ୍ଧ-ବୃଦ୍ଧାଙ୍କ ଛଡ଼ା ଯୁବବର୍ଗଙ୍କୁ ଭୂତାଣୁ ସଂକ୍ରମଣ ଅପେକ୍ଷାକୃତ ଅଧିକ ହୋଇଛି । ସଂକ୍ରମଣ ଓ ମୃତ୍ୟୁ ହାରରେ ଯେଉଁ ଧରଣର ବିଚିତ୍ରତା ଦେଖାଯାଉଛି, କେହି କହିପାରିବେ ନାହିଁ ଯେ, ସମ୍ଭାବ୍ୟ ସଂକ୍ରମଣର ପରବର୍ତ୍ତୀ ଚଡ଼କ କେଉଁ ବର୍ଗ ଉପରେ ପଡ଼ିବ । ଗତଥର ଅଧିକ ଭାବରେ ସହରାଂଚଳରେ ସଂକ୍ରମଣର ମାତ୍ରା ଓ କ୍ଷୀପ୍ରତା କେନ୍ଦ୍ରୀତ ଥିଲା ବୋଲି ହିସାବରୁ ଜଣାଯାଇଛି । ତାହା ବୋଲି ଗ୍ରାମାଂଚଳରେ ସଂକ୍ରମଣ ଆଦୌ ନଥିଲା ବୋଲି କୁହାଯିବ ନାହିଁ । ଜନଗହଳି ଓ ଅଧିକ ମିଳାମିଶା ଏହି କରୋନା ଅଦୃଶ୍ୟ ଭୂତାଣୁର ବସାଘର । ପରିବା ଓ ତେଜରାତି ଜିନିଷ କିଣାବିକାରେ ଆମେ ଲୋକେ ଭିଡ଼ ଜମାଇବାର ଚିରାଚରିତ ଅଭ୍ୟାସବଶତଃ ଭୂତାଣୁ ସଂକ୍ରମଣକୁ ଡାକି ଆଣିଲେ । ସରକାରୀ କଟକଣାକୁ ଏମିତିରେ ମାନୁନଥିବାରୁ ସଂକ୍ରମଣର ବେଗ ବଢ଼ିଚାଲିଲା । ଦ୍ୱିତୀୟ ଲହର ଅଧିକରୁ ଅଧିକ ସହରକୁ ଗ୍ରାସ କରିଚାଲିଥିବାବେଳେ ଏବେ ଗ୍ରାମାଂଚଳରେ ବ୍ୟାପିବାରେ ଲାଗିଛି । ଯେତେବେଳେ ପ୍ରତିଷେଧକ ଟିକାର ବ୍ୟାପକ ପ୍ରୟୋଗ ଆରମ୍ଭ ହୋଇଛି, ସମସ୍ତେ ଆଶା କରୁଛନ୍ତି କି, ଅତି କମରେ ସଂକ୍ରମଣ ପ୍ରତିରୋଧକ୍ଷତା ଟିକାଗ୍ରହୀତାମାନଙ୍କ ଭିତରେ ବଢ଼ିଛି । ଏହି ଆଶ୍ୱାସନା ଭିତରେ ରହିଥିବା ଜନସାଧାରଣ ପୂର୍ବାପେକ୍ଷ ଏଥର ଅଧିକ ସଚେତନ ଅଛନ୍ତି । ମନଇଚ୍ଛା ବାହାରେ ବୁଲିବା କମିଯାଇଛି, ପୁଲିସ ଓ ପ୍ରଶାସନ ସହ କରୋନା ବିରୋଧରେ ଲଢୁଥିବା ଚିକିତ୍ସକ ଓ ପାରାମେଡିକମାନେ ଅଧିକ ଜାଗ୍ରତ ହୋଇଛନ୍ତି । ଦିନକ ତଳେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଫୋକସ୍ ଗ୍ରାମାଂଚଳରେ ସଂକ୍ରମଣ ରୋକାଯିବା ଉପରେ ଦିଆଯାଇଛି । ଆଶାକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଗ୍ରାମାଂଚଳରେ ଅଧିକ ନିୟୋଜିତ କରାଯିବା ସକାଶେ ବୈଠକରେ ସ୍ଥିର କରାଯାଇଛି । ସେମାନଙ୍କ ଜରିଆରେ କିଭଳି ଟେଷ୍ଟିଂ ବଢ଼ାଯାଇପାରିବ, ତାହା ଉପରେ ପ୍ରାଥମିକତା ଦେବା ସହ ଆଣ୍ଟିଜେନ୍ ଟେଷ୍ଟ ଲାଗି ପ୍ରଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାକୁ କୁହାଯାଇଛି । ତାହାବାଦ୍ ପ୍ରବାସୀ ଓ ଅନ୍ୟମାନେ ନିଜ ହେପାଜତରେ ସଙ୍ଗରୋଧରେ ରହିବାକୁ ପ୍ରବର୍ତ୍ତାଯିବା ସହ ତାହା ଉପରେ ତଦାରଖ ଦାୟିତ୍ୱ ସମ୍ପୃକ୍ତ ଅଂଚଳର ଶିକ୍ଷକମାନଙ୍କୁ ଦିଆଯିବା ପାଇଁ କୁହାଯାଇଛି । ଗାଁରେ ବିଦ୍ୟାଳୟ ଓ ସେହିଭଳି ଅନୁଷ୍ଠାନରେ ତିରିଶ ଶଯ୍ୟାବିଶିଷ୍ଟ କେୟାର ସେଂଟର ଖୋଲି ସେଠାରେ ସନ୍ଦିଗ୍ଧ ରୋଗୀଙ୍କର ହେପାଜତର ବ୍ୟବସ୍ଥା କରାଯିବା । ଏମିତି ନୁହଁ ଯେ, ଯାହାକୁ ଥଣ୍ଡା, କାଶ ଓ ଛିଙ୍କ ହେଉଛି ସେମାନେ ସମସ୍ତେ ସଂକ୍ରମିତ । ମାତ୍ର ସଂକ୍ରମଣର ଝୁଙ୍କ୍ ନନେବାକୁ ହେଲେ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ କେୟାର ସେଂଟରରେ ରଖି ସନ୍ଦିଗ୍ଧ ବୋଲି ବିଚାର କରାଯାଉଥିବା ବ୍ୟକ୍ତିଙ୍କୁ ଆବଶ୍ୟକ ଚିକିତ୍ସା କରିବାକୁ ପରାମର୍ଶ ଦିଆଯିବ । ବିଶେଷକରି ଅକ୍ସିଜେନ ସ୍ତର ଊଣା ହୋଇଯାଉଥିବା ଏବଂ ଏକାଧିକ ରୋଗରେ ପୀଡ଼ିତମାନଙ୍କ ପାଇଁ ଏଭଳି ଉପଚାର ଉଦ୍ଦିଷ୍ଟ ବୋଲି କୁହାଯାଉଛି । ଗାଁଗଣ୍ଡାରେ ଉପଯୁକ୍ତ ଚିକିତ୍ସା ସକାଶେ ବ୍ୟବସ୍ଥା ଉପଲବ୍ଧ ନଥିବାରୁ ସଂକ୍ରମିତମାନଙ୍କ ପାଇଁ ଅଧିକ ବ୍ୟବସ୍ଥାର ଆବଶ୍ୟକତା ରହିଛି ।

## ଭାରତ ବିରୋଧୀ ଅପପ୍ରଚାର



ଡ ସମନ୍ୱୟ ନନ୍ଦ

ଭାରତରେ ଏପରି ଏକ ବର୍ଗ ରହିଛି ଯିଏ ସବୁବେଳେ ଭାରତର ଭାବମୂର୍ତ୍ତିକୁ ଖରାପ କରିବାରେ ଅତ୍ୟନ୍ତ ଆନନ୍ଦ ପାଇଥାଏ । ଏହି ବର୍ଗରେ ଗଣମାଧ୍ୟମ ପ୍ରତିନିଧି ସହିତ କିଛି ତଥାକଥିତ ଆଭିଜିଷ୍ଟ ରହିଥାନ୍ତି । ଏହି ବର୍ଗର ଲୋକ ମାନଙ୍କୁ ଭାରତର ଭଲ କାମ ଦେଖା ଯାଏ ନାହିଁ । ସେମାନେ ଭାରତ ବିରୋଧରେ ସବୁବେଳେ ଅପପ୍ରଚାର କରିବାରେ ବ୍ୟସ୍ତ ରହିଥାନ୍ତି ।

ଏବେ ଏହି ଭାରତ ବିରୋଧୀ ଅପପ୍ରଚାରର ନେତୃତ୍ୱ ନେଉଥିବା ବର୍ଗର ବିଭିନ୍ନ କାମ ଉପରେ ଆମେ ଦୃଷ୍ଟି ପକାଇବା । କିଛି ଇଂରାଜୀ ନ୍ୟୁଜ ପେପର ଓ କିଛି ଇଂରାଜୀ ୱେବସାଇଟ ଖବର ପ୍ରସାରିତ କଲେ ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡର ବି୧.୬୧୭କୁ ଏକ ଚିନ୍ତାଜନକ ଭାରିଆଂଟ ଭାବେ ବର୍ଗୀକୃତ କରିଛି । ଏହି ବର୍ଗର ସାମ୍ବାଦିକ ମାନେ ଏହି ଭାରିଆଂଟକୁ ଭାରତୀୟ ଭାରିଆଂଟ ବୋଲି ଉଲ୍ଲେଖ କରି ଖବର ପ୍ରସାରିତ କଲେ । କିଛି ଇଂରାଜୀ ସମ୍ବାଦପତ୍ର ଓ କିଛି ଇଂରାଜୀ ୱେବ ପୋର୍ଟାଲରେ ଏହାକୁ ଭାରତୀୟ ଭାରିଆଂଟ ବୋଲି କହି ଖବର ପ୍ରସାରିତ ହେବା ପରେ ସୋସିଆଲ ମିଡିଆରେ ଥିବା ଏହି ବର୍ଗର ଅନ୍ୟ ଆଭିଜିଷ୍ଟ ମାନେ ଏହାକୁ ଜୋର ସୋରରେ ପ୍ରସାରିତ କରିବା ଆରମ୍ଭ କରି ଦେଲେ । ଏହି ଭାରତ ବିରୋଧୀ ଅପପ୍ରଚାରରେ ଲାଗିଥିବା ଗ୍ୟାଙ୍ଗର ଏକ ମାତ୍ର ଉଦ୍ଦେଶ୍ୟ ଥିଲା କରୋନାର ଏହି ଭାରିଆଂଟ ଭାରତୀୟ ବୋଲି ପ୍ରମାଣିତ କରିବା । ଯେପରି ଭାବେ କୁହା ଯାଏ ଯେ ତିନି ତୁଣ୍ଡରେ ଛେଳି କୁକୁର, ସେହିପରି ବାରମ୍ବାର ଏହି ଭାରିଆଂଟକୁ ଭାରତୀୟ ଭାରିଆଂଟ ବୋଲି ଉଲ୍ଲେଖ କରି ଏହା ଭାରତୀୟ ଭାରିଆଂଟ ବୋଲି ଜନ ମାନସରେ ସ୍ଥାପିତ କରିବା ତାଙ୍କର ଏକ ମାତ୍ର ଉଦ୍ଦେଶ୍ୟ ଥିଲା । ଏହି ଭାରତ ବିରୋଧୀ ଅପପ୍ରଚାରକାରୀ ଗ୍ୟାଙ୍ଗ ତାର କାମକୁ ସଠିକ ଭାବେ ଆଗେଇ ନେଉଥିଲା । ହେଲେ ଏହି ଫେକ ନ୍ୟୁଜର ପ୍ରଚାର ପ୍ରସାର ବହୁଳ ଭାବେ ହେବା କାରଣରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ନେଇ ଏକ ସ୍ପଷ୍ଟୀକରଣ ଜାରୀ କରା ଯାଇଥିଲା ।

ଏହି ସ୍ପଷ୍ଟୀକରଣରେ କୁହା ଯାଇଥିଲା ଯେ -" ବିଭିନ୍ନ ଗଣମାଧମରେ ଏପରି ଖବର ପ୍ରକାଶ ପାଇଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ପକ୍ଷରୁ ବି୧.୬୧୭ କୁ ଏକ ବିଶ୍ୱସ୍ତରୀୟ ଚିନ୍ତାଜନକ ଭାରିଆଂଟ ଭାବେ ବର୍ଗୀକୃତ କରାଯାଇଛି । ଏଥିମଧ୍ୟରୁ କେତେକ ରିପୋର୍ଟରେ ବି୧.୬୧୭ ଭାରିଆଂଟ ବିଷୟରେ ଉଲ୍ଲେଖ କରାଯାଇ ଏହାକୁ "ଭାରତୀୟ ଭାରିଆଂଟ" ଭାବେ ବର୍ଗୀକୃତ କରାଯାଇଛି । ଏପରି ଗଣମାଧମ ରିପୋର୍ଟ ଭିତିହୀନ ଏବଂ ଏହାର କୌଣସି ଆଧାର ନାହିଁ । ଏଠାରେ ଏହା ସ୍ପଷ୍ଟ କରାଯାଉଛି ଯେ ଡବ୍ଲୁଏଚଓ ପକ୍ଷରୁ ପ୍ରକାଶିତ ୩୨ ପୃଷ୍ଠା ବିଶିଷ୍ଟ ଦସ୍ତାବିଜରେ କରୋନା ଭୂତାଣୁର ବି୧.୬୧୭ ଭାରିଆଂଟ ସହିତ "ଭାରତୀୟ ଭାରିଆଂଟ" ଶବ୍ଦ ଯୋଡ଼ା ଯାଇନାହିଁ । ବାସ୍ତବରେ, ଏ ମାମଲା ସହ ଜଡ଼ିତ ରିପୋର୍ଟରେ "ଭାରତୀୟ" ଶବ୍ଦର ଉପଯୋଗ ସୁଦ୍ଧା କରାଯାଇନାହିଁ ।"

ଭାରତ ସରକାରଙ୍କ ସ୍ପଷ୍ଟୀକରଣ ପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ । ଯଦି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଭାରିଆଂଟ ସହିତ ଜଡିତ ରିପୋର୍ଟରେ ଭାରତୀୟ ଶବ୍ଦର ପ୍ରୟୋଗ କରି ନାହିଁ ତେବେ ଏହି ସାମ୍ବାଦିକ ମାନେ ଉପରୋକ୍ତ ଭାରିଆଂଟ ସହିତ ଭାରତୀୟ ନାମକୁ କାହିଁକି ଯୋଡ଼ି ଖବର ପ୍ରସାରିତ କଲେ ? କେଉଁ ଆଧାରରେ ସେମାନେ ଭାରତକୁ ବଦନାମ କରିବାକୁ ଏପରି ପ୍ରୟାସ କରୁଥିଲେ ? ଏକଥା ସ୍ପଷ୍ଟ ଯେ ଏହି ଭାରିଆଂଟକୁ ଭାରତୀୟ ବୋଲି କହିବାର କୌଣସି ଆଧାର ନ ଥିବା ସତ୍ୱେ ସେମାନେ ଏପରି କରୁଥିଲେ । ଏଥିରୁ ସ୍ପଷ୍ଟ ଯେ ଭାରତ ବିରୁଦ୍ଧରେ ସେମାନଙ୍କ ମନରେ କେତେ ଘୃଣା ଭାବ ଭରି ରହିଛି ।

ଏଠାରେ ଆଉ ଏକ ବିଷୟରେ ଚର୍ଚ୍ଚା କରିବା ଉଚିତ ହେବ । ଚୀନର ବୁହାନ ସହରରୁ କୋରୋନା ଭାଇରସ ବାହାରିଛି । ଏଥିରେ କୌଣସି ପ୍ରକାର ସନ୍ଦେହ ନାହିଁ । ବିଶ୍ୱର ସମସ୍ତ ଦେଶ ଏ ବିଷୟରେ ଏକମତ । ତେଣୁ କିଛି ଦେଶର ନେତା ଓ ସମ୍ବାଦପତ୍ର ଏହି ଭାଇରସକୁ ବୁହାନ ଭାଇରସ ବୋଲି ଲେଖିବା ଆରମ୍ଭ କରିଥିଲେ । ଚୀନ ଏହାକୁ ନେଇ ପ୍ରବଳ ପ୍ରତିକ୍ରିୟା ପ୍ରକାଶ କଲା । ସେତେବେଳେ ଭାରତରେ ରହିଥିବା ଚୀନର ସମର୍ଥକ ସାମ୍ବାଦିକ ମାନେ ମଧ୍ୟ ଏହାକୁ ନେଇ ଆପତି ବ୍ୟକ୍ତ କରିଥିଲେ । ସେମାନେ ଖୋଲା ଖୋଲି ଭାବେ କହୁଥିଲେ ଯେ ଏହାକୁ ବୁହାନ ବା ଚୀନର ଭାଇରସ କୁହା ଯିବା ଅନୁଚିତ । ରତ୍ସ ରଙ୍କଭମ- ତ୍ସସକ୍ତଭ

ଯଦି ଦେଖିବାକୁ ଯିବା ତେବେ ସେହି ଚୀନ ସମର୍ଥକ ଓ ବାମପନ୍ଥୀ ବିଚାରଧାରାର ସାମ୍ବାଦିକ ମାନେ ହିଁ ପରବର୍ତ୍ତୀ ଭାରିଆଂଟକୁ ଭାରତୀୟ ଭାରିଆଂଟ ବୋଲି କହି ଜୋର ସୋରରେ ଖବର ପ୍ରକାଶିତ କରିବାକୁ ଚେଷ୍ଟା କରିଥିଲେ । ଚୀନରୁ ଏହି ଭାଇରସର ଉତ୍ପତି ସତ୍ୱେ ସେମାନଙ୍କୁ ଏହାକୁ ଚୀନ ଭାଇରସ କହିବାରେ ଆପତି ଥିଲା ହେଲେ ବିନା କୌଣସି ଆଧାରରେ ଭାରିଆଂଟକୁ ସେମାନେ ଭାରତୀୟ ଭାରିଆଂଟ ବୋଲି କହି ଫେକ ନ୍ୟୁଜ ପ୍ରଚାରିତ କରିବାରେ ସେମାନଙ୍କୁ ଆନନ୍ଦ ମିଳୁଥିଲା ।

ତେଣୁ ଏହି ଭାରତ ବିରୋଧୀ ଅପ ପ୍ରଚାର ଗ୍ୟାଙ୍ଗର ଏହା ହେଉଛି ଅସଲି ଚରିତ୍ର । ସେମାନେ ସେମାନଙ୍କର ମାଲିକ ଦେଶ ଚୀନ ସମର୍ଥନରେ ବାହାରିଥାନ୍ତି ଓ ଭାରତର ଭାବମୂର୍ତ୍ତିକୁ ଦେଶରେ ଓ ସମଗ୍ର ବିଶ୍ୱରେ ଖରାପ କରିବା ପାଇଁ ତଳ ସ୍ତରକୁ ଯାଇ ଫେକ ନ୍ୟୁଜର ସାହାରା ନେଇଥାନ୍ତି ।

ଭାରତ ବିରୋଧୀ ଅପପ୍ରଚାରକାରୀ ଗ୍ୟାଙ୍ଗ ଚୀନ ସହ ଉତେଜନାପୂର୍ଣ୍ଣ ପରିସ୍ଥିତି ସମୟରେ ମଧ୍ୟ ଭାରତ ବିରୋଧରେ କାମ କରନ୍ତି । ସେମାନେ ଏପରି ଖବର ପ୍ରସାରିତ କରିଥାନ୍ତି ଯାହା ଦ୍ୱାରା ଚୀନକୁ ଲାଭ ହେବ । ଭାରତକୁ ମନୋବୈଜ୍ଞାନିକ ଭାବେ ପରାଜିତ କରିବାକୁ ସେମାନେ ସମସ୍ତ ପ୍ରକାର କାମ କରିଥାନ୍ତି । ବାସ୍ତବରେ ଦେଖିବାକୁ ଗଲେ ଏହି ଭାରତ ବିରୋଧୀ ଅପପ୍ରଚାରକାରୀ ଗ୍ୟାଙ୍ଗ ଭାରତର ପାଣି ପବନରେ ବଂଚନ୍ତି ହେଲେ ସେମାନଙ୍କ ହୃଦୟ ଚୀନ ପାଇଁ କାମ କରେ ।

ଏବେ ଶେଷରେ କିଛି ଦିନ ତଳର ଏକ ଇଂରାଜୀ ସମ୍ବାଦପତ୍ରରେ ଏକ ଖବରର ଶୀର୍ଷକ ଉପରେ ଆଲୋଚନା କରିବା । ଏହି ଖବର କାଗଜରେ ଶୀର୍ଷକ ଥିଲା – 'ଇଣ୍ଡିଆ ଇଜ ଆଉଟ, ଚାଇନା ଇଜ ନାଓ ମେନ ଭ୍ୟାକ୍ସିନ ପ୍ରଭାଇଡର' । ଏହି ଶୀର୍ଷକରୁ ଖବର ଲେଖିଥିବା ବାମପନ୍ଥୀ ସାମ୍ବାଦିକଙ୍କ ମନର ପ୍ରସନ୍ନତା ସ୍ପଷ୍ଟ ଭାବେ ବାରି ହେଉଛି । ଭାରତ ଯେତେବେଳେ ବିଭିନ୍ନ ଦେଶ ମାନଙ୍କୁ ଭ୍ୟାକ୍ସିନ ଦେଉଥିଲା ସେତେବେଳେ ଉକ୍ତ ସାମ୍ବାଦିକଙ୍କୁ ଖୁବ କଷ୍ଟ ହେଉଥିଲା । ହେଲେ ସେ କିଛି କହି ପାରୁ ନ ଥିଲେ । ତେଣୁ ଏହି ଖବର ଲେଖିବା ବେଳେ ତାଙ୍କର ମନରେ ଲୁଚି ରହିଥିବା ଖୁସି ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ।

ଆଗାମୀ ଦିନ ମାନଙ୍କରେ ଏହି ଭାରତ ବିରୋଧୀ ଅପ ପ୍ରଚାର ଗ୍ୟାଙ୍ଗ ଭାରତକୁ ଖରାପ ବୋଲି ପ୍ରଦର୍ଶିତ କରିବାକୁ ଆହୁରି କାମ କରିବ । ସେହିପରି ଚୀନକୁ ଏକ ମହାନ ଦେଶ ବୋଲି କହି ଗୁଣଗାନ ମଧ୍ୟ ଜାରୀ ରଖିବେ । ତେବେ ଏହି ଗ୍ୟାଙ୍ଗର ସଦସ୍ୟ ମାନଙ୍କୁ ଚିହ୍ନିବାର ଆବଶ୍ୟକତା ରହିଛି ।

## ନିଷ୍ପ୍ରାଣ ନିହଣର କଥା



ଜୟଶ୍ରୀ ପଟ୍ଟନାୟକ

ନିର୍ବାକ ପଥର ଦେହରେ ନିହଣ ମୁନରେ ଜୀବନ୍ୟାସ ଦେଇପାରୁଥିବା ବିନ୍ଧାଣୀ ଥିଲେ ପଦ୍ମ ପୁରସ୍କାର ବିଜେତା ଡ ରଘୁନାଥ ମହାପାତ୍ର । ପଥର ଦେହରେ ପଦ୍ମ ଫୁଟାଇବାର ସୁନ୍ଦର ଭାସ୍କର୍ଯ୍ୟକୁ ଓଡିଶା ଠାରୁ ଆରମ୍ଭ କରି ବିଶ୍ୱ ଦରବାରରେ ନିଜ କଳାକୃତିକୁ ପହଂଚେଇବାର ଆଧୁନିକ ବିଶ୍ୱକର୍ମା ଥିଲେ ରଘୁନାଥ ମହାପାତ୍ର । ପଥର ଦେହରେ ପ୍ରାଣ ସଂଚାରି , ପ୍ରତିମା ଓଠରେ ହସ ଫୁଟାଇବାର ସାମର୍ଥ୍ୟ ଥିଲା ତାଙ୍କରା କୋଣାର୍କର ସ୍ୱର୍ଣ୍ଣ ସିକ୍ତ ବାଲୁକା ଭୂଇଁରେ ଆଦିତ୍ୟ ନାରାୟଣ ମନ୍ଦିର ନିର୍ମାଣ କରି ଦ୍ୱିତୀୟ କୋଣାର୍କ ଗଢିବାର ସ୍ୱପ୍ନ ଥିଲା ତାଙ୍କର । ଅପ୍ରତିମ ପ୍ରଚେଷ୍ଟା ନିକଟରେ ହାର ମାନି ନ ଥିଲା ବୟସ । ଛଳନାମୟୀ କୋରନା ତାଙ୍କ ପ୍ରଗତିରେ ବାଧକ ସାଜିଲା । ନୀରବିଗଲା ସ୍ୱର, ନିଷ୍ପ୍ରାଣ ହେଲା ନିହଣ, ପରାହତ ହେଲା ସ୍ୱପ୍ନ, ଅଧୁରା ରହିଗଲା ଭାସ୍କର୍ଯ୍ୟର ଚମତ୍କାରିତା । ଲିଭିଗଲା ଶିଳ୍ପୀକୂଳର ପ୍ରଦୀପ । ଚାଲିଗଲେ କଳା ସ୍ଥାପତ୍ୟର ଭୀଷ୍ମ ପିତାମହ ଦୁନିଆକୁ ଛାଡି ମେ ମାସ ୯ ତାରିଖ ୨୦୨୧ ମସିହାରେ । ଅସ୍ତମିତ ହୋଇଗଲା ଜୀବନର ସୂର୍ଯ୍ୟ । ତାଙ୍କ ହାତର ଯାଦୁକରୀ ସ୍ପର୍ଶରେ ହଜାର ହଜାର ପ୍ରସ୍ତରକୁ ଜୀବନ ଦେଇଥିବା ଶିଳ୍ପୀ ନିଜେ ପାଲଟିଗଲେ ଏକ ପାଷାଣ ନିର୍ଜୀବ ମୂର୍ତ୍ତି ।

ସେହି ମହାନ୍ ଶିଳ୍ପୀଙ୍କର ଜନ୍ମ ହୁଏ ୧୯୪୩ ମସିହାରେ ପୁରୀର ପଥୁରିଆ ସାହିରେ । ପିତା ଦାମୋଦର ମହାପାତ୍ର ଏବଂ ମାତା ସୁକାନ୍ତି ଦେବୀଙ୍କ ଔରସରୁ । ତାଙ୍କ ଅଜା ଥିଲେ ଅପର୍ତ୍ତି ମହାପାତ୍ର । ପିଲାଟି ଦିନରୁ ତାଙ୍କର ଆଦ୍ୟଗୁରୁ ଅଜାଙ୍କ ସହିତ ଶିଖିଥିଲେ ମୂର୍ତ୍ତି ଗଢିବାର କଳାକୌଶଳ । ଛୋଟ ଛୋଟ ମୂର୍ତ୍ତି ଗଢି ପୁରୀ ବଡଦାଣ୍ଡରେ ବିକ୍ରି କରିବାକୁ ଯାଉଥିଲେ । ପୁରୀରେ ଥିବା ମନ୍ଦରି ମାନଙ୍କର କାରୁ କାର୍ଯ୍ୟ ଦେଖି ପିଲାଟି ଦିନରୁ ସୁନ୍ଦର ପଥର ଭାସ୍କର୍ଯ୍ୟର ଶିଳ୍ପୀ ହେବା ନିଶାରେ ହାତରେ ନିହଣ ଧରି ତାଙ୍କ ଜୀବନର ଜୟଯାତ୍ରା ଆରମ୍ଭ କରିଥିଲେ । ସେହିଦିନଠାରୁ ସେ ଆଉ ପଛକୁ ଫେରିନାହାଁନ୍ତି । ସେହି ପଥର ଶିଳ୍ପୀ ଭାବରେ ପଥର ମୂର୍ତ୍ତି ଗଢିବାରେ ଲାଗିପଡିଲେ ତାଙ୍କ ଅଜାଙ୍କ ତତ୍ତ୍ୱାବଧାନରେ । ଅଷ୍ଟମ ଶ୍ରେଣୀରୁ ପାଠ ଛାଡି ମନୋନିବେଶ କରିଥିଲେ ନିର୍ଜୀବ ପଥର ମାନଙ୍କୁ ଜୀବନ୍ତ ମୂର୍ତ୍ତି କରି ଗଢି ତୋଳିବାରେ । ଗାଁର କଳାକୁ ବିଶ୍ୱ ଦରବାରର ପହଂଚେଇବାରେ ସେ ଥିଲେ ସିଦ୍ଧହସ୍ତ । ନିର୍ବାକ୍ ପଥର ଦେହରେ ଜୀବନ ସଂଚାର କରିବା ଦ୍ୱାରା ପାର୍ଲାମେଂଟରୁ ପ୍ୟାରିସ ସବୁଠାରେ ସୃଜନର ସ୍ପର୍ଶ ଦେଇ ଅନେକ ପ୍ରତିଭା ସାଉଁଟିଥିଲେ ସେ ।

ଦିନେ ଅନ୍ଧକାର ଆକାଶରେ ମହା ଜାଗତିକ ଦୃଶ୍ୟ ଦେଖିଲା ପରି ତାଙ୍କ ପଥୁରିଆ ସାହିରେ ପହଂଚିଲେ ଡିଭାଇନ୍ ସେଂଟର ଓ କଲିକତା ଡଜାଇନ୍ ସେଂଟରର ଦୁଇ ନିର୍ଦ୍ଦେଶକ । ନଜର ପଡିଥିଲା ରଘୁନାଥଙ୍କ କାରୁକାର୍ଯ୍ୟ ଉପରେ । ତାଙ୍କ କଳାରେ ମୁଗ୍ଧ ହୋଇ ତାଙ୍କୁ ଚାକିରୀ କରିବାକୁ ପ୍ରସ୍ତାବ ଦେଇଥିଲେ । ସେ ୧୮ ବର୍ଷ ବୟସରେ ଭୁବନେଶ୍ୱର ରାଜ୍ୟ ସରକାରଙ୍କର ହସ୍ତକଳା ତାଲିମ କେନ୍ଦ୍ରରେ ପ୍ରଥମେ ଚାକିରୀ କରି , ଆରମ୍ଭ କରିଥିଲେ ତାଙ୍କର ବିଜୟ ଯାତ୍ରା । ଭୁବନେଶ୍ୱରରେ ଥିବା ସମୟରେ ସର୍ବ ଭାରତୀୟ ହସ୍ତକଳା ବୋର୍ଡ ପକ୍ଷରୁ ମିଳିଥିଲା ପ୍ରତିଯୋଗିତାରେ ଭାଗନେବାର ସୁବର୍ଣ୍ଣ ସୁଯୋଗ । ତାଙ୍କ ନିର୍ମିତ କୋଣାର୍କ ଘୋଡା ସମସ୍ତଙ୍କୁ ଆକର୍ଷିତ କରିଥିଲା। ତାଙ୍କୁ ମିଳିଥିଲା ପ୍ରଥମ ଜାତୀୟ ପୁରସ୍କାର । ଏହାପରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ଉଦାହରଣ ସୃଷ୍ଟିକରି ଦେଶବିଦେଶରେ ପରିଚିତ କରାଇଥିଲେ ଓଡିଶାର କଳା ଭାସ୍କର୍ଯ୍ୟ । ଭୁବନେଶ୍ୱରରେ ଥିବା ସମୟରେ ବିଭିନ୍ନ ସ୍ଥାନରେ ଖୋଳାଯାଉଥିବା କୂପରୁ ଧଳାପଥର ସଂଗ୍ରହ କରି ସେ ଗଢୁଥିଲେ ମୂର୍ତ୍ତି । ୧୯୫୯ ମସିହାରୁ ସେ ମୂର୍ତ୍ତି ଗଢିବା ସହ ନିଜକୁ ଜଡିତ କରି ପ୍ରାୟ ୨୦୦୦ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇଥିଲେ । ୨୦୦୦ ମସିହାରେ ଇଣ୍ଡି ିଆନ କାଉନ୍ସିଲ ଫର କଲଚରାଲ ରିଲେସନର ସଦସ୍ୟ ଭାବେ ଭାରତ ସରକାର ତାଙ୍କୁ ମନୋନିତ କରିଥିଲେ । ୨୦୧୬ରେ ଓଡିଶା ସରକାର ତାଙ୍କୁ ରାଜ୍ୟ ଲଳିତକଳା ଏକାଡେମୀର ସଭାପତି ଭାବେ ମନୋନୀତ କଲେ । ୨୦୧୬ ଓ ୨୦୧୮ ଶ୍ରୀ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଥିଲେ ଏବଂ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟରେ ପରାମର୍ଶ ଦେଉଥିଲେ । କୋଣାର୍କ ମନ୍ଦିର ସାମ୍ନାରେ ସୂର୍ଯ୍ୟମନ୍ଦିର କଳାକୁ ବଖାଣିବା ପାଇଁ ତାଙ୍କର ଅନେକ କଳାକୃତି ରହିଛି ଯାହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରି ରଖୁଥିଲା

ତାଙ୍କର ସଫଳ କଳାକୃତି ମଧ୍ୟରେ ମାଷ୍ଟରକ୍ୟାଂଟିନ ଘୋଡା ମନ୍ଦିମାଳିନୀ ଭୁବନେଶ୍ୱରର ସୁନ୍ଦରତାକୁ ଦ୍ୱିଗୁଣିତ କରିଥିଲା । ୧୯୮୦ରେ ସ୍ଥାପିତ ଏହି ଘୋଡାର ଉଚ୍ଚତା ୧୫ ଫୁଟ ଓ ଲମ୍ବ ୧୮ ଫୁଟ ଥିଲା ଏବଂ କୋଣାର୍କ ଘୋଡାର ଅବିକଳ ନକଲ ଥିଲା । ଯାହା ତାଙ୍କୁ ଆଣିଦେଇଥିଲା କର୍ମ ନିପୁଣତାର ସଫଳତା ଏବଂ ଆଧୁନିକ ବିଶ୍ୱ ମହାରଣାର ପରିଚୟ ଦେଇଥିଲା । ଏଥିପାଇଁ ସେ ନେଇଥିଲେ ଏକଲକ୍ଷ ଟଙ୍କାର ପାରିଶ୍ରମିକ । ୧୯୪୮ ଭୁବନେଶ୍ୱର ରାଜଧାନୀର ପରିଚୟ ପାଇବା ପରେ ଏହି ପ୍ରସ୍ତର ମୂର୍ତ୍ତି ତାଙ୍କ ଦ୍ୱାରା ନିର୍ମିତ ଉପହାର ବୋଲି ଶ୍ରୀ ରଘୁନାଥ କହିଥିଲେ । ଅନୁଗୁଳ ଜିନ୍ଦଲ କାରଖାନାସ୍ଥିତ ଜଗନ୍ନାଥ ମନ୍ଦରି ଥିଲା ତାଙ୍କର ଅନ୍ୟତମ କଳାକୃତି । ଏହାର ନିର୍ମାଣ କାର୍ଯ୍ୟ ୨୦୧୩ରେ ଆରମ୍ଭ ହୋଇ ୨୦୧୭ରେ ମାତ୍ର ୪ ବର୍ଷ ଭିତରେ ଶେଷକରି ଏହି ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା । ଏହି ମନ୍ଦିରର ଉଚ୍ଚତା ଥିଲା ୬୭ ଫୁଟ ଏବଂ ଓଡିଶା ଶୈଳୀର ବାସ୍ତୁକଳାରେ ନିର୍ମିତ ହୋଇଥିଲା । ସେ ଥିଲେ ତାରାତାରିଣୀ ପୀଠ ନୂଆ ମନ୍ଦିରର ବିନ୍ଧାଣୀ ଗାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତାରାତାରିଣୀର ନୂତନ ମନ୍ଦିର ରତ୍ନଗିରି ପାହାଡ ଉପରେ ପ୍ରାୟ ୧୧୭,୭୩୩ ଏକର ଯାଗାରେ ନିର୍ମାଣ କରାଯାଇଛି । ଏହି ମନ୍ଦିରକୁ ମୁକ୍ତେଶ୍ୱର ମନ୍ଦିର ଶୈଳୀରେ ୨୦୦୪ ମସିହାରେ ଆରମ୍ଭ କରି ୨୦୧୩ ମସିହାରେ ଶେଷ କରିଥିଲେ । ଖୋର୍ଦ୍ଧାର ବଉଳମାଳା ପଥର ବ୍ୟବହାର କରି ଏହି ମନ୍ଦିରକୁ ୩ ଭାଗରେ ବିଭକ୍ତ କରି ନିର୍ମାଣ କରାଯାଇଥିଲା ୧୬୦ରୁ ଅଧିକ ଶିଳ୍ପୀ ନିୟୋଜିତ ହୋଇଥିଲେ । ୨୦୧୩ ମସିହାରେ ସେ ପାଇଥିଲେ ପଦ୍ମ ବିଭୂଷଣ ସମ୍ମାନ ଯୋଉଥିପାଇଁ ମା ତାରାତାରିଣୀଙ୍କ କୃପା ବୋଲି ସେ ସ୍ୱୀକାର କରିଥିଲେ । ହେଲେ ନୂତନ ମନ୍ଦିର ପ୍ରତିଷ୍ଠା ପ୍ରର୍ବରୁ କରୋନାର କବଳିତ ହୋଇ ସେ ଆରପାରିକୁ ଚାଲିଗଲେ । ତାଙ୍କର ଅନ୍ୟତମ ସଫଳ କଳାକୃତି ଥିଲା ବାଲେଶ୍ୱରର ଇମାମୀ ଜଗନ୍ନାଥ ମନ୍ଦିର । ପୁରୀ କୋଣାର୍କ ମନ୍ଦିର ଢାଂଚାରେ ନିର୍ମିତ ଏହି ମନ୍ଦିର ସମସ୍ତଙ୍କର ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ଥିଲା । ୩ ଏକର ପରିମିତ ଜାଗାରେ ୭୮ ଫୁଟ ଉଚ୍ଚତା ବିଶିଷ୍ଟ ମୁଖ୍ୟ ମନ୍ଦିର ସହ ପାର୍ଶ୍ୱ ମନ୍ଦିର ଓ କାରୁକାର୍ଯ୍ୟପୂର୍ଣ୍ଣ ବେଢା ନିର୍ମାଣ ପାଇଁ ୨୦୧୦ ମସିହାରେ ଇମାମୀ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇ ଶେଷ ହୋଇଥିଲା ୨୦୧୫ ମସିହାରେ । ଏହାଛଡା ଭୋଗରାଇ ବ୍ଲକରେ ନିର୍ମାଣ ହେବାକୁ ଥିବା ଏସିଆ ମହାଦେଶର ସର୍ବବୃହତ୍ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱର ମହାଦେବ ମନ୍ଦିର ପାଇଁ ମଧ୍ୟ ରଘୁନାଥ ଡିଜାଇନ୍ ନକ୍ସା ଦେଇଥିଲେ କିନ୍ତୁ ଏତେବଡ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଆଜି ନାହାଁନ୍ତି ଆଉ ଇହ ଜଗତରେ । ୨୦୧୫ ପୁରୀର ମୂଷା ନଇ ଉପରେ ସ୍ଥାପିତ ୨୭ ଫୁଟର ଗରୁଡମୂର୍ତ୍ତ ଥିଲା ତାଙ୍କର ଅନ୍ୟାନ୍ୟ କୃତି ।

(କ୍ରମଶଃ)

+ଗଙ୍ଗନଗର, ଭୁବନେଶ୍ୱର

ମୋ: ୭୯୭୮୧୧୦୪୭୪

## କବିତା କୋଣାର୍କ

### ସ୍ମୃତିର ଆଇନାରେ...

**କସ୍ତୁରୀ ଚରଣ ରାଉତ**

ହଠାତ ଜୀବନ୍ତ ହୋଇ ଉଭାହୁଏ  
କଥାକୁହା ତୁମ ଆଖି  
ଭୂଲତା ନଚାଇ କଥା କୁହ ତୁମେ  
ଆଖି ରହିଯାଏ ଲାଖି ।

ଓଠରୁ ତୁମର ପଡୁଥାଏ ଝଡ଼ି  
ସରାଗର ମଲ୍ଲୀଫୁଲ  
ସୁକେଶିନୀ ତୁମ ମୁକୁଳା କବରୀ  
ଲାଗେ ମୋତେ ଭାରି ଭଲ ।

ହୃଦୟ ପରଦା ଫାଙ୍କରୁ ଦେଖୁଛି  
ହଜିଲା ଅତୀତ ଆଜି  
ଲମ୍ଫଟ ସମୟ ଲମ୍ଫି ଲମ୍ଫି ଯାଏ  
ତୁମକୁ ଅନେକ ଖୋଜି ।

ତନ୍ଦ୍ରାନିମଜ୍ଜିତ ବେନି ଆଖି ମୋର  
ଅଳସେ ପଡ଼ିଛି ନଇଁ  
ସ୍ୱପ୍ନ ଆଇନାରେ ସବୁ ସ୍ମୃତିରାଜି  
ନୀରବେ ଯାଇଛି ଶୋଇ ।

+ମକୁନ୍ଦପୁର, ବାଙ୍କୀ,କଟକ  
ମୋ.୮୯୧୭୩୯୭୩୪୮

### ତୁ ବଡ଼ ଉପକାରୀ...

**ଅମରନାଥ ବାରିକ୍**

ନଥିଲା ସେ କାଳେ  
ତୋର ବ୍ୟବହାର  
ଆଦର ଥିଲା କଠଉ  
ତାହା ଆଜି ଗଲା ମିଳେ  
ନାହିଁ ଦେଖା  
ତୁ ଯେ କାଚଘରେ ରହୁ ।

ନାନା ରଙ୍ଗେ ତୁହି ମିଳୁ ବଜାରରେ  
ଆନନ୍ଦେ ନିଅନ୍ତି ସର୍ବେ  
କ ାର ଆଘାତ ହୁଏ ନାହିଁ ଭୟ  
ପାଦେ ରହିଥାଉ ଯେବେ ।

ବାଲି ଯାତରା ଓ ମେଲଣ ପରବେ  
ଭଳିଭଳି ହେଉ ବିକା  
କାଦୁଅ ମେଘରେ ପାଦେ ନରହିଣ  
ହାତେ ହୋଇଥାଉ ଜକା ।

ଶହେ ଠୁଁ ହଜାର ତୋର  
ମୂଲ୍ୟ ଥାଏ  
ଭିନ୍ନ ରୂପରେ ତୁ ଗଢ଼ା  
ନୁହେଁ ତ ପଟିଏ ଏକା ସାଥିରେ ତୁ  
ବିକ୍ରି ହୋଇଥାଉ ଯୋଡ଼ା ।

ଦୁଇ ପଟ ଲୋଡ଼ା ଦୁଇ ପୟରକୁ  
ପଥର ପଥିକ ପାଇଁ  
ତୁ ଥିଲେ ସାଥିରେ  
ବୈଶାଖୀ ଝାଞ୍ଜିରେ  
ତାତି ପାଦେ ଲାଗେ ନାହିଁ ।

କେଡ଼େ ଉପକାରୀ ତୁହିରେ ଚପଲ  
ସଭିଙ୍କ ପାଦରେ ଥାଉ  
ଭୁଲି ନଯାଆନ୍ତି ତତେ ପର୍ଯ୍ୟଟକ  
ସଙ୍ଗେ ତୁହି ଯାଇଥାଉ ।

ସାମାନ୍ୟ ତୁ ସିନା ତୋ ପାଇଁ ଇଜତ  
ରହିଥାଏ ମାନବର  
ଖାଲିପାଦେ ଗଲେ  
ଚାଲି ଦୂରଦେଶେ  
ଲାଗେ ସରମ ପ୍ରଚୁର ।

କୟାଁ, ମଙ୍ଗଳପୁର, ଯାଜପୁର  
ଓଡ଼ିଶା - ୭୫୫୦୧୧  
ମୋ: ୯୫୪୦୩୦୮୦୯୫

### ନିୟତିର ଅଭିଲେଖା...

**ପ୍ରଶାନ୍ତ କୁମାର ନାଥ**



ମନ ଭାଙ୍ଗି ଗଲେ  
ସୂରୁଜ ବୁଡିଲେ ପଶ୍ଚିମ ଦିଗରେ  
ପୂରୁବେ ଉଦୟ ହେବ  
ଜହ୍ନ ଲୁଚିଗଲେ ବାଦଲ ଉହାଡେ  
ପୁଣିସେ ଝଲସି ଯିବ ।

ଗଛରୁ ପତର ଝଡିଗଲା ପରେ  
କଅଁଳିବ ପୁଣି ଥରେ  
ନୂଆ ଆଇନାଟି ଭାଙ୍ଗିଗଲା ପରେ  
ମିଳିଯିବ ସହଜରେ ।

ଋତୁ ଆସି ପୁଣି ଋତୁ ଚାଲିଯିବ  
ଫେରିବ ବରଷ ପରେ  
ପୁରୁଣା ଦ୍ରବ୍ୟଟେ ଭାଙ୍ଗିଗଲା ପରେ  
ନୂଆ ପହଞ୍ଚିବ ଘରେ ।

ମନ କା'ର ଥରେ ଭାଙ୍ଗିଗଲା ପରେ  
ଯୋଡି ଜମା ହୁଏ ନାହିଁ  
ଭଙ୍ଗା ମନ ନେଇ ବଞ୍ଚୁଥିଲେ ସୁଧା  
ମୃତ୍ୟୁ ସମ ଅଟେ ସେହି ।

+ସୁନ୍ଦରପୁର,ଉତ୍ତରକୂଳହାଟ,  
ପ୍ରୀତିପୁର,ଯାଜପୁର  
ମା-୦୮୮୯୨୩୦୧୧୪୩

## କବିତା କୋଣାର୍କ

### ହେ ଖୁଦା...

**ଦୁଷ୍ମନ୍ତ ବେହେରା**



ନିର୍ମଳ ମନ ନେଇ ଖୋଜୁଛି  
ମୁଁ ତୁମକୁ ହେ ଖୁଦା  
ଚଳ ଚଞ୍ଚଳ ମନର ଗଭୀରତା  
ବୁଝେ ନାହିଁ ତୁମ ବିନା ଖୁଦା !

ଆକାଶ ନା ଜଳ ନା ପବନେ  
କେଉଁଠି ତୁମେ ହେ ଖୁଦା  
ଧରଣୀ ମାଟିରେ ଖୋଜେ ତୁମକୁ  
ତୁମ ଶରୀର କେଉଁଠି ଖୁଦା !

ହୃଦୟ ପ୍ରାଣରେ ନା ମନରେ  
କେଉଁଠି ତୁମେ ହେ ଖୁଦା  
ଦେହ ଜୀବନଠାରୁ ହୋଇବ ଲିନ  
ଏ ମାଟିରେ ଖୋଜୁଥିବି ତୁମକୁ ଖୁଦା !

ସପ୍ତ ତରଙ୍ଗ ଢେଉରେ ପଚାରି ବୁଝେ  
କେଉଁଠି ତୁମେ ହେ ଖୁଦା  
ସମୁଦ୍ର ଗଭୀର ଭିତରେ ନା  
ତୁମେ ଏ ତରଙ୍ଗ ସୂତରେ !

ଗଛଲତା ବନପାହାଡ ଝରଣା  
କେଉଁଠି ତୁମେ ହେ ଖୁଦା  
ସପ୍ତ ଶୀଳା ଧୂଳିବାଲିରେ  
ପଚାରି ବୁଝେ କେଉଁଠି ଖୁଦା !

ତୁମ ଆଦେଶେ କ୍ଷୁଦ୍ର ଏକ  
ପ୍ରଦୀପ ଶିଖା ଅନ୍ଧାର ତମାଶ  
ପାରେ ଜିଣି ସମୟ ଖେଳରେ  
ଯଉବନ ଶକ୍ତି ନିଅ ଟାଣି !

ସୁନ୍ଦର ଅସୁନ୍ଦର ତମାଳ କି  
ଜାଣେ ମନ ଦେହ ସୁଖ ମାରେ  
ଲୋଭ ବାସରେ ବିକଳ ଇଛା  
ଜାଣେ କି ଭଲମନ୍ଦ ଖୁଦା !

ମୁଁ ନୁହଁ କିଛି ତୁମ ବିନା  
ତୁମେତ ଦେଇଛ ଜୀବନ  
ଦେହ ଅଛି ବୋଲି ମନ ଅଛି  
ଇଛାରେ ମରେ ଯୌବନ !

ମୁଁ କ୍ଷୁଦ୍ରଟିଏ କିଛି ନୁହଁ  
ତୁମ ବିନା ହେ ଖୁଦା  
ଟାଣ କରିଛି ଶରୀର ପାଇ  
ଜୀବନ ଯାଉଛି ଦୁଃଖେ !

ତୁମ ଆଜ୍ଞାରେ ପତ୍ର କି ହଲେ  
ପାହାଡ଼ ଝରଣା ଆଗମନେ  
ଏ ଜଗତ ଜନ ତୁମ ଆଜ୍ଞା ପାଇଁ  
ହସି ବୁଲନ୍ତି ନିଜ କର୍ମେ !

ପାପ କଲି କି ପୂର୍ଣ୍ୟ କଲି  
ଜିଣି ନାହିଁ ମୁଁ ଅଜ୍ଞାନ  
ଦୋଷ ଥିଲେ କ୍ଷମା କର ଖୁଦା  
ଅଧମ ମୁହିଁ ଅଜ୍ଞାନ !

ଜୀବନ ଲୋଭରେ ଜୀବ ମାରିଖାଏ  
ଦୋଷ କରେ ମୋ କର୍ମ  
ବଞ୍ଚିବା ପାଇଁ ଶରୀର ଚାହେଁ  
ହାତ ଯୋଡି କ୍ଷମା ମାଗେ  
ହେ ଖୁଦା !

+ରାସୋଳ-ମୁଣ୍ଡିଆପଷି  
ଢେଙ୍କାନାଳ  
ମୋ ନଂ-୯୯୩୭୬୫୨୫୦୪

# ଅତିରଞ୍ଜିତ ସମ୍ବାଦ ପ୍ରସାରଣ ବନ୍ଦ କରାଯାଉ



ପ୍ରଦୀପ୍ତ ଆଚାର୍ଯ୍ୟ

ସମଗ୍ର ପୃଥିବୀବାସୀ ଆତଙ୍କିତ,କାହାରି ମନରେ ସରସତା ନାହିଁ। ଭୟଙ୍କର ବେଗରେ ବ୍ୟାପି ଚାଲିଛି କରୋନା ମହାମାରୀ । ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହର ସମଗ୍ର ପୃଥିବୀକୁ ପ୍ରାୟ କବଳିତ କରିସାରିଲାଣି । ସମସ୍ତଙ୍କ ମୁଖରେ ଗୋଟିଏ କଥା,ଆମ ଜୀବଦଶା ମଧ୍ୟରେ, ଏପରି ମହାମାରୀର ସାମନା କରିବା ପ୍ରଥମ। ବର୍ତମାନ ସୁଦ୍ଧା, ଅନେକ ଲୋକ, ସେମାନଙ୍କର କେହି ନା କେହି ପ୍ରିୟଜନ, ଆତ୍ମୀୟ, ପ୍ରତିବେଶୀ ମାନଙ୍କୁ ହରାଇବା ଦୁଃଖରେ ମର୍ମାହତ। କରୋନା ଆମକୁ କେତେବେଳେ ଯେ କବଳିତ କରିଦେବ, ଏହି ଆଶଙ୍କା ଆମ ମନ ଭିତରେ ସଦାସର୍ବଦା ଅହେତୁକ ଭୀତି ସୃଷ୍ଟି କରୁଅଛି। ଶ୍ମଶାନରେ ଜୁଇ ଲିଭୁନି, ଦାହ ନିମନ୍ତେ ଶବ ମାନଙ୍କର ଲମ୍ବା ଧାଡି, ପରିବାରର ଲୋକେ ଶବ ଦାହ କରିବାକୁ ଭୟ କରି, ଶବ ସ୍ପର୍ଶ କଲେ ନାହିଁ, ଅମ୍ଳଜାନର ଘୋର ଅଭାବ, ଅକ୍ଳାନ୍ତ ପରିଶ୍ରମ କରି ଡାକ୍ତର ମାନେ,ଚିକିତ୍ସା କରିବା ନିମନ୍ତେ ଧୈର୍ଯ୍ୟ ହରାଇ ସାରିଲେଣି, ଡାକ୍ତରଖାନାରେ ରେ ସଠିକ୍ ଚିକିତ୍ସା କରା ଯାଉନାହିଁ, ଇତ୍ୟାଦି ତଥ୍ୟ ଏବଂ କେତେକ ଅତିରଞ୍ଜିତ ପ୍ରଚାର , ଟେଲିଭିଜନ ଖୋଲିଲା ମାତ୍ରେ ଶୁଣି ଶୁଣି ମନ ଭାରାକ୍ରନ୍ତ ହୋଇଯାଉଛି। ଫେସବୁକ ଓ ହ୍ୱାଟସ ଆପ ପରି ମାଧ୍ୟମରେ, କିଏ କହିଲାଣି ନାକରେ ଦୁଇଟୋପା ଲେମ୍ବୁ ରସ ପକାଇଦେଲେ,କରୋନା ପାଖ ମାଡିବ ନାହିଁତ, କିଏ କହିଲାଣି ନାକରେ ଲେମ୍ବୁ ରସ ପକାଇ ସରକାରୀ ହାଇସ୍କୁଲ୍ ର ଶିକ୍ଷକ ମୃତ। କିଏ କହୁଛି ଟୀକାକରଣ, ପ୍ରଚାର ଏବଂ ଆସନ ସୁରକ୍ଷାର ଏକ ଚାଲ, ଆଉ କିଏ କହୁଛି ଟୀକା ନେଇ ମଧ୍ୟ ସଂକ୍ରମଣରୁ ରକ୍ଷା ମିଳୁନାହିଁ। ଟୀକା ନେଲେ ପାର୍ଶ୍ୱ ପ୍ରତିକ୍ରିୟା ଜନୀତ ମୃତ୍ୟୁ ହେଉଛି ଆଶଙ୍କାରେ କେତେକ ଟୀକା ନେବାକୁ ଇଛା ପ୍ରକାଶ ନକରୁଥିବା ବେଳେ, କିଛି ଲୋକ ଟୀକା ଉପଲବ୍ଧ ଜନୀତ ବିଳମ୍ବ ଯୋଗୁ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଗୋଟିଏ ଭିଡିଓ ଭାଇରାଲ, ହେଲା ନବୀନ ବାବୁ ଜବାବ ଦିଅ ! ରୋଗୀମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର ନକରି, ତାଙ୍କର କିଡ୍‌ନୀ ଚକ୍ଷୁ ଇତ୍ୟାଦି ଅଙ୍ଗକୁ କାଢି ନିଆଯାଉଛି ପରି, କପୋଳକଳ୍ପିତ ଉଦ୍ଭଟ ତଥ୍ୟ ।ଗୁଜବ ସୃଷ୍ଟିକାରୀଙ୍କର ଏଇଟା ହେଉଛି ସୁଯୋଗ। ବିଭ୍ରାନ୍ତିକର ଓ ଅସତ୍ୟ ତଥ୍ୟ ପ୍ରଚାର କରି, ସାଧାରଣ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟିକରି , ସେଥିରୁ ସେମାନେ(Sadistic Pleasure) ବା ପରପୀଡନ ଜନୀତ ସୁଖ ଉପଭୋଗ କରୁଛନ୍ତି। ଏ ଘୋର ବିପଦ ସମୟରେ ଲୋକଙ୍କ ମନରେ ସାହସ ସଂଚାର କରିବା ପରିବର୍ତେ ଭୟ ସଂଚାର କରୁଥିବା ଗୁଜବ ସୃଷ୍ଟିକାରୀଙ୍କର କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ଅନେକ ଲୋକ କରୋନା ଆକ୍ରାନ୍ତ ହୋଇମଧ୍ୟ ସାମାଜିକ ବାସନ୍ଦ ହେବା ଭୟରେ ତଥ୍ୟ ଲୁଚାଇ, ଆହୁରି ଅନେକ ଲୋକଙ୍କୁ ସଂକ୍ରମିତ କରାଇ ଦେଉଛନ୍ତି। ପ୍ରକୃତ ମୃତ୍ୟୁ ସଂଖ୍ୟା ସରକାରୀ ଗଣନାକୁ ଆସି ପାରୁନାହିଁ। ଦୈନିକ ପରୀକ୍ଷା ଯେତେ ଅଧିକ ହେଉଛି, ସଂକ୍ରମଣ ହାର ସେତେ ଅଧିକ ହେଉଛି, ଯଦି କୌଣସି କାରଣରୁ ପରୀକ୍ଷା କମି ଯାଉଛି,ତେବେ ହାର କମି ଯାଉଛି। ଆଶଙ୍କା ଓ ଆତଙ୍କିତ ସ୍ଥିତି ଆମର ମାନସିକତାକୁ ସମ୍ପୂର୍ଣ ଦୁର୍ବଳ କରିଦେଉଛି। ମରିବା ପୂର୍ବରୁ, ଶହେଥର ଆମ ମାନସ ଚକ୍ଷୁରେ, ମୃତ୍ୟୁର ବିଭିଷିକା ଚଳଚ୍ଚିତ୍ର ଦୃଶ୍ୟ ପରି ପ୍ରତୀୟମାନ ହେଉଅଛି, ଯେଉଁଥିପାଇଁ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇ,ସହଜରେ କରୋନା ସଂକ୍ରମଣର ସୁଯୋଗ ସୃଷ୍ଟି କରୁଅଛି। ଦୀର୍ଘ ଗୋଟିଏ ବର୍ଷର ତାଣ୍ଡବ ରଚିବା ପରେ, କରୋନାର ପ୍ରକୋପ ସାମାନ୍ୟ ହ୍ରାସପାଇ ଜୀବିକାର୍ଜନର ପଥ ସୁଗମ ହେବା ବେଳକୁ, ପୁଣି ଭୟଙ୍କର ବେଗରେ ମାଡି ଆସିଲା ଦ୍ୱିତୀୟ ଲହର। ଜୀବିକାର ତ ବିକଳ୍ପ ସମ୍ଭାବନା ଅଛି,କିନ୍ତୁ ଜୀବନର ବିକଳ୍ପ ନାହିଁ। ତେଣୁ ପ୍ରଥମେ ଜୀବନ ରକ୍ଷା। ଯଥା ସମ୍ଭବ ଆମ୍ଭେମାନେ ଅତିରଞ୍ଜିତ ପ୍ରଚାର ପ୍ରସାର ଠାରୁ ନିଜକୁ ଦୁରେଇ ରଖିବା। ପୃଥିବୀର ଏକମାତ୍ର ସତ୍ୟ ମୃତ୍ୟୁ ତ ଜୀବନରେ ଥରେ ନିଶ୍ଚୟ ଆସିବ। ତେଣୁ ତାହା ଏକ ସ୍ୱାଭାବିକ ଅବସ୍ଥା ବୋଲି,ଅନୁଭବକୁ ଆଣି, ସହଜ ଓ ସ୍ୱାଚ୍ଛନ୍ଦ ଜୀବନ ଅତିବାହିତ କରିବାକୁ ଶତପ୍ରତିଶତ ଚେଷ୍ଟିତ ହେବା। ସଦା ସର୍ବଦା ଗୃହକର୍ମ, ମନୋରଞ୍ଜନ, ପୁସ୍ତକ କିମ୍ବା ସମ୍ବାଦ ପତ୍ର ପଠନ, ଗୃହ ପାଳିତ ପଶୁ ପକ୍ଷୀ ମାନଙ୍କର ସେବା ଯତ୍ନ, ବାଡି ବଗିଚାରେ କାମ ଇତ୍ୟାଦି କରି ନିଜକୁ କାର୍ଯ୍ୟବ୍ୟସ୍ତ ରଖିବା ଉଚିତ। ପରିବାରର ସମସ୍ତ ସଦସ୍ୟ ତଥା ବିଶେଷ ଭାବରେ ଛୋଟ ପିଲା ମାନଙ୍କ ସହିତ, କରୋନା ସଂପର୍କୀତ ଆଲୋଚନା ବ୍ୟତିତ, ଅନ୍ୟାନ୍ୟ ଆନନ୍ଦ ଦାୟକ ସ୍ମୃତି ର ଆଲୋଚନା କରିବା ଏବଂ ଗୃହାଭ୍ୟନ୍ତର କ୍ରୀଡାରେ ସମୟ ବିନିଯୋଗ କରିବା ଆବଶ୍ୟକ। ଶରୀରର ସୁସ୍ଥତା ଏବଂ ସକରାତ୍ମକ ଭାବନା ସୃଷ୍ଟି ନିମନ୍ତେ, ସକାଳେ ଓ ସଂଧ୍ୟାରେ କିଛି ସମୟ ନିମନ୍ତେ ଯୋଗ, ପ୍ରାଣାୟମ, ବ୍ୟାୟାମ ଇତ୍ୟାଦିରେ ଅଭ୍ୟସ୍ତ ହେବା ଆବଶ୍ୟକ। ସଚେତନତା ଓ ସତର୍କତା ଦୁଇଟି ଅଲଗା କଥା। ଅନେକ ସଚେତନ ଲୋକ ଅଧିକାଂଶ ସମୟରେ ସତର୍କ ନହୋଇ, ଭୟଙ୍କର ବିପଦ ସୃଷ୍ଟିର କାରଣ ହୋଇଥାନ୍ତି। ମୃତ୍ୟୁର ଆଶଙ୍କାରେ ବିବ୍ରତ ହେବା ପରିବର୍ତେ ସତର୍କ ହୋଇ ସର୍ବଦା ବିପଦକୁ ସାମନା କରିବା ଉଚିତ୍। ମହାମାରୀରୁ ରକ୍ଷା ପାଇବା ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ନିୟମ,ତଥା କୋଭିଡର ସ୍ଥିତି ଅନୁଧ୍ୟାନ କରି ବିଭିନ୍ନ ସମୟରେ ବିଭିନ୍ନ ପରିବର୍ତୀତ ନିୟମକୁ, ସମ୍ମାନର ସହିତ ସଠିକ୍ ଭାବରେ ପାଳନ କରି ନିଜର ସୁରକ୍ଷା ବଜାୟ ରଖିବା ସହିତ, ଅନ୍ୟ ମାନଙ୍କର ସୁରକ୍ଷା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଯାହା ଆମ ନିୟନ୍ତ୍ରଣର ବାହାରେ, ତା ପାଇଁ ବ୍ୟସ୍ତ ବିବ୍ରତ ହୋଇ, ମୃତ୍ୟୁ ପୂର୍ବରୁ ଶହେ ଥର ମରିବା କାହିଁକି ? ଯାହା ହେବ ଦେଖାଯିବ। ନାଁ ଆପଣ କଣ କହୁଛନ୍ତି କୁହନ୍ତୁ ନାଁ ?

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

# ଇଟାଲୀର ଅଭିଶପ୍ତ ଦ୍ୱୀପ



ସମୟରେ ଲୁଇଗି ନେଗ୍ରି ନାମକ ଜଣେ ବ୍ୟକ୍ତି ମାଛ ଚାଷ ପାଇଁ କିଣିଥିଲେ । ମାଛ ଚାଷ କରି ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଲକ୍ଷରେ ସେ ଏହି ଦ୍ୱୀପର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ବିଶାଳ ବଙ୍ଗଳା ତିଆରି କରିଥିଲେ । ଆଜି ବି ସେଇ ବଙ୍ଗଳା ଉକ୍ତ ଦ୍ୱୀପରେ ଅବସ୍ଥିତ । ହେଲେ କୌଣସି କାରଣବଶତଃ ହଠାତ୍ ଲୁଇଗି ଦେବାଳିଆ ହୋଇଯାଇଥିଲେ ଏବଂ ଦ୍ୱୀପକୁ ବିକ୍ରି କରି ଦେଇଥିଲେ । ତାଙ୍କ ପରେ ସ୍ୱିଡେନର ଜଣେ ବ୍ୟବସାୟୀ ହେନ୍ସ ବ୍ରାଉନ ଏହି ଦ୍ୱୀପର ମାଲିକ ହୋଇଥିଲେ । କିଣିବାର କିଛି ମାସ ପରେ ହେନ୍ସଙ୍କର ମୃତ ଦେହ ବଙ୍ଗଳାରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ପୁଣିଥରେ ଏହି ଦ୍ୱୀପର ମାଲିକାନା ଯାଇଥିଲା ଓଟୋ ଗ୍ରୁନବ୍ୟାକ ନାମକ ଜଣେ ବ୍ୟକ୍ତିଙ୍କ ଅଧୀନକୁ । ତାଙ୍କର ମଧ୍ୟ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା । ତାଙ୍କ ପରେ ମୌରାସି ଭେସ୍ ସାଣ୍ଟୋଜ ଏହି ଦ୍ୱୀପର ମାଲିକାନା ହାସଲ କରିଥିଲେ । ଏହାକୁ କିଣିବା ପୂର୍ବରୁ ସେ ବହୁତ ବଡ଼ ଲେଖକ ଥିଲେ । କିନ୍ତୁ ବଙ୍ଗଳାରେ ରହିବା ପରେ ସେ ପାଗଳ ହୋଇଯାଇଥିଲେ । ଜନ୍ ପଲ୍ ଗେଟିଙ୍କ ସହିତ ମଧ ସମାନ ଘଟଣା ଘଟିଥିଲା । ତାଙ୍କର ପୂରା ପରିବାର ଆତ୍ମହତ୍ୟା କରିଥିଲେ । ଏହି ଦ୍ୱୀପ ବିଷୟରେ ଆହୁରି ଏମିତି ଅନେକ କାହାଣୀ ଶୁଣିବାକୁ ମିଳେ ।

# ଇମୋଜି

ବର୍ତ୍ତମାନ ୱାର୍ଡ ବା ଟେକ୍ସଟ ତୁଳନାରେ ସୋସିଆଲ ସାଇଟ୍‌ରେ ମେସେଜ୍, ଷ୍ଟାଟସ୍ ହେବା ଅବା କମେଣ୍ଟ ଲାଗି ଇମୋଜି ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ତେବେ ୱାର୍ଡଠାରୁ ଅଧିକ ଏକ୍ସପ୍ରେସିଭ୍, ଆଇକ୍ୟାଚି ଏବଂ ଫନି ଲାଗୁଥିବା ଏହି ଭିଜୁଆଲ୍ ଶର୍ଟକଟ୍ ଇମୋଜି ବିଷୟରେ ଆସନ୍ତୁ ଜାଣିବା କିଛି ଜଣା ଅଜଣା ତଥ୍ୟ...



■ଇମୋଜି ପ୍ରଥମେ ଜାପାନର ଜଣେ ମୋବାଇଲ କମ୍ପାନୀ କର୍ମଚାରୀ ଶିଗେଟାକା କୁରିଟାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯେଉଁଥିପାଇଁ ତାଙ୍କୁ ଇମୋଜିର ଜନକ ବୋଲି ମଧ କୁହାଯାଇଥାଏ ।

■ଶିଗେଟାକା ଖବରରକାଗଜ ଏବଂ ଟେଲିଭିଜନରେ ପାଣିପାଗ ସୂଚନା ଲାଗି ଶବ୍ଦ ବଦଳରେ ଦିଆଯାଉଥିବା ସିମ୍ବଲଗୁଡ଼ିକୁ ଦେଖି ମଣିଷର ଭାବକୁ ଶବ୍ଦ ବଦଳରେ ଚିତ୍ର ମାଧମରେ ପ୍ରକାଶ କରିବାକୁ ଉଦ୍ୟମ କରିଥିଲେ । ତେଣୁ ସେ ଇ+ମୋଜି ଅର୍ଥାତ୍ ପିକ୍‌ଚର+କ୍ୟାରେକ୍ଟର ବା ଚିତ୍ର+ଚରିତ୍ରକୁ ନେଇ ଇମୋଜି ଆରମ୍ଭ କରିଥିଲେ ।

■ପ୍ରଥମେ ନିଜର ଏକ ଟିମ୍‌ଙ୍କ ସହାୟତାରେ ସେ ୧୭୬ଟି ଇମୋଜି ପ୍ରସ୍ତୁତ କରିଥିଲେ, ଯେଉଁଥିରେ ସେ କେବଳ ମୁହଁରେ ବିଭିନ୍ନ ଭାବ ଥିବା ଚିତ୍ରକୁ ନେଇଥିଲେ । ପରେ ପୋଲିସ ଓ କନ୍‌ଷ୍ଟ୍ରକ୍ସନ କର୍ମଚାରୀମାନଙ୍କ ସିମ୍ବଲକୁ ପୁରୁଷ ଭାବେ ଏବଂ ମହିଳା ଅଧିକ ଶପିଂ ଏବଂ ବିୟୁଟିପାର୍ଲରର ଯାଉଥିବାରୁ ସେମାନଙ୍କ ଚରିତ୍ରରେ କେଶ କାଟୁଥିବା କିମ୍ବା ମସାଜ ନେଉଥିବାର ଚିତ୍ର ଦେଇଥିଲେ ।



■ଧୀରେ ଧୀରେ ଶବ୍ଦ ପରିବର୍ତ୍ତେ ଏସବୁ ସିମ୍ବଲ ଲୋକାଦ୍ଦୃତ ହେବାକୁ ଲାଗିଲା । ଆରମ୍ଭରେର ଏହା ଡୋକୋମୋ ଏବଂ ପରେ ୨୦୦୭ରେ ମୋବାଇଲ୍ ଟେକ୍ନୋଲୋଜିରେ ଆଷ୍ଚର୍ଯ୍ୟଜନକ ପରିବର୍ତ୍ତନ ଆଣିଲା । କ୍ରମଶଃ ଏକାଧିକ ଟେଲିକମ୍ କମ୍ପାନୀର ନେଟୱାର୍କ ସାଙ୍ଗକୁ ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର ଏହାକୁ ଅଧିକ ଲୋକପ୍ରିୟ କରିଦେଲା ।

■ବିଶେଷକରି ୨୦୧୧ରେ ଆପ୍ଲ ବା 'ଟ୍ୟାପ୍ ଟୁ ରିପ୍ଲେସ୍ ଇମୋଜି ଇନ୍ ଆଇଓଏସ୍' ଫିଚର ଆରମ୍ଭ ହେବା ପରଠୁ ଏହା ଅଧିକ ବ୍ୟବହାର ହେଲା ।




■ବର୍ତ୍ତମାନ ମଣିଷର ପ୍ରତ୍ୟେକ କାର୍ଯ୍ୟଠାରୁ ଆରମ୍ଭ କରି ଭାବ ପର୍ଯ୍ୟନ୍ତ ସିମ୍ବଲର ଉଭୟ ମେଲ୍ ଏବଂ ଫିମେଲ୍ ଭର୍ସନ ସହିତ ଏକାଧିକ ସ୍କିନ୍‌ଟୋନ ମଧ ଉପଲବ୍ଧ । କେବଳ ଏତିକି ନୁହେଁ ଏଥିରେ ପିଲା, ଯୁବାବସ୍ଥା, ବୃଦ୍ଧାବସ୍ଥା ସହିତ ପରିବାର, ବନ୍ଧୁ ଇତ୍ୟାଦି ଭଳି ବିଭିନ୍ନ ସିମ୍ବଲ ମଧ ଆସୁଛି ।

■ଅନ୍ୟ ସୋସିଆଲ ସାଇଟ୍ ତୁଳନାରେ ଟ୍ୱିଟର, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ହ୍ୱାଟ୍‌ସଆପ୍‌ରେ ଇମୋଜି ବ୍ୟବହାର ସର୍ବାଧିକ । ତେବେ ସମସ୍ତ ଇମୋଜି ମଧ୍ୟରୁ ପିଞ୍ଚ୍‌ଡ୍‌ଫିଙ୍ଗର୍ସ, ସ୍ମାଇଲିଂ ଫେସ୍ ୱିଥ୍ ଟିଅର୍ସ, ହାପି ଫେସ୍, ସ୍ୟାଡ୍ ଫେସ୍ ହାର୍ଟ ଶେପ୍ ହ୍ୟାଣ୍ଡ ସିମ୍ବଲ ଅଧିକ ବ୍ୟବହାର କରାଯାଉଛି ।









# ମେଥି ଶାଗ ପରଟା

ସେଥି ସ୍ୱାସ୍ଥ୍ୟ ପାଇଁ ଯେତିକି ଗୁଣକାରୀ ଏଥିରେ ପ୍ରସ୍ତୁତ ଖାଦ୍ୟ ମଧ ଖୁବ୍ ପାଟିସୁଆଦିଆ । ମେଥି ଶାଗଠାରୁ ଆରମ୍ଭ କରି ମେଥି ପରଟା, ମେଥି ପନିର ଆଦି ବିଭିନ୍ନ ଖାଦ୍ୟ ମେଥିରୁ ପ୍ରସ୍ତୁତ କରାଯାଇଥାଏ ।




**ପ୍ରସ୍ତୁତ ପ୍ରଣାଳୀ:**
ମେଥି ଡେମ୍ଫରୁ ଶାଗକୁ ଅଲଗା କରି ବାହାର କରି ଦିଅନ୍ତୁ । ଏହାକୁ ଭଲ ଭାବରେ ପାଣିରେ ଧୋଇ ଛାଣି ଚୂନା ଚୂନା କରି କାଟି ଦିଅନ୍ତୁ । ପରେ ଶାଗକୁ କଡ଼ାଇରେ ଅଳ୍ପ ପାଣି ଓ ଲୁଣ ଦେଇ ସିଝାଇ ଦିଅନ୍ତୁ । ପାଣି ମରିଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏକ ପାତ୍ରରେ ଅଟା, ବେସନ, ଲାଲ ଲଙ୍କା ପାଉଡର, ଲୁଣ, ଦହି, ଚିମୁଟାଏ ହେଙ୍ଗୁ ଆଦି ପକାଇ ପାଣିଦେଇ ଚକଟି ଦିଅନ୍ତୁ । ଏବେ ଏହାକୁ ଗୋଲା କରି ଏହା ମଧରେ ଅଳ୍ପ ଶାଗ ଦେଇ ବେଲଣା ପଟାରେ ବେଲି ପରଟାରେ ସେପ୍ ଦିଅନ୍ତୁ । ତାୱା ଗରମ କରି ପରଟା ପକାନ୍ତୁ । ପରଟା ଭଲ ଭାବରେ ହୋଇ ଗଲେ ଏଥିରେ ରିଫାଇନ ତେଲ ଦେଇ ପରଟା ଲାଲ ପଡ଼ିବା ପରେ ପ୍ଲେଟକୁ କାଢ଼ି ଆଣନ୍ତୁ । ଏହାକୁ ଚିଲି କିମ୍ବା ଟମାଟୋ ସସ୍ ଦେଇ ଖାଆନ୍ତୁ ଖୁବ୍ ସୁଆଦିଆ ଲାଗିବ ।

**ସାମଗ୍ରୀ:**
୨୫୦ ଗ୍ରାମ୍ ଅଟା, ଅଧାକପ୍ ବେସନ, ୧ କପ୍ ମେଥି ପତ୍ର, ଅଧା ଟିସ୍ପୁନ୍ ଜିରା, ଦେଢ଼ ଟିସ୍ପୁନ କଞ୍ଚା ଲଙ୍କା ପେଷ୍ଟ । ୧ ଛୋଟ ଚାମଚ ଶୁଖିଲା ଲଙ୍କା ପାଉଡର, ୨ ଛୋଟ ଚାମଚ ଦହି, ୧ ଟେବୁଲ ଚାମଚ ତେଲ, (ପରଟା ସେକିବା ପାଇଁ), ଲୁଣର ସ୍ୱାଦ ଅନୁସାରେ ।

# ଚାଉଳ ଏଟିଏମ୍

ବ୍ୟାଙ୍କ୍ ଏଟିଏମ୍‌ରୁ ଆପଣ ଟଙ୍କା ବାହାର କରୁଥିବେ । କିନ୍ତୁ ଏବେ ଏଟିଏମ୍ ମସିନ୍‌ରୁ ଚାଉଳ ବି ବାହାରିବ । ଏମିତି ଏକ ଯୋଜନା କରୁଛନ୍ତି କର୍ଣ୍ଣାଟକ ସରକାର । ସାଧାରଣ ବଣ୍ଟନ ଯୋଜନାରେ ହିତାଧିକାରୀଙ୍କ ପାଇଁ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଏଭଳି ନିଆରା ପଦକ୍ଷେପ ନିଆଯିବ । ମସିନ୍‌ରେ କିଛି କଏନ୍ ଭର୍ତ୍ତି କରିବା ପରେ ସେଥିରୁ ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ବାହାରିବ । ଏହା ଫଳରେ ହିତାଧିକାରୀଙ୍କୁ ପିଡିଏସ୍ ଚାଉଳ ପାଇଁ ଆଉ ଡିଲରଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ, ରାସନ୍ ଦୋକାନ ଆଗରେ ଛିଡ଼ା ହେବାକୁ ପଡ଼ିବ ନାହିଁ । ଚାଉଳ ଏଟିଏମର ଯେକୌଣସି ସମୟରେ ସେମାନେ ଚାଉଳ ପାଇପାରିବେ । ଏ ବିଷୟରେ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କେ ଗୋପାଳୟା କହିଛନ୍ତି, 'ଆମକୁ ଗରବ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ଚାଉଳ ଏଟିଏମ୍ ସ୍ଥାପନ ପାଇଁ ଏକ ପ୍ରସ୍ତାବ ମିଳିଛି । ଏହି ଏଟିଏମ୍‌ର କ୍ଷମତା ଯଥାକ୍ରମେ ୧୦୦ କିଲୋ, ୨୦୦ କିଲୋ ଏବଂ ୫୦୦ କିଲୋ ରହିବ । କଏନ୍ ଭର୍ତ୍ତି କଲେ ଚାଉଳ ବାହାରିବ । ତେବେ ଏହା କିଭଳି କାମ କରୁଛି ତାହା ଜାଣିବା ଲାଗି ଆମେ ପ୍ରାଥମିକ ଭାବେ ଏହାକୁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଲଗାଇବୁ । ଯଦି ଫଳାଫଳ ଭଲ ଆସିଲା ତା' ହେଲେ ଅଧିକ ସ୍ଥାନରେ ଲଗାଯିବ ।'ସେହିପରି ଖାଦ୍ୟ ଓ ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି, 'ରାଜ୍ୟର ଅଧିକାଂଶ ପିଡିଏସ୍ ହିତାଧିକାରୀ ଦିନ ମଜୁରିଆ । ରାସନ୍ ଦୋକାନକୁ ଆସିବା ଲାଗି ସେମାନଙ୍କୁ ମାଲିକଠାରୁ ଅନୁମତି ଆଣିବାକୁ ପଡ଼େ । ପୁଣି ସେଗୁଡ଼ିକ କେବଳ ଦିନରେ ଖୋଲାରହିବ । ଏହିସବୁ ଅସୁବିଧାକୁ ଦେଖି ସରକାର ଚାଉଳ ଏଟିଏମ୍ ଆରମ୍ କରିବା ଲାଗି ଯୋଜନା କରୁଛନ୍ତି ।' ସୂଚନାଥାଉକି, ବର୍ତ୍ତମାନ ଇଣ୍ଡୋନେସିଆ ଏବଂ ଭିଏତନାମରେ ଏହି ସୁବିଧା ରହିଛି । କରୋନା ମହାମାରୀ ସଙ୍କଟର ସାମ୍ନା କରୁଥିବା ଲୋକଙ୍କ ସହାୟତା ପାଇଁ ରାଜଧାନୀ ଜାକର୍ତ୍ତାରେର ମେ ମାସରୁ ଏହି ଯୋଜନା ଆରମ୍ଭ କରାଯାଇଛି ।

# ଗୁଏଟାମାଲାର ରଙ୍ଗୀନ ସମାଧିସ୍ଥଳ



ଗୁଏଟାମାଲା ସଂସ୍କୃତିରେ ମୃତ୍ୟୁ ପରବର୍ତ୍ତୀ ଜୀବନକୁ ଅତି ଉଚ୍ଚ ସ୍ଥାନ ଦିଆ ଯାଇଥାଏ । ଆଜି ବି ଏହି ଦେଶର ଅଧିକାଂଶ ଲୋକ ପରଜନ୍ମରେ ବିଶ୍ୱାସ କରନ୍ତି । ସେମାନଙ୍କର ଏହି ବିଶ୍ୱାସର ଝଲକ ପ୍ରତିଫଳିତ ହୋଇଥାଏ ସେହି ଦେଶର ସମାଧି ସ୍ଥଳଗୁଡ଼ିକରେ । ବିଶେଷକରି ଗୁଏଟାମାଲାର ଗାଁ ଓ ଛୋଟ ସହରଗୁଡ଼ିକର ଶେଷ ପ୍ରାନ୍ତରେ ଥିବା ସମାଧିସ୍ଥଳଗୁଡ଼ିକୁ ଦେଖିଲେ ବୁଝିହୁଏ ସେ ଦେଶର ଲୋକମାନେ ପରଜନ୍ମ ଉପରେ କେତେ ଅଧିକ ବିଶ୍ୱାସ କରନ୍ତି। କାରଣ ସେହିସବୁ ସମାଧିସ୍ଥଳରେ ଥିବା ପ୍ରତ୍ୟେକଟି ଛୋଟ ବଡ଼ ସମାଧି ସ୍ତୁପକୁ ବିଭିନ୍ନ ରଙ୍ଗରେ ରଙ୍ଗୀନ କରାଯାଇଥାଏ । ଭିନ୍ନ ଦେଶରୁ ଯାଇଥିବା କିମ୍ବା ଗୁଏଟମାଲା ସଂସ୍କୃତି ସହିତ ଅପରିଚିତ ଲୋକମାନେ ପ୍ରଥମ ଥର ପାଇଁ ଏହିଭଳି ସମାଧିସ୍ଥଳ ଦେଖି ଭ୍ରମରେ ପଡ଼ିଯାଆନ୍ତି ଯେ ତାହା ସମାଧି ସ୍ଥଳ ନା ସାଧାରଣ ଲୋକଙ୍କ ବାସୋପଯୋଗୀ ସ୍ଥାନ । ଗୁଏଟାମାଲାରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ବନ୍ଧୁ ଓ ପରିବାର ଲୋକ ମୃତ ବ୍ୟକ୍ତିଙ୍କର ସବୁଠୁ ପ୍ରିୟ ରଙ୍ଗରେ ସମାଧି ସ୍ତୁପକୁ ରଙ୍ଗୀନ କରିଥାଆନ୍ତି । ଏହି ଉପାୟରେ ସେମାନେ ନିଜ ପ୍ରିୟଜନଙ୍କୁ ମନେ ରଖିଥାଆନ୍ତି । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏହି ଦେଶର ସୋଲୋଆ, ସିସିକାଷ୍ଟେନାଙ୍ଗୋ ଏବଂ ଜେଲା ଭଳି ସମାଧି ପୀଠଗୁଡ଼ିକ ପର୍ଯ୍ୟଟନ ସ୍ଥଳୀ ପାଲଟିଛି । ପ୍ରତିବର୍ଷ ନଭେମ୍ବର ୧ ତାରିଖରେ ଏହି ସମାଧି ସ୍ଥଳଗୁଡ଼ିକ ଜନଗହଳିରେ ଭରି ଉଠେ । ହଜାର ହଜାରର ଲୋକ ନିଜ ପ୍ରିୟଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସମାଧିସ୍ଥଳରେ ଏକତ୍ରିତ ହୋଇଥାଆନ୍ତି । ସ୍ଥାନୀୟ ଲୋକମାନେ ଯେତେ ଅଧିକ ସମ୍ଭବ ରଙ୍ଗୀନ ପୋଷାକ ପରିଧାନ କରି ସମାଧି ସ୍ଥଳରେ ଏକାଠି ହୋଇ ସମାଧି ସ୍ତୁପଗୁଡ଼ିକୁ ଫୁଲରେ ସଜାଇ ଥାଆନ୍ତି ।

# ଉହାଙ୍ଗ ବିଦ୍ୟାଳୟର ବିକାଶ ପାଇଁ ୧.୫ ଲକ୍ଷ ଟଙ୍କା ଦେଲେ ଚୈତନ୍ୟ ଚରଣ ସ୍ୱାଇଁ

ଭୁବନେଶ୍ୱର,୧୮/୫ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ର ଉହାଙ୍ଗ ପ୍ରାଥମିକ ବିଦ୍ୟାଳୟର ବିକାଶ ପାଇଁ ଆଜି ପୂର୍ବାହ୍ନରେ ଚୈତନ୍ୟ ଚରଣ ସ୍ୱାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଚେକ୍ ଆକାର ରେ ପ୍ରଦାନ କରିଛନ୍ତି । ଶ୍ରୀ ସ୍ୱାଇଁଙ୍କ ତିନପୁତ୍ର ତଥା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ପୁଷ୍ପକ ରଞ୍ଜନ ସ୍ୱାଇଁ, ନିହାର ରଞ୍ଜନ ସ୍ୱାଇଁ ଏବଂ ଦୀପ୍ତିରଞ୍ଜନ ସ୍ୱାଇଁ ରାଜ୍ୟ ସରକାରଙ୍କ ପୋଷ୍ୟ ବିଦ୍ୟାଳୟ ନିୟମ ଅନୁଯାୟୀ ଉହାଙ୍ଗ ପ୍ରାଥମିକ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରି 'ମୋ ସ୍କୁଲ' ଅଭିଯାନରେ ସାମିଲ ହେଉଛନ୍ତି । ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶଙ୍କ ପ୍ରେରଣାରେ ଶ୍ରୀ ସ୍ୱାଇଁ ଉହାଙ୍ଗ ପ୍ରାଥମିକ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିଥିଲେ । ଶ୍ରୀ ସ୍ୱାଇଁଙ୍କ ଧର୍ମପତ୍ନୀ ସ୍ୱର୍ଗତ କାମିନୀ ସ୍ୱାଇଁଙ୍କ ଏକାଦଶାହ କାର୍ଯ୍ୟକ୍ରମ ଅବସରରେ ମନସ୍ୱିନୀ ଖଟେଇ, ଅଧ୍ୟକ୍ଷା, ନିମାପଡ଼ା ପଂଚାୟତ ସମିତି, ହିମାଂଶୁ ଭୂଷଣ ସମରଥ, ଶିକ୍ଷା ମଣ୍ଡଳ ଅଧିକାରୀ, ନିମାପଡ଼ା, ଚିତ ରଞ୍ଜନ ସ୍ୱାଇଁ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ, ପୁଷ୍ପଲତା ରାଉତରାୟ, ସରପଂଚ, ଧଳେଶ୍ୱର ଗ୍ରାମପଂଚାୟତ, ପ୍ରଦୀପ୍ତ ଖଟୋଇ, ପୂର୍ବତନ ଅଧ୍ୟକ୍ଷ, ନିମାପଡ଼ା ପଂଚାୟତ ସମିତି, କୃପାସିନ୍ଧୁ ପ୍ରଧାନ, ପ୍ରଧାନଶିକ୍ଷକ, ଉହାଙ୍ଗପ୍ରାଥମିକ ବିଦ୍ୟାଳୟ, ବିପିନ ବିହାରୀ ସ୍ୱାଇଁ, ସଭାପତି 'ମୋ ସ୍କୁଲ' ଅଭିଯାନ କମିଟି, ଉହାଙ୍ଗ ପ୍ରାଥମିକ ବିଦ୍ୟାଳୟ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୧ ଯାଏଁ ଜନସାଧାରଣଙ୍କୁ ଓଏଚଆରସି ଅଫିସ୍ ମନା




ଭୁବନେଶ୍ୱର ,୧୮/୫ (ନି.ପ୍ର): ଆସନ୍ତା ମଇ ୩୧ ତାରିଖ ଯାଏଁ ରାଜ୍ୟ ମାନବାଧିକାର କମିଶନ କାର୍ଯ୍ୟାଳୟକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । କରୋନା ସଂକ୍ରମଣ ବୃଦ୍ଧି ଦୃଷ୍ଟିରୁ ଓଏଚଆରସି ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ସାଧାରଣ ଲୋକ ତଥା ଆବେଦନକାରୀଙ୍କୁ ଅଫିସ୍ ଆସିବାକୁ ବାରଣ କରାଯାଇଛି । ସ୍ୱଳ୍ପ ଷ୍ଟାଫଙ୍କୁ ନେଇ ଅଫିସ୍ ଚାଲିବ, କେବଳ ଜରୁରୀ ମାମଲାର ହେବ ଶୁଣାଣି । ଅଭିଯୋଗକାରୀଙ୍କ ପଞ୍ଜିକରଣ ଏବଂ ଯାଂଚ କାର୍ଯ୍ୟ ନିୟମିତ ଭାବେ ଚାଲୁରହିବ । ଆୟୋଗ କାର୍ଯ୍ୟ ବନ୍ଦ ରହିଲେ ମଧ ସମସ୍ତ କର୍ମଚାରୀ କର୍ତୃପକ୍ଷଙ୍କ ବିନା ଅନୁମତିରେ ସଦର ମହକୁମା ଛାଡିବେ ନାହିଁ ଏବଂ ଯେକୌଣସି ସମୟରେ ଆବଶ୍ୟକ ପଡିଲେ ନିଜର କାମ କରିବେ । ଏହି ସମୟରେ ଅତିଜରୁରୀ କେଶଗୁଡ଼ିକର ଶୁଣାଣି କରାଯିବ । କାର୍ଯ୍ୟାଳୟ ଇମେଲ ohrc@nic.in ମାଧ୍ୟମରେ ଅଭିଯୋଗ ପିଟିସନ୍ ଦାଖଲ କରାଯାଇପାରିବ । ଜରୁରୀ ଶୁଣାଣି ପାଇଁ କାର୍ଯ୍ୟାଳୟ ସହକାରୀ ରେଜିଷ୍ଟ୍ରାଙ୍କୁ ୮୭୬୩୬୪୨୦୮୦ ମୋବାଇଲ ନମ୍ବରରେ ସମ୍ପର୍କ କରାଯାଇପାରିବ । ଅତ୍ୟନ୍ତ ଜରୁରୀ କାର୍ଯ୍ୟ ପାଇଁ ସମ୍ପୃକ୍ତ ପକ୍ଷ ନିଜର ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ଦେଇ ଓଡ଼ିଶା ମାନବାଧିକାର ଆୟୋଗ ଅଧ୍ୟକ୍ଷଙ୍କ ଅନୁମତିକ୍ରମେ ଭର୍ଚୁଆଲ ମାଧ୍ୟମରେ ନିଜର ଅଭିଯୋଗ କରିପାରିବେ ।

## ଏକାଡେମୀ ଢାଞ୍ଚାରେ ହେବ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ନିଯୁକ୍ତି

ଭୁବନେଶ୍ୱର ,୧୮/୫ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ପଦବିରେ ଆଉ ସରକାର ସିଧାସଳଖ ନିଯୁକ୍ତି ଦେବେ ନାହିଁ । ସଂସ୍କୃତି ବିଭାଗର ଏକାଡେମିଗୁଡ଼ିକ ପରି ଏଠାରେ ମଧ ଏହି ପଦବି ପାଇଁ ଚୟନ ପ୍ରକ୍ରିୟା କରାଯିବ । ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି ହୋଇ ଆବେଦନ ଆହ୍ୱାନ କରାଯିବ । ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ସେହିପରି ବର୍ତ୍ତମାନର ମୁଖ୍ୟ ନିର୍ବାହୀ ଥିବା ସଙ୍ଗୀତା ଗୋସାଇଁଙ୍କ କାର୍ଯ୍ୟକାଳକୁ ପରବର୍ତ୍ତୀ ମୁଖ୍ୟ ନିର୍ବାହୀ ନିଯୁକ୍ତି ପର୍ଯ୍ୟନ୍ତ ସମ୍ପ୍ରସାରଣ ମଧ କରାଯାଇଛି । ତାଙ୍କ କାର୍ଯ୍ୟକାଳ ଜୁନ୍ ୩୦ ତାରିଖରେ ଶେଷ ହେଉଛି । ପୂର୍ବରୁ ଓଡ଼ିଶୀ ଗବେଷଣା କେନ୍ଦ୍ର କାର୍ଯ୍ୟ ନିର୍ବାହୀଙ୍କୁ ସିଧାସଳଖ ସରକାର ନିଯୁକ୍ତି ଦେଉଥିଲେ । କିନ୍ତୁ ଚାରି ଏକାଡେମିରେ ନିଯୁକ୍ତି ପ୍ରକ୍ରିୟାକୁ ବଦଳାଗଲା ପରେ ଗବେଷଣା କେନ୍ଦ୍ରରେ ମଧ ତାହା ଲାଗୁ କରାଯିବ । ଆଗ୍ରହୀ ବ୍ୟକ୍ତିମାନେ ଏହି ପଦବି ପାଇଁ ଆବେଦନ କରିବେ । ସରକାର ଏକ ଚୟନ କମିଟି ଗଠନ କରି ସେଥିରୁ ଜଣଙ୍କୁ ମନୋନୀତ କରି ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ୍ କରିବେ । ତିନି ବର୍ଷ ପାଇଁ ଏହି ନିଯୁକ୍ତି ଦିଆଯିବ ।

# 'ମମତା' ଯୋଜନାରେ ପଞ୍ଜିକରଣ ଅବଧି ୩ରୁ ୭ ମାସକୁ ବୃଦ୍ଧି

## ପ୍ରବାସୀ ମହିଳା ଓ ଶିଶୁଙ୍କ ତୁରନ୍ତ ପଞ୍ଜିକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର ,୧୮/୫ (ନି.ପ୍ର): କୋଭିଡ-୧୯ ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି । ଏଥିସହିତ ସାରା ଦେଶରେ ଲକ୍ ଡାଉନ୍ ଜାରି ରହିଥିବାରୁ ବହୁ ସଂଖ୍ୟାରେ ପ୍ରବାସୀ ରାଜ୍ୟକୁ ଫେରି ଆସୁଛନ୍ତି । ଏଭଳି କଠିନ ସ୍ଥିତିରେ କୋଭିଡ୍ ମାର୍ଗଦର୍ଶିକାର କଡାକଡି ଅନୁପାଳନ ମଧ୍ୟରେ ସମସ୍ତ ଅଙ୍ଗନବାଡି ସେବା ଜାରି ରଖିବା ଏବଂ ଓଡ଼ିଶାକୁ ଫେରୁଥିବା ସମସ୍ତ ଯୋଗ୍ୟ ପ୍ରବାସୀ ଗର୍ଭବତୀ ଓ ପ୍ରସୂତି ମହିଳା, ୬ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଅଙ୍ଗନବାଡିରେ ପଞ୍ଜୀକରଣ ମାଧ୍ୟମରେ ସମସ୍ତ ସେବା ଯୋଗାଇଦେବାକୁ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀମତୀ ସାହୁ ଭର୍ଚୁଆଲ ମାଧ୍ୟମରେ ସାମ୍ପ୍ରତିକ କୋଭିଡ୍ ପରିସ୍ଥିତିରେ ବିଭାଗ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ନିର୍ଦ୍ଦେଶକ, ସମନ୍ୱିତ ଶିଶୁବିକାଶ ଏବଂ ସମାଜ କଲ୍ୟାଣ ଅରବିନ୍ଦ ଅଗ୍ରୱାଲ କହିଥିଲେ ସାରାଦେଶରେ ଲକ୍ ଡାଉନ ସ୍ଥିତି ଲାଗି ରହିଥିବାରୁ ବହୁସଂଖ୍ୟାରେ ପ୍ରବାସୀ ରାଜ୍ୟକୁ ଫେରିଆସୁଛନ୍ତି । ତନ୍ମଧ୍ୟରେ ଅନେକ ଗର୍ଭବତୀ ମହିଳା ରହିଛନ୍ତି । ସେହିଭଳି ରାଜ୍ୟର ମଧ ଗର୍ଭବତୀ ମହିଳାମାନେ ଲକ୍‌ଡାଉନ ହେତୁ ମମତା ଯୋଜନାରେ ପଞ୍ଜୀକରଣ କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ 'ମମତା' ଯୋଜନାର ନିୟମାବଳୀରେ ସଂଶୋଧନ କରାଯାଇଛି । ଏହି ସହାୟତା ପାଇବା ପାଇଁଂଜୀକରଣ ଅବଧିକୁ ୩ ମାସ ରୁ୬ ମାସ ପର୍ଯ୍ୟନ୍ତ ଏବଂ ଅତି କଠିନ ସ୍ଥିତିରେ ୭ ମାସକୁ ବୃଦ୍ଧି କରାଯାଇଛି । ରାଜ୍ୟକୁ ଫେରୁଥିବା ପ୍ରବାସୀ ମହିଳାମାନେ କୌଣସି ଜାତୀୟ କିମ୍ବା ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରସୂତିକାଳୀନ ସହାୟତା ଯୋଜନାର ଅନ୍ତର୍ଭୁକ୍ତ ନହୋଇଥିଲେ ଅଣ୍ଡରଟେକିଙ୍ଗ୍ ଦେଇ ଓଡ଼ିଶାରେ 'ମମତା' ଯୋଜନାର ସୁଫଳ ପାଇପାରିବେ । ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ୧୮୧ ହେଲପ୍ ଲାଇନ୍ ରେ ମଧ 'ମମତା' ଯୋଜନା ସମ୍ବନ୍ଧୀୟ ସମସ୍ତ ଅଭିଯୋଗ ଗ୍ରହଣ କରାଯିବ । ଏ ସମସ୍ତ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇଛି ବୋଲି ନିର୍ଦ୍ଦେଶକ ଶ୍ରୀ ଅଗ୍ରୱାଲ ସୂଚନା ଦେଇଥିଲେ । ମନ୍ତ୍ରୀ ଶ୍ରୀମତୀ ସାହୁ ତୁରନ୍ତ ପ୍ରବାସୀ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଅଙ୍ଗନବାଡିରେ ପଞ୍ଜୀକରଣ କରିବା ସହ ସେମାନଙ୍କୁ ସମସ୍ତ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ । ଏଥିସହ କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତ ଆଇସିଡିଏସ୍ କାର୍ଯ୍ୟକର୍ତ୍ତା କିଭଳି କୋଭିଡ୍ ରେ ନିଜକୁ ସୁରକ୍ଷିତ ରଖିପାରିବେ, ସମସ୍ତ କୋଭିଡ୍ ନିୟମାବଳୀର ସଠିକ୍ ଅନୁପାଳନ କରାଯିବ ଏବଂ ଲକ୍ଷଣଯୁକ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ତୁରନ୍ତ କୋଭିଡ୍ ପରୀକ୍ଷା କରି ଚିକିତ୍ସା ସେବା ଯୋଗାଇ ଦିଆଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ବୈଠକରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ରଶ୍ମୀରଞ୍ଜନ ନାୟକ, ଧରଣୀଧର ନନ୍ଦ, ନିତ୍ୟାନନ୍ଦ ବାରିକ, ରେଗା ଗୀତାରାଣୀ ପଟ୍ଟନାୟକଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଟେଷ୍ଟିଙ୍ଗ କର୍ମୀମାନେ ପିପିଇ କିଟ୍ ପରିଧାନ କରନ୍ତୁ: ଇଣ୍ଡିଆନ୍ ସିଟିଜେନ୍‌ସ ପାର୍ଟି

ଭୁବନେଶ୍ୱର,୧୮/୫ (ନି.ପ୍ର): ଘର ଘର ବୁଲି ଟେଷ୍ଟିଙ୍ଗ କରୁଥିବା କର୍ମୀମାନଙ୍କୁ ପିପିଇ କିଟ୍ ଦିଆଯାଉ ଏବଂ ସେମାନେ ପିପିଇ କିଟ୍ ଓ ଏନ୍-୯୫ ମାକ୍ସ ପରିଧାନ କରି ଟେଷ୍ଟିଙ୍ଗ ସମ୍ପାଦନ କରନ୍ତୁ ବୋଲି ଇଣ୍ଡିଆନ୍ ସିଟିଜେନସ୍ ପାର୍ଟି ସଭାପତି ରମେଶ ଚନ୍ଦ୍ର ବେହେରା ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି । ଏତଦ୍‌ବ୍ୟତୀତ ଟେଷ୍ଟିଙ୍ଗ କର୍ମୀମାନଙ୍କୁ ପ୍ରତ୍ୟେକ ଦିନ ସେମାନଙ୍କର ପାରିଶ୍ରମିକ ପ୍ରଦାନ କରାଯାଉ ବୋଲି ଶ୍ରୀ ରାଉତ ଦାବି କରିଛନ୍ତି ।

## 'ମନ୍ କି ବାତ୍' ବନ୍ଦ ହେଉ : ଇଣ୍ଡିଆନ୍ ସିଟିଜେନ୍‌ସ ପାର୍ଟି

ଭୁବନେଶ୍ୱର, ୧୮.୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମନ୍ କି ବାତ୍ କାର୍ଯ୍ୟକ୍ରମ ଏବଂ ପଶ୍ଚିମବଙ୍ଗରେ ସିବିଆଇର ଗିରଫଦାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଏକଛତ୍ରବାଦୀ ଓ ପ୍ରତିହିଂସା ପରାୟଣ ବ୍ୟକ୍ତି ଭାବେ ପ୍ରତିପାଦିତ କରିଛି । 'ମନ୍ କି ବାତ୍' ବନ୍ଦ କରି 'ସାଂସଦ କି ବାତ୍' ପ୍ରସାର କଲେ ଦେଶବାସୀ ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କର ମତାମତ ଜାଣିପାରନ୍ତେ ବୋଲି ଇଣ୍ଡିଆନ୍ ସିଟିଜେନ୍‌ସ୍ ପାର୍ଟି ସଭାପତି ରମେଶ ଚନ୍ଦ୍ର ବେହେରା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

# ଭାରତୀୟ ଧର୍ମ, ସଂସ୍କୃତି, ଐକ୍ୟ ଓ ସଂହତିର ସଂରକ୍ଷକ ଆଚାର୍ଯ୍ୟ ଆଦିଶଙ୍କରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୧୮/୫ (ନି.ପ୍ର): ବୈଦିକ ସନାତନ ହିନ୍ଦୁଧର୍ମର ସାର୍ବଭୌମ ଗୁରୁ ଶିବାବତାର ଆଚାର୍ଯ୍ୟ ଆଦିଶଙ୍କରଙ୍କ ଜୟନ୍ତୀ ଉତ୍ସବ ଜୁମ୍ ଭିଡ଼ିଓ ଯୋଗେ ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମ୍ ପକ୍ଷରୁ ଆଜି ସନ୍ଧ୍ୟାରେ ପୂର୍ବତନ ପ୍ରଶାସକ ତଥା କୁଳପତି ନରେନ୍ଦ୍ର କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଭାରତବର୍ଷର ଏକ ଧାର୍ମିକ ତଥା ସାଂସ୍କୃତିକ ସଙ୍କଟ ସମୟରେ ଆଚାର୍ଯ୍ୟ ଶଙ୍କର ଜନ୍ମ ନେଇ ଭାରତୀୟ ଧର୍ମ, ସଂସ୍କୃତି, ସଂହତି ଓ ଐକ୍ୟର ସଂରକ୍ଷଣ କରିଥିଲେ । ମୁଖ୍ୟବକ୍ତା ଭାରତବର୍ଷର ବିଶିଷ୍ଟ ସଂସ୍କୃତ ବିଦ୍ୱାନ, ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି ତାଙ୍କ ବକ୍ତବ୍ୟରେ କହିଲେ ଯେ, ଆଚାର୍ଯ୍ୟ ଶଙ୍କର ସ୍ୱଳ୍ପାୟୁ ଥିଲେ, କିନ୍ତୁ ୩୨ବର୍ଷ ଜୀବନ କାଳରେ ସେ ୮ବର୍ଷରେ ଚାରିବେଦର ଅଧ୍ୟୟନ କଲେ । ୧୨ବର୍ଷ ବେଳକୁ ବହୁ ଶାସ୍ତ୍ର ରଚନା କରିବା ସହ ୧୬ବର୍ଷ ବେଳକୁ ଉପନିଷଦ, ଗୀତା, ବହ୍ମସୂତ୍ରର ଭାଷ୍ୟ ପ୍ରଣୟନ କରିଥିଲେ । ସେ ଶିବଙ୍କର ଅବତାର ଥିଲେ । ସମ୍ମାନିତ ଅତିଥି ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ହିନ୍ଦୁଧର୍ମର ରକ୍ଷା ପାଇଁ ଆଜକୁ ୨୦୦୦ବର୍ଷ ତଳେ ସେ ସମଗ୍ର ଭାରତବର୍ଷ ପଦବ୍ରଜରେ ଭ୍ରମଣ କରି ଭାରତବର୍ଷର ସଂହତି ପାଇଁ ୪ ଦିଗରେ ୪ ଗୋଟି ଆଶ୍ରମ ପ୍ରତିଷ୍ଠା କରିଥିଲେ । ସମ୍ମାନିତ ବକ୍ତା ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ଆଚାର୍ଯ୍ୟଙ୍କୁ ମାନବ ଶରୀରରେ ଦେବତାଙ୍କର ଆବିର୍ଭାବ ବୋଲି କହିବା ସହ ଶଙ୍କରଙ୍କ ଦର୍ଶନ ଥିଲା ଅଦ୍ୱୈତ୍ୟବାଦ, ବେଦ ପ୍ରତିପାଦିତ ଧର୍ମର ସୁରକ୍ଷା ପାଇଁ ସେ ସମଗ୍ର ଜୀବନକୁ ପରିବ୍ରାଜକ ଭାବେ କଟାଇଥିଲେ । ସମ୍ମାନିତ ବକ୍ତା ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଲେ ଯେ, ଯେଉଁ ଧର୍ମଗ୍ରନ୍ଥ ସର୍ବେ ଭବନ୍ତୁ ସୁଖୀନଃର ବାର୍ତ୍ତା ସାରା ପୃଥିବୀକୁ ଦେଇଥିଲା, ସେହି ଧର୍ମ ଉପରେ ଯେତେବେଳେ କୁଠାରଘାତ ହେଲା, ସେତିକିବେଳେ ଆଚାର୍ଯ୍ୟ ଶଙ୍କର ବେଦ ଓ ବୈଦିକ ଧର୍ମକୁ ସୁରକ୍ଷା ଦେଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ବିଶିଷ୍ଟ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଧନ୍ୟବାଦ ଦେବା ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପଣ୍ଡିତ ବିନୋଦ ବିହାରୀ ଦାସ ବେଦ ପାଠ କରିଥିଲେ ।

# ବିଏମସି କମିଶନରଙ୍କୁ ଭେଟିଲା ବିଜେପି ଟିମ୍

ଭୁବନେଶ୍ୱର ,୧୮/୫ (ନି.ପ୍ର): କରୋନା ସଂକ୍ରମଣ ସମୟରେ ଭୁବନେଶ୍ୱରରେ ଶାସକ ବିଜେଡି ଦଳର ନେତୃବୃନ୍ଦମାନେ ପ୍ରଶାସନ କଳକୁ ଅପବ୍ୟବହାର କରି ପାତର ଅନ୍ତର ବ୍ୟବହାର ପ୍ରଦର୍ଶନ କରୁଥିବା ବିଜେପି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ବିଏମସି କମିଶନରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ପ୍ରତିଦିନ ରାଜଧାନୀ ଭୁବନେଶ୍ୱରରୁ ବହୁ ସଂଖ୍ୟାରେ କରୋନା ସଂକ୍ରମଣରେ ସଂକ୍ରମିତ ହେଉଛନ୍ତି । ଏହି ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ଶୃଙ୍ଖଳିତ ବ୍ୟବସ୍ଥାରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଦଳମତ ନିର୍ବିଶେଷରେ ସାଧାରଣ ଭୁବନେଶ୍ୱରବାସୀଙ୍କ ହିତକୁ ପ୍ରାଧାନ୍ୟ ଦେବା ନିହାତି ଆବଶ୍ୟକ । ବିଶେଷ ଭାବେ ଭାକ୍ସିନ ଟୋକନ ଆବଂଟନ, ସାନିଟାଇଜେସନ ଏବଂ କୋଭିଡ୍ ସହାୟକ ଚୟନରେ ସ୍ୱଚ୍ଛତା ରହିବା ଜରୁରୀ । ମାତ୍ର ଏହି ସମସ୍ତ କାର୍ଯ୍ୟ ବିଜେଡି କର୍ମୀ, ପୂର୍ବତନ କର୍ପୋରେଟର ଏବଂ ଶାସକ ବିଜେଡି ନେତୃବୃନ୍ଦଙ୍କ ମାଧ୍ୟମରେ ବଂଟନ କରାଯାଉଥିବା କାରଣରୁ ସାଧାରଣ ଜନତା ହଇରାଣର ଶିକାର ହେଉଛନ୍ତି । ୱାର୍ଡ ସ୍ତରରେ ନିଯୁକ୍ତ ହେଉଥିବା କୋଭିଡ ସଚେତକ ମଧ୍ୟ ଶାସକ ବିଜେଡି ସମର୍ଥକ ଆଧାରରେ ହେଉଥିବାର ପରିଲକ୍ଷିତ ହୋଇଛି । ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯାଇ ସଂକ୍ରମିତଙ୍କ ଟ୍ରାକିଂ, ଟ୍ରେସିଂ ଏବଂ ଟ୍ରିଟ୍‌ମେଂଟକୁ ଗୁରୁତ୍ୱ ଦିଆଯାଉ । ସେହିପରି ରାଜଧାନୀରେ ଅଧିକ ସଂଖ୍ୟାରେ ଡାକ୍ତରଖାନା ଥିବା କାରଣରୁ ସହରରେ ଆମ୍ବୁଲାନ୍ସ ସେବାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଦାବୀ କରାଯାଇଛି । ବିଏମସି କମିଶନର ଏହି ଟାଳଟୁଳ ନୀତି ବିରୁଦ୍ଧରେ ତୁରନ୍ତ ହସ୍ତକ୍ଷେପ କରି ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ଜିଲ୍ଲା ତରଫରୁ ଦାବୀ କରାଯାଇଛି । ଆଜି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବିଏମସି କମିଶନରଙ୍କୁ ସାକ୍ଷାତ କରି ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଦାବୀ ଜଣାଇଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ହରେକୃଷ୍ଣ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

# କରୋନା ସମୟରେ ଗରୀବ ଓ ନିମ୍ନ ଆୟକାରୀ ପରିବାରକୁ ମାସିକ ୬ହଜାର ଟଙ୍କା ଦିଆଯାଉ : କଂଗ୍ରେସ



ଭୁବନେଶ୍ୱର ,୧୮/୫ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ ବୈଠକରେ କରୋନା ବିପତି ସମୟରେ ରୋଜଗାରହୀନ ଗରୀବ ଓ ସ୍ୱଳ୍ପ ଆୟକାରୀ ପରିବାରକୁ ମାସିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ଏକ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଯାଇଛି । ଏହାସହନବୀନ ସରକାରଙ୍କ ରାଜ୍ୟବାସୀଙ୍କ ଅବଗତି ନିମନ୍ତେ କୋଭିଡ ମହାମାରୀ ପରିଚାଳନା, ଟୀକାକରଣ ସଂକ୍ରାନ୍ତ ସମସ୍ତ ପ୍ରସଙ୍ଗରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରାଯାଇଛି । ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସାଂସଦ ଡ. ଏ ଚେଲାକୁମାର ଓ ସହ ପ୍ରଭାରୀ ତଥା ଏଆଇସିସି ସଂପାଦକ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ସଂପ୍ରତି କରୋନା ସ୍ଥିତି ଓ ସାଂଗଠନିକ କାର୍ଯ୍ୟକଳାପ ସମୀକ୍ଷା ପୂର୍ବକ କରୋନା ଦାଉରୁ ଓଡ଼ିଶା ବାସୀଙ୍କୁ ରକ୍ଷା କରିବା କ୍ଷେତ୍ରରେ କଂଗ୍ରେସର ପ୍ରମୁଖ ଭୂମିକା ନିର୍ବାହ କରିବା ଅପରିହାର୍ଯ୍ୟ ବୋଲି ନେତୃମଣ୍ଡଳି ମତ ରଖିଥିଲେ । ବିଧାୟକ ଯେଉଁମାନେ ବର୍ତମାନ ସୁଦ୍ଧା ଆଂଚଳିକ ବିଧାୟକ ପାଣ୍ଠିରୁ ଆମ୍ବୁଲାନ୍ସ ସେବାରେ ସାମିଲ ହୋଇ ନାହାଁନ୍ତି ସେ ସମସ୍ତ ବିଧାୟକ ମାନଙ୍କୁ ଏହି ପାଣ୍ଠିରୁ ଜନସାଧାରଣଙ୍କ ଏହି ସେବା ଯୋଗାଇ ଦେବାକୁ ପିସିସି ତରଫରୁ ପରାମର୍ଶ ଦିଆଯାଇଛି । ଯୁଦ୍ଧକାଳୀନ ଭିତରେ ଟୀକା, କୋଭିଡ ପ୍ରତିଷେଧକ ଔଷଧ, ଇଂଜେକସନ ଓ ଭେଂଟିଲେଟର ଆଦି ଓଡ଼ିଶାକୁ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବୀ କରାଯାଇଛି । ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଅନ୍ଧକାରରେ ନ ରଖି କେଉଁ ୨ ମାସର କେତେ କେତେ ପରିମାଣର ଟୀକା ପ୍ରଦାନ କରାଯିବ ଓ କେବେ ସୁଦ୍ଧା ୧୮ରୁ ୪୪ ବର୍ଷର ଯୁବଶ୍ରେଣୀକୁ ଟୀକାକରଣ କରାଯିବ ତାହାର ଏକ ବିସ୍ତୃତ ସୂଚୀ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି । ଅକ୍ଷୟତୃତୀୟ ଠାରୁ ରାଜ୍ୟରେ ଚାଷକାର୍ଯ୍ୟ ଆରମ୍ଭ କରାଯାଇଥିବା ହେତୁ ଓଡ଼ିଶାରେ ଆବଶ୍ୟକ ହେଉଥିବା ସମୁଦାୟ ୭ଲକ୍ଷ କ୍ୱିଂଟାଲ ଧାନ ଓ ଅଣଧାନ ପ୍ରାମାଣିକ ବିହନ ଯୋଗାନ୍ତୁ ।

# ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮/୫ (ନି.ପ୍ର): ଆଗାମୀ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳସଂପଦ ବିଭାଗ ତରଫରୁ ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ୨ୟ ପ୍ରସ୍ତୁତି ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏହି ବୈଠକରେ ଅଧ୍ୟକ୍ଷତା କରି ଆଗାମୀ ସମ୍ଭାବ୍ୟ ବନ୍ୟା ପୂର୍ବରୁ ଏହାର ପ୍ରସ୍ତୁତି ନେଇ ବିଭାଗ ଦ୍ୱାରା ପ୍ରସ୍ତୁତ ମାନକ କାର୍ଯ୍ୟବିଧି ପଦ୍ଧତି ବା ମାର୍ଗଦର୍ଶିକା (ଏସ. ଓ. ପି ) ଅନୁସାରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ମୁଖ୍ୟ ଯନ୍ତ୍ରୀ (ବନ୍ୟା ନିୟନ୍ତ୍ରଣ) ଇଂ. ଭକ୍ତରଞ୍ଜନ ମହାନ୍ତି ପାୱାର ପଏଂଟ ଜରିଆରେ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ନଦୀବନ୍ଧ ମରାମତି ନେଇ ଯୁଗ୍ମ ତନଖି, ଦୁର୍ବଳ ଥିବା ନଦୀବନ୍ଧ ଚିହ୍ନଟ, ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ଉପକରଣ ମହଜୁଦ ରଖାଯିବା, ବିଭିନ୍ନ ସ୍ଥାନରେ ପୂର୍ବରୁ ହୋଇଥିବା ଘାଇ ଓ ଘଳିଆ ମରାମତି, ସ୍ଲୁଇସ ଗେଟ ଓ ବ୍ୟାରଜ ଗେଟ ଗୁଡିକର ମରାମତି ତଥା ଉନ୍ନତିକରଣ ବନ୍ୟା ସମୟରେ ଆଗୁଆ ସତର୍କ ସୂଚନା, ଗଣମାଧ୍ୟମକୁ ସୂଚନା ପ୍ରଦାନ, ସମ୍ପ୍ରତି କୋଭିଡ କଟକଣା ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ବନ୍ୟା ପ୍ରାକ ପ୍ରସ୍ତୁତି ଓ ବନ୍ୟା ମୁକାବିଲା କାର୍ଯ୍ୟ ସମ୍ପାଦନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଯେଉଁ ସବୁ ନଦୀବନ୍ଧର ଦୁର୍ବଳ ସ୍ଥାନରେ ସାମୟିକ ମରାମତି ବା ପୁନରୁଦ୍ଧାର କାର୍ଯ୍ୟ ବାକି ରହିଛି, ତାହାକୁ ଆଗାମୀ ଜୁନ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଖାଲି ସିମେଣ୍ଟ ବ୍ୟାଗ, ବାଲି, ବାଉଁଶ, ବଲ୍ଲା ଆଦି ଜୁନ ୧ ତାରିଖ ସୁଦ୍ଧା ସରକାରୀ ବ୍ୟବସ୍ଥାରେ ସଂଗ୍ରହଣ ପରେ ଜୁନ ୧୫ ତାରିଖ ସୁଦ୍ଧା ପ୍ରୟୋଜନୀୟ ଅତ୍ୟାବଶ୍ୟକ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ସାମଗ୍ରୀର ସଂଗ୍ରହଣ ଓ ମହଜୁଦ ସମ୍ପର୍କରେ ବିଭାଗୀୟ ୱେବସାଇଟ ରେ ଉପଲବ୍ଧ ହେବ । ସେହିପରି ୨୦୨୦ ବନ୍ୟାରେ ଚିହ୍ନଟ ହୋଇଥିବା ସମସ୍ତ ଘଳିଆର ମରାମତି କାର୍ଯ୍ୟ ଚଳିତ ମେ ମାସ ୨୫ ତାରିଖ ଏବଂ ଘାଇ ମରାମତି କାର୍ଯ୍ୟ ଆଗାମୀ ଜୁନ ୧୦ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଘାଇ ମରାମତି ସମ୍ପର୍କିତ ସ୍ଥିତି ସମ୍ପର୍କରେ ବିଭାଗୀୟ ୱେବସାଇଟରେ ମଧ ଉପଲବ୍ଧ ହେବ । ମରାମତି ବା ପୁନରୁଦ୍ଧାର ଆବଶ୍ୟକ କରୁଥିବା ସମସ୍ତ ସ୍ଲୁଇସ ଗେଟ ଏବଂ ବ୍ୟାରେଜ ଗେଟଗୁଡିକୁ ଜୁନ ୧୫ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ସମୟରେ ମାନକ କାର୍ଯ୍ୟବିଧି ପଦ୍ଧତି ( ଏସ.ଓ.ପି) କଡ଼ାକଡ଼ି ଭାବେ ପାଳନ କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ନିୟନ୍ତ୍ରଣ ପ୍ରକୋଷ୍ଠର ପରିଚାଳନା, ଟେଲିଫୋନ ଡିରେକ୍ଟୋରୀ ପ୍ରସ୍ତୁତି, ଅଧିକାରୀଙ୍କ ମଧ୍ୟରେ ବନ୍ୟା ପରିଚାଳନା ନେଇ ଉତରଦାୟିତ୍ୱ, ବିନା ଅନୁମତିରେ ଛୁଟି ମଞ୍ଜୁର କରାନଯିବା, ଜରୁରୀ ପରିସ୍ଥିତିରେ କଂଟ୍ରାକ୍ଟର ଓ ସ୍ଥାନୀୟ ଲୋକଙ୍କ ପାଖରେ ଥିବା ଆବଶ୍ୟକ ଯନ୍ତ୍ରପାତି ବ୍ୟବହାର ନେଇ ପ୍ରସ୍ତୁତି, ବର୍ଷା ପରିମାଣ , ଜଳଭଣ୍ଡାରର ସ୍ଥିତି ସମ୍ପର୍କରେ ଗୁଗୁଲ ସିଟ ଏବଂ ହାଇଡ୍ରୋମେଟ ଆପ ଜରିଆରେ ଜଣାଇବା , ଲାଇଫ ଜ୍ୟାକେଟ ପ୍ରସ୍ତୁତ ରଖିବା, ପରିବହନ ସୁବିଧା ପାଇଁ ନଦୀ ବନ୍ଧ ରାସ୍ତା ସବୁବେଳେ ଯାତାୟତ ଉପଯୋଗୀ ହେଉଥିବା ଆଦି ଏସ.ଓ.ପି ଅନୁସରଣ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ବ୍ୟତୀତ ବନ୍ୟା ସମୟରେ କଣ କରାଯିବା ଉଚିତ ଓ କଣ ଅନୁଚିତ, ସେ ସମ୍ପର୍କରେ ଜନସଚେତନତା ପାଇଁ ସଂବାଦପତ୍ର ତଥା ସାମାଜିକ ଗଣ ମାଧ୍ୟମରେ ନିୟମିତ ପ୍ରକାଶନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ , ସର୍ବୋଚ୍ଚ ଯନ୍ତ୍ରୀ ( ଯୋଜନା ଓ ନକ୍ସାଙ୍କନ) ଧୀରେନ କୁମାର ସାମଲ, ବିଭିନ୍ନ ନଦୀ ଅବବାହିକା ପରିଚାଳନା ଦାୟିତ୍ୱରେ ଥିବା ମୁଖ୍ୟ ଯନ୍ତ୍ରୀ ତଥା ବେସିନ ମ୍ୟାନେଜର, ପରିଚାଳନା ନିର୍ଦ୍ଦେଶକ , ବିଭାଗୀୟ ଯୁଗ୍ମ ଶାସନ ସଚିବ, ଓଡିଶା କଂଷ୍ଟ୍ରକ୍ସନ କର୍ପୋରେସନ ଲିଃ ର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ ।

# ସହର ଅପେକ୍ଷା ଗାଁରେ ବଢୁଛି କରୋନା ସଂକ୍ରମଣ ସଂଖ୍ୟା

ଭୁବନେଶ୍ୱର,୧୮/୫ (ନି.ପ୍ର): ସହର ଅପେକ୍ଷା ଗାଁରେ ବଢୁଛି ସଂକ୍ରମଣ । ଏହାକୁ ଗୁରୁତ୍ୱ ସହ ନେବାକୁ କହିଛନ୍ତି ଡାକ୍ତର ନିରୋଜ ମିଶ୍ର । ଏହ ସହ ଗାଁରେ ଟେଷ୍ଟିଂ ସୁବିଧା ନଥିବା କଥା ସେ କହିଛନ୍ତି । ସେଠାରେ ଆଂଟିଜେନ ଟେଷ୍ଟ କରାଯାଉଛି । ତଥାପି ୪୨ରୁ ୫୦ ପ୍ରତିଶତ ପଜିଟିଭ ଆସୁଛି । ଏଥିରୁ ସ୍ୱଷ୍ଟ ଜଣାପଡୁଛି ଗାଁରେ ସଂକ୍ରମଣ ବଢୁଛି । ଯେତେବେଳେ କମିବ ଧୀରେ ଧୀରେ କମିବ । ଆଗେ ସହରରେ କମିବ ପରେ ଗାଁରେ କମିବ । ଗାଁରେ ସଟଡାଉନ, ଲକଡାଉନ ବାଧ କରି ହେବ ନାହିଁ । ତେଣୁ ସରପଂଚ ଓ ଏନଜିଓ ମାଧ୍ୟମରେ ଗାଁରେ ବୁଝେଇବାକୁ ପଡ଼ିବ ବୋଲି ଡାକ୍ତର ନିରଜ ମିଶ୍ର କହିଛନ୍ତି । ସେପଟେ, କରୋନା ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ବର୍ତ୍ତମାନ ଆମେ ସ୍ଥିର ସ୍ଥିତିରେ ଅଛୁ । ଟ୍ରାନ୍ସମିସନ ଚେନ ବ୍ରେକ କରିବା ପାଇଁ ଲକଡାଉନ ଜରୁରୀ ଥିଲା । ଲକଡାଉନର ପ୍ରଭାବ ୨ରୁ ୮ ସପ୍ତାହ ପରେ ଜଣାପଡ଼ିବ । ସଂକ୍ରମଣ ନିହାତି କମିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଏହା ସହ ସେ କହିଛନ୍ତି ସ୍ୱାସ୍ଥ୍ୟ ବିଭାଗର ଫୋକସ ଗ୍ରାମାଂଚଳରେ ରହିଛି ।

## ହୃଦ ଘାତରେ ବିଶିଷ୍ଟ ବ୍ୟକ୍ତିଙ୍କ ଦେହାନ୍ତ

ବସ୍ତା,୧୮/୦୫ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ଲକ୍ଷ୍ମଣାପଡାଗ୍ରାମର ମା ଲକ୍ଷ୍ମଣଶ୍ରୀଙ୍କ ଶାନ୍ତି କମିଟିର ସଭାପତି ନଗେନ୍ଦ୍ରନାଥ ସିଂହ(୭୦) ସମବାର ବିଳମ୍ବିତ ରାତ୍ରୀରେ ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ପ୍ରକାଶ ରାତି ୧ଟା୩୦ମିନିଟ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାପରେ ତାଙ୍କୁ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଯାଇଥିଲେ । ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଡା ଅରୁଣ କୁମାର ଭୂୟା ପ୍ରକାଶ କରିଥିଲେ । ଏନେଇ ଉକ୍ତ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି । ତାଙ୍କ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗନ୍ୟ ବ୍ୟକ୍ତି ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ବଡପୁଅ ସରୋଜ ସିଂ ମୁଖାଗ୍ନୀ ଦେଇଥିଲେ ।

## କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଅସହାୟ ମୃତ ପରିବାରକୁ ସହାୟତା ପ୍ରଦାନ କଲେ

ନୀଳଗିରି,୧୮/୦୫ (ନି.ପ୍ର): ଦୁଇ ଦିନ ପୂର୍ବରୁ ଭଉଁରିଆବାଡ଼ ଗ୍ରା.ପ.ର ଜଡ଼ିବାଲି ଗ୍ରାମ ନିକଟସ୍ଥ ବଡ଼ନାଳ ଠାରେ ସଜନାଗଡ଼ ପଞ୍ଚାୟତର କୁସୁମିଆ ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ (୬୦)ଙ୍କ ମୃତ ଦେହ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଶରୀର ଜବତ୍ କରି ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ଉକ୍ତ ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅସହାୟ ମୃତ ପରିବାର ସହିତ ଦିଲ୍ଲୀରେ ଥାଇ କଥା ହେବା ସହ ସମବେଦନା ଜଣାଇଥିଲେ । ମୃତକର ପରିବାରକୁ କେନ୍ଦ୍ରମନ୍ତ୍ରୀ ଆର୍ଥିକ ସହାୟତା ପ୍ରଦାନ କରିବା ସହ ହରିଶ୍ଚନ୍ଦ୍ର ଯୋଜନା ତୁରନ୍ତ ସହାୟତା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କରୁଣାକର ପଣ୍ଡା ମୃତକ ର ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୮,୬୯,୨୨୩ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୧୮/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୮,୬୯,୨୨୩ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୩୧,୮୨,୯୨,୮୮୧ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ରାଜ୍ୟ ସରକାରଙ୍କ ଉଦାସୀନତାରୁ ଚାଷୀ ଅବହେଳିତ !
# ପିଏମ କିଷାନ ଯୋଜନାରୁ ବଞ୍ଚିତ ୧୨ ଲକ୍ଷ ଚାଷୀ: ବିଜେପି



ବାଲେଶ୍ୱର,୧୮/୦୫ (ନି.ପ୍ର): ଓଡ଼ିଶାର ଚାଷ ଓ ଚାଷୀଙ୍କ ବିକାଶ ନେଇ ରାଜ୍ୟ ସରକାର ଦେଇ ଆସୁଥିବା ନାରା ଏବେ ଲୋକ ଦେଖାଣିଆ ବୋଲି ଅଭିଯୋଗ କରିଛି ବାଲେଶ୍ୱର ଜିଲା ବିଜେପି। ଚାଷୀଙ୍କ ବିକାଶ ପରିବର୍ତ୍ତେ ସରକାର ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ଦୁର୍ବଳ କରିବା ପାଇଁ ଚେଷ୍ଟା କରିଆସିଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ଓଡ଼ିଶାର ଚାଷୀଙ୍କ ପ୍ରତି ରାଜ୍ୟ ସରକାର ବିଶ୍ୱାସଘାତ କରିଛନ୍ତି ବୋଲି ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଆରୋପ ଉଠାଇଛନ୍ତି ବାଲେଶ୍ୱର ଜିଲା ବିଜେପର କର୍ମକର୍ତ୍ତାମାନେ। ସେମାନଙ୍କ ଅଭିଯୋଗ ଅନୁସାରେ ବିଭିନ୍ନ ଯୋଜନାରେ ପ୍ରିୟାପ୍ରୀତି ତୋଷଣ ସାଙ୍ଗକୁ ଅଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ କଳ ସମସ୍ତ ଫାଇଦା ଦେଇ ଆସିଛି ବୋଲି ସେମାନେ କହିଛନ୍ତି। ଏମିତିକି ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ମଧ୍ୟ ପ୍ରକୃତ ଚାଷୀଙ୍କୁ ବାଦ ପକାଯାଇ ଏଥିରେ ଆୟକର ପ୍ରଦାନକାରୀ ବ୍ୟକ୍ତିଙ୍କୁ ତାଲିକାଭୁକ୍ତ କରାଯାଇ ଅର୍ଥ ହଡ଼ପ କରାଯାଇଛି ବୋଲି ବିଜେପି ସଭାପତି ଜିଲା ସଭାପତି ଉମାକାନ୍ତ ମହାପାତ୍ର କହିଛନ୍ତି। ଅନୁରୂପ ଭାବେ ଓଡ଼ିଶାର ପ୍ରକୃତ ଚାଷୀଙ୍କ ତଥ୍ୟ ପ୍ରଦାନ ନକରି ରାଜ୍ୟ ସରକାର ୧୨ ଲକ୍ଷ ୬୬ହଜାର ୮୯୪ଜଣ ଚାଷୀଙ୍କୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରୁ ବଞ୍ଚିତ କରିଛନ୍ତି ବୋଲି ସେ କହିଛନ୍ତି। ଏହିକ୍ରମରେ ବାଲେଶ୍ୱର ଜିଲାରେହଜାର ହଜାର ଚାଷୀ ପିଏମ କିଷାନ ସମ୍ମାନ ଯୋଜନାର ଅଷ୍ଟମ କିସ୍ତିରୁ ବାଦ ପଡ଼ିଥିବା ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବାରମ୍ବାର ଓଡ଼ିଶାର ଚାଷୀଙ୍କ ତଥ୍ୟ ମଗାଯାଇଥିଲେ ବି ଅଦ୍ୟବଧି ରାଜ୍ୟ ସରକାର ସଠିକ ତଥ୍ୟ ଦେଇପାରି ନାହାନ୍ତି। ଏହାର ପରିଣାମ ଏବେ ରାଜ୍ୟର ଚାଷୀଙ୍କୁ ଭୋଗିବାକୁ ପଡ଼ିଛି ।ଏହାକୁ ନେଇ ବୃଦ୍ଧି ପାଉଥିବା ଜନ ଅସନ୍ତୋଷ ଆଗାମୀ ଦିନରେ ବିସ୍ଫୋରକ ସ୍ଥିତି ସୃଷ୍ଟି କରିବ ବୋଲି ବିଜେପି କର୍ମକର୍ତ୍ତାମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ କରୋନା କାଳରେ ରେସନ କାର୍ଡ଼ଧାରୀଙ୍କୁ କେନ୍ଦ୍ର ସରକାର ୨ମାସ ପାଇଁ ମାଗଣା ଗହମ ଓ ଚାଉଳ ଦେଇଥିବା ବେଳେ ପ୍ରଶାସନର ନିର୍ଦ୍ଦେଶ କ୍ରମେ କଂଟ୍ରୋଲ ଦୋକାନୀମାନେ ହିତାଧିକାରୀଙ୍କୁ କମ ପରିମାଣ ଦେବା କେଉଁ ନୀତିରେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ବିଜେପି କର୍ମକର୍ତ୍ତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲା ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ପଶୁରାମ ପରିଡ଼ା, ଉପ-ସଭାପତି କମଳା ବିନ୍ଧାଣୀ, କମଳ ଲୋଚନ ଦାସ, ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସମ୍ପାଦିକା ପିଙ୍କି ପ୍ରଧାନ, ସୁଶାନ୍ତ ବେରା, ବିଭୂପଦ ଦାସ, ସୁବୋଧ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀରୁ ଯୁବତୀଙ୍କ ମୃତ ଦେହ ଉଦ୍ଧାର



ଜଳେଶ୍ୱର,୧୮/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଓ ବସ୍ତା ଥାନାର ସୀମା ରାଜଘାଟ ପୋଲ ନିକଟରୁ ସୁବର୍ଣ୍ଣରେଖା ନଦୀର ପାଣିରୁ ଆଜି ମଂଗଳବାର ଏକ ମୃତ ଯୁବତୀର ଶବ ଉଦ୍ଧାର କରାଯାଇଛି । ସ୍ଥାନୀୟ ଲୋକମାନେ ବସ୍ତା ଥାନାକୁ ଫୋନ୍‌ଯୋଗେ ଜଣାଇବା ପରେ ବସ୍ତା ପୋଲିସ୍ ଆସିଥିଲେ ମଧ୍ୟ ସ୍ଥାନଟି ଜଳେଶ୍ୱର ଥାନା ଅଧିନରେ ଯାଉଥିବାରୁ ଜଳେଶ୍ୱର ଥାନାକୁ ଜଣାଇଥିଲେ । ଏଏସ୍‌ଆଇ ଏନ୍‌ଏନ୍ ସେଠୀଙ୍କ ସହିତ ବି.କେ ସେଠୀ ଓ ପ୍ରଶାନ୍ତ ମଣ୍ଡଳ ଉକ୍ତ ସ୍ଥାନରେ ପହଞ୍ଚି ଥିଲେ ମଧ୍ୟ ଶବ ଚିହ୍ନଟ ହୋଇ ପାରିନଥିଲା । ତାର ପାଟିରୁ ଫେଣ ବାହାରୁଥିବା ବେଳେ ନାଲି ରଂଗର ସାର୍ଟ ପିନ୍ଧିଥିବା ଜଣାଯାଇଛି । ପରେ ଜିକେ ଭଟ୍ଟର ହସ୍‌ପିଟାଲକୁ ଶବ ଅଣାଯାଇ ଶବ ବ୍ୟବଚ୍ଛେଦ ହୋଇଥିବା ଥାନା ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି । ଜଳେଶ୍ୱର ଥାନାରେ ୧୫/୨୧ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ୨୪ ଘଂଟାରେ ୧୦୨୪୨ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୮/୦୫ (ନି.ପ୍ର): ରାଜ୍ୟରେ ଆଜି କରୋନାରୁ ୧୦ ହଜାର ୨୪୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ୩୬ ହଜାର ୫୯୫କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୪୧୮ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୯୪୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକରୁ ୮୮୭, ପୁରୀରୁ ୭୦୭, ସମ୍ବଲପୁରରୁ ୬୪୧, କଳାହାଣ୍ଡିରୁ ୪୬୫, ବରଗଡ଼ରୁ ୪୪୮, ଅନୁଗୁଳରୁ ୪୩୮, ଝାରସୁଗୁଡ଼ାରୁ ୩୩୧, ବାଲେଶ୍ୱରରୁ ୩୦୧, ନବରଂଗପୁରରୁ ୨୯୧, ବଲାଙ୍ଗୀରରୁ ୨୭୩, ନୟାଗଡ଼ରୁ ୨୫୪ ସୁସ୍ଥ ହୋଇଛନ୍ତି । ସେହିପରି ଗଂଜାମ ଜିଲ୍ଲାରୁ ୧୯୫, କୋରାପୁଟରୁ ୧୨୨, ଭଦ୍ରକ ଓ କନ୍ଧମାଳରୁ ୧୦୦ ଜଣ ଲେଖାଏଁ, ମାଲକାନଗିରିରୁ ୯୪ ଓ ରାଜ୍ୟପୁଲରୁ ୨୭୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ରାମନଗରପାଟଣା ସେବା ସମବାୟ ସମିତିର ଚାଷୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବି ପତ୍ର



ଜଳେଶ୍ୱର,୧୮/୫ (ନି.ପ୍ର) : ଜଳେଶ୍ୱର ଅନ୍ତର୍ଗତ ରାମନଗରପାଟଣା ସେବା ସମବାୟ ସମିତିର ଚାଷୀମାନେ ନୂତନ ଧାନକିଣା ନିୟମକୁ ବିରୋଧ କରି ସମିତିର ସଂପାଦକଙ୍କ ମାଧ୍ୟମରେ ଏମ୍.ଆଇ, ଜିଲାପାଳ ଓ ସିଏସ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଚାଷୀଙ୍କ ଠାରୁ ସମସ୍ତ ଧାନ କିଣା ଯିବା ସହିତ କଟିନି ଛଟିନ୍‌କୁ ବନ୍ଦ କରିବା ଓ ଚାଷୀଙ୍କୁ ଅଖା ଯୋଗାଇ ଦେବା ଇତ୍ୟାଦି ଦାବି କରାଯାଇଛି । ଏହା ପୂରଣ ନ ହେଲେ ଆସନ୍ତା ଦିନରେ ଚାଷୀ ଆନ୍ଦୋଳନ କରାଯିବାକୁ ସରପଂଚ ଦିଲ୍ଲିପ ପରିଡା, ଗଣେଶ ପାତ୍ର, ବରୁଣ ନାୟକ, ହରିଶ୍ଚନ୍ଦ୍ର ଭୂୟାଁ, ସରୋଜ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି ।

## ନୀଳଗିରିରେ ଅମାନିଆ ଦୋକାନୀଙ୍କ ପଇସା ନିଶା : ପ୍ରଶାସନ ସିଲ୍ କଲା ୨ଟି ଦୋକାନ

ନୀଳଗିରି,୧୮/୦୫ (ନି.ପ୍ର): ନୀଳଗିରିରେ କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ ନୀଳଗିରି ବଜାରରେ କିଛି ଅମାନିଆ ଦୋକାନୀ ଦୋକାନ ଭିତରେ ରହି ବାହାର ପଟୁ କବାଟ ଦେଇ ଜୋରଦାର ବେପାର କରୁଥିବା ବେଳେ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ, ଏନ.ଏ.ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ ମିଳିତ ଚଢ଼ାଉ କରି ଗୁଣ୍ଡିଚ୍ଛ ବଜାରରେ ଥିବା ମୁନା ଇଲେକ୍ଟ୍ରିକାଲ ଓ ଏକ ଗଦୀ ଦୋକାନକୁ ସିଲ କରିଛନ୍ତି । ଏହି ଚଢ଼ାଉରେ ନୀଳଗିର ପୋଲିସ, ଏନ.ଏ.ସି. ର କର୍ମଚାରୀ ମନୋଜ ଦାସ ସହଯୋଗ କରିଥିଲେ ।

## ମଧ୍ୟପ୍ରଦେଶରେ ଗତ ୨୪ ଘଂଟାରେ ୫,୪୧୨ କରୋନାର ନୂଆ ମାମଲା, ୭୦ ମୃତ

ଭୋପାଳ,୧୮/୦୫ (ନି.ପ୍ର): ମଧ୍ୟପ୍ରଦେଶରେ ଗତ ୨୪ ଘଂଟାରେ ୫,୪୧୨ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୭୦ ଜଣଙ୍କର ମୃତ୍ୟୁ ଘଟିଛି । ମଧ୍ୟ ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୮୨,୯୬୭ ହୋଇ ଯାଇଛି । ବର୍ତ୍ତମାନ ସୁଦ୍ଧା ୭,୧୩୯ ଜଣଙ୍କର ମୃତ୍ୟୁ ଘଟିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜୁନ୍ ୧ ଯାଏଁ ବଢ଼ିଲା....

ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ ଓ ଲୋକମାନଙ୍କୁ କିଣାକିଣି ପାଇଁ ଅନୁମତି ମିଳିବ । ସପ୍ତାହାନ୍ତ ସଟ୍ ଡାଉନ୍ କଟକଣା ଜାରି ରହିବ। ବିବାହ, ବ୍ରତ ଓ ଅନ୍ତ୍ୟେଷ୍ଟି କ୍ରିୟା ଆଦିରେ ଥିବା କଟକଣାକୁ ଆହୁରି କଡ଼ାକଡ଼ି କରାଯାଇଛି । ପୂର୍ବରୁ ବିବାହ ପାଇଁ ୫୦ ଜଣଙ୍କୁ ଅନୁମତି ଥିଲା । କିନ୍ତୁ ଏହି ଲକ୍ ଡାଉନ୍ ରେ ୫୦ ପରିବର୍ତ୍ତେ କେବଳ ୨୫ ଜଣ ଲୋକ ଭାଗ ନେଇପାରିବେ । ଏହିସବୁ କାର୍ଯ୍ୟକ୍ରମରେ ଭୋଜିଭାତକୁ ସଂପୂର୍ଣ୍ଣ ବାରଣ କରାଯାଇଛି । ଘରକୁ ଡାକି ଅତିଥିମାନଙ୍କୁ ଭୋଜିଭାତ ଦିଆଯାଇ ପାରିବ ନାହିଁ। ତେବେ ଅତିଥିମାନଙ୍କୁ ପ୍ୟାକେଟ ଜରିଆରେ ଖାଦ୍ୟ ଦିଆଯାଇପାରିବ। ସେହିପରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟସବୁ ସର୍ବନିମ୍ନ କର୍ମଚାରୀଙ୍କ ଦ୍ୱାରା ଚାଲିବ । ଅତ୍ୟାବଶ୍ୟକ ସେବା ଯଥା ସ୍ୱାସ୍ଥ୍ୟସେବା, କୃଷି କାର୍ଯ୍ୟ, ନିର୍ମାଣ କାର୍ଯ୍ୟ, ଶ୍ରମିକ ପରିବହନ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଆଦି ପୂର୍ବ ପରି ଚାଲୁ ରହିବ । ଯେଉଁସବୁ କାର୍ଯ୍ୟ ଉପରେ ପୂର୍ବରୁ କଟକଣା ଲଗା ଯାଇଥିଲା ତାହା ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନ୍ ରେ ମଧ ବଳବତର ରହିବ । ନିହାତି ଆବଶ୍ୟକ ନଥିଲେ କେହି ବାହାରକୁ ନବାହାରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ଲକ୍ ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସତର୍କ କରିଛନ୍ତି । ସେହିପରି ଅତ୍ୟାବଶ୍ୟକ ସେବା ଛଡ଼ା ଅନ୍ୟ ସବୁ ସରକାରୀ ଅଫିସ୍ ଷ୍ଟାଫ୍ କମିବେ। ଅଣଅତ୍ୟାବଶ୍ୟକ ସେବା ସରକାରୀ ଅଫିସ୍ ୧୦% ଷ୍ଟାଫରେ ଚାଲିବ। ଜିଲ୍ଲା ପ୍ରଶାସନ ଓ ଟ୍ରେଜେରୀ ଅଫିସ୍ ରେ ଷ୍ଟାଫ୍ ଯଥେଷ୍ଟ କମାଯିବ। ବେସରକାରୀ ଓ କର୍ପୋରେଟ ଅଫିସ ୩୩% କର୍ମଚାରୀରେ ଚାଲିବ। ପୋଲିସ, ହୋମଗାର୍ଡ ଓ ଅଗ୍ନିଶମ କର୍ମଚାରୀଙ୍କ ପାଇଁ କଟକଣା ନାହିଁ। ଲକ୍ ଡାଉନ୍ ସମୟରେ ଛାତ୍ରଛାତ୍ରୀଙ୍କ ପଢ଼ା ବହି ଦୋକାନ ଖୋଲା ରହିବ। ଏହା ବ୍ୟତୀତ ଇଲେକ୍ଟ୍ରି, ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନ , ଏସି, କୁଲର, ୱାଟର ପ୍ୟୁରିଫାୟର ମରାମତି ଦୋକାନ , କଂପ୍ୟୁଟର, ମୋବାଇଲ ମରାମତି ଦୋକାନ, ସିମେଂଟ, ରଡ୍, ଚିପ୍ସ ଆଦି ନିର୍ମାଣ ସାମଗ୍ରୀ ଦୋକାନ ,କେବଳ କ୍ଷୀର ବିକିବାକୁ ଓମଫେଡ ଦୋକାନ ଖୋଲା ରହିବ। ଗ୍ୟାରେଜ ଓ ଗାଡ଼ି ମରାମତି ଦୋକାନ ଖୋଲିବାକୁ ଅନୁମତି ମିଳିବ। ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ଖବର କାଗଜ ବିତରଣ ଅନୁମତି ମିଳିବ। ଏହି ସମୟରେ ଟିକାକରଣ ଓ ଟେଷ୍ଟିଂ ଉପରେ କୌଣସି କଟକଣା ରହିବ ନାହିଁ। ଅପରପକ୍ଷରେ ଲକ୍ ଡାଉନ୍ ସମୟରେ ରାଜ୍ୟ ଭିତରେ ଓ ରାଜ ବାହାରେ ବସ୍ ଚଳାଚଳ ବନ୍ଦ ରହିବ। ମେଳା , ପ୍ରଦର୍ଶନୀ , ସିନେମା ହଲ୍ , ଯାତ୍ରା ପରିବେଶଣ , ସେଲୁନ୍ , ପାର୍ଲର୍ , ଜିମ୍ , ମଲ୍ , ମାର୍କେଟ୍ କମ୍ପ୍ଲେକ୍ସ, ପାର୍କ , ବାର୍ ଆଦି ବନ୍ଦ ରହିବ । ସମସ୍ତ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଂଟର ବନ୍ଦ ରହିବ। ଉଲ୍ଲେଖ୍ୟଯୋଗ୍ୟ ଯେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ମେ' ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସରକାର ପୁରା ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରିଥିଲେ।

### ରାଜ୍ୟରେ କୋଭିଡ ସ୍ଥିତି....

ଗତକାଲି ସର୍ବଦଳୀୟ ବୈଠକରେ ଘୋଷଣା କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ ଯୋଗୁ ଅନେକ ପରିବାର ଛାରଖାର ହୋଇଯାଇଛି। ତେଣୁ କୋଭିଡ ମୃତକଙ୍କ ବିଧବା ଏବଂ ବାପା-ମା'ଙ୍କୁ ହରାଇଥିବା ପିଲାମାନେ ଯେପରି ତୁରନ୍ତ ସହାୟତା ପାଇପାରିବେ, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସଂକ୍ରମଣ ରୋକିବାକୁ ମେ ୨୪ରୁ ଆରମ୍ଭ ହେବାକୁ ଥିବା ସର୍ଭେ ଯେପରି ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ, ତାକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତି ମାନଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କୋଭିଡରେ ପୀଡିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସଂପର୍କୀୟ ମାନେ ରୋଗୀଙ୍କ ଅବସ୍ଥା ସଂପର୍କରେ ଯେପରି ସଠିକ ସୂଚନା ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେଥିପାଇଁ ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ନିୟୋଜିତ କର୍ମଚାରୀମାନଙ୍କୁ ମାନବିକ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଟିକାକରଣ କୋଭିଡ ନିୟନ୍ତ୍ରଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଟିକାକରଣ କେନ୍ଦ୍ର ମାନଙ୍କରେ ସାମାଜିକ ଦୂରତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଲୋକମାନେ ଯେପରି ସୁବିଧାରେ ଟିକାକରଣ କେନ୍ଦ୍ରରେ ପହଞ୍ଚି ଟିକା ନେଇପାରିବେ, ସେଥିପାଇଁ ସେମାନଙ୍କୁ ଟିକାକରଣ କେନ୍ଦ୍ରର ସ୍ଥାନ ଓ ସମୟ ସଂପର୍କରେ ପୂର୍ବରୁ ସୂଚନା ଦେବା ପାଇଁ ପରାମର୍ଶ ଦେଇଥିଲେ । କୋଭିଡ ସଂକ୍ରମଣ ରୋକିବାରେ ଠିକ୍? ଭାବରେ ମାସ୍କ ପିନ୍ଧିବାର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହା ଉପରେ ପ୍ରାଥମିକତା ଦେବାକୁ ପରାମଶ ଦେଇ ଥିଲେ । ଗରିବ ଲୋକମାନେ ଯେପରି ସୁବିଧାରେ ମାସ୍କ ପାଇପାରିବେ, ସେଥିପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଧାୟକମାନେ ଖର୍ଚ୍ଚ କରି ମିଶନ ଶକ୍ତି ଗ୍ରୁପ ରୁ ସଂଗ୍ରହ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ଆସୁଛି ସିଙ୍ଗାପୁର ଷ୍ଟ୍ରେନ୍....

୪ ଜଣ ଶିଶୁ ଥିବା ଜଣାପଡିଛି । ଏହାପରେ ସୋମବାର ଦିନ ୩୩୩ଟି ନୂଆ ମାମଲା ସାମ୍ନାକୁ ଆସିଛି । ଏହାପରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ସହ ନିୟମ କଡାକଡି କରାଯାଇଛି । ସେପଟେ ସିଙ୍ଗାପୁର ଷ୍ଟେନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ସିଙ୍ଗାପୁରକୁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକ ଦାବି କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ଏହାସହ ଛୋଟ ପିଲାଙ୍କ ଭ୍ୟାକସିନ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି କେଜ୍ରିୱାଲ । ଏପରିକି ଭାରତରେ ଏହା ତୃତୀୟ ଲହର ଭାବେ ଆସିପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ।

### କୋଭିଡ ପରିଚାଳନା ନେଇ ଜିଲ୍ଲାପାଳ ....

ତାର ସମାଧାନ କରିବାକୁ ଜିଲ୍ଲାପାଳମାନଙ୍କୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି କି ଜିଲ୍ଲାମାନଙ୍କରେ ଚିକିତ୍ସା ସହିତ କରୋନା ବିରୋଧୀ ଲଢେଇ ପାଇଁ ଯେତେ ସାମଗ୍ରୀ ଆବଶ୍ୟକ ତାହାକୁ ମହଜୁଦ ରଖିବାକୁ ସେ କହିଛନ୍ତି । ଅନ୍ୟପଟେ କରୋନା ବିରୋଧରେ ଚାଲିଥିବା ଟିକାକରଣକୁ ନେଇ ପ୍ରଧାନମନ୍ତ୍ରୀ କହିଥିଲେ କି କରୋନାକୁ ହରାଇବାକୁ ଟିକା ହେଉଛି ଏକ ସଶକ୍ତ ମାଧ୍ୟମ । ତେଣୁ ବହୁମାତ୍ରାରେ ଟିକା ଉତ୍ପାଦନ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ କେୟାର ପାଣ୍ଠିରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାନଙ୍କରେ ଅକ୍ସିଜେନ ପ୍ଲାଣ୍ଟ ବସାଇବାକୁ କାମ ଆରମ୍ଭ ହୋଇଥିବା କଥା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଗୋଟିଏ ଦିନରେ ୧୦୩୨୧....

୯୦୯ ଜଣ, କୋରାପୁଟରୁ ୨୮୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୫୮ ଜଣ, ନବରଙ୍ଗପୁରରୁ ୩୩୪ ଜଣ, ନୟାଗଡ଼ରୁ ୨୭୩ ଜଣ, ନୂଆପଡ଼ାରୁ ୧୪୫ ଜଣ, ପୁରୀରୁ ୪୭୨ ଜଣ, ରାୟଗଡ଼ାରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୦୫ ଜଣ, ସୋନପୁରରୁ ୭୩ ଜଣ, ସୁନ୍ଦରଗଡ଼ରୁ ୮୧୯ ଜଣ ଓ ଷ୍ଟେଟ୍ ପୁଲରୁ ୨୪୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଯାଜପୁର ରେ ସ୍ୱତନ୍ତ୍ର କୋଭିଡ୍....

ହସ୍ପିଟାଲ ସରକାରୀ କୋଭିଡ୍ ହସ୍ପିଟାଲ ଭାବରେ କାମ କରିବ ଏବଂ ରୋଗୀ ମାନେ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ କୋଭିଡ୍ ଚିକିତ୍ସା ସୁବିଧା ପାଇ ପାରିବେ। ଚିକିତ୍ସା ର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏହି ହସ୍ପିଟାଲରେ ୧୫୦ ଟି ଅକ୍ସିଜେନ ସଯୁକ୍ତ ବେଡ୍ ସହିତ ୫୦ଟି ଆଇସିୟୁ ବେଡ୍ ମଧ ରହିବ।

### ରାଜ୍ୟରେ ଗତ ୨୪ ଘଂଟାରେ....

ଭିତରେ ବୌଦ୍ଧ, କଳାହାଣ୍ଡି, ଖୋର୍ଦ୍ଧା, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ ଲେଖାଏଁ କରୋନା ସଂକ୍ରମିତଙ୍କ ପ୍ରାଣହାନି ଘଟିଛି। ଅପରପକ୍ଷରେ ଗଜପତି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ଜଣଙ୍କ ମୃତ୍ୟୁ ଘଟିଛି।

# ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ସହିତ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରିବାକୁ ପୂର୍ବତନ ବିଧାୟକ କିଶୋର ଦାଶଙ୍କ ଦାବି



ବାରିପଦା,୧୮/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଓଡ଼ିଶାର ସବୁଠାରୁ ବଡ ଜିଲ୍ଲା । ଏହାର ଗୋଟିଏ ଭାଗ ପଶ୍ଚିମବଙ୍ଗକୁ ଲାଗିଛି । ବର୍ତ୍ତମାନ ପଶ୍ଚିମବଙ୍ଗ ସ୍ଥିତି ବହୁତ ଖରାପ । ତେଣୁ ଆଗକୁ ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ଉନ୍ନତମାନର କୋଭିଡ ଚିକିତ୍ସାର ଆବଶ୍ୟକତା ରହିଛି । ତେଣୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅକ୍ସିଜେନ ଏବଂ ଭେଣ୍ଟିଲେଟର ସହିତ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ସ୍ଥାପନ କରାଯିବାର ଆବଶ୍ୟକତା ରହିଛି ବୋଲି ବାରିପଦାର ପୂର୍ବତନ ବିଧାୟକ ତଥା ସଚେତନ ନାଗରିକ ମଞ୍ଚ ସଭାପତି କିଶୋର ଦାଶ କହିଛନ୍ତି । ସେଥିପାଇଁ ରାଜ୍ୟ ଏବଂ କେନ୍ଦ୍ର ମିଳିତ ଭାବେ ସହଯୋଗ କରିବାର ଆବଶ୍ୟକତା ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାହିଁଲେ ସି.ଏସ.ଆର. ପାଣ୍ଠିରେ ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଡାକ୍ତରଖାନା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ସ୍ଥାପନ କରିପାରିବେ ବୋଲି କିଶୋର ଦାଶ କହିଛନ୍ତି । ସେହିଭଳି ପି.ଏମ. କେୟାର ପାଣ୍ଠିରେ ବରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅକ୍ସିଜେନ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରିବାକୁ ଦାବୀ କରିଛନ୍ତି । ଏ ଦିଗରେ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ମୟୂରଭଞ୍ଜ ଜିଲ୍ଲା ପାଇଁ ସେଭଳି କୌଣସି ପଦକ୍ଷେପ ନେଇ ନାହାନ୍ତି । ଯେକୌଣସି ଅଞ୍ଚଳର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଏକାନ୍ତ ଆବଶ୍ୟକ । ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରଥମେ ଟିକାକରଣ କରାଯାଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଚଳ ଚଞ୍ଚଳ କରିବାର ଆବଶ୍ୟକତା ରହିଛି । ତେଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରିବାକୁ କିଶୋର ଦାଶ ମତ ପୋଷଣ କରିଛନ୍ତି । ବର୍ତ୍ତମାନର ଛାତ୍ର ଛାତ୍ରୀ ଭାରତ ବର୍ଷର ଭବିଷ୍ୟତ । କିନ୍ତୁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ସାମୟିକ ଭାବେ ବନ୍ଦ କରିଦେବାଟା ଏକମାତ୍ର କାର୍ଯ୍ୟ ବୋଲି ଭାବୁଛନ୍ତି । ଏହା ଦ୍ୱାରା କୋରନା ସହିତ ଛାତ୍ରଛାତ୍ରୀମାନଙ୍କର ମାନସିକତା ମଧ ନଷ୍ଟ ହୋଇଯିବ । ତେଣୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା କରିବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଦାବୀ କରିଛନ୍ତି ।

## କରୋନାରେ ଗଲାଣି ୩୦୦ରୁ ଅଧିକ ସାମ୍ବାଦିକଙ୍କ ଜୀବନ

ଭୁବନେଶ୍ୱର,୧୮/୦୫(ନି.ପ୍ର): ଖବର ପଢୁପଢୁ, ଲେଖୁଲେଖୁ ବା ସଂଗ୍ରହ କରୁ କରୁ ଖବର ପାଲଟି ଯାଉଛନ୍ତି ସାମ୍ବାଦିକ । କରୋନା ଭୂତାଣୁର ଭୟାବହତା ନେଇ ଲୋକଙ୍କୁ ସତର୍କ କରିବା ହେଉ କି ଅସୁବିଧାରେ ପଡିଥିବା ଲୋକଙ୍କ ସମସ୍ୟାକୁ ଆଗକୁ ଆଣୁଥିବା ଏହି ସମ୍ମୁଖ ଯୋଦ୍ଧାଙ୍କର ପ୍ରତିଦିନ ମୃତ୍ୟୁ ହେଉଛି । ଯୁଦ୍ଧ ଚାଲିଛି, ଆଉ ଜଣେ ପରେ ଜଣେ ଯୋଦ୍ଧା ଟଳିପଡୁଛନ୍ତି । ମହାମାରୀ ବିରୋଧରେ ଚାଲିଥିବା ଲଢ଼େଇରେ ସମ୍ମୁଖ ଯୋଦ୍ଧା ସାଜିଥିବା ସାମ୍ବାଦିକଙ୍କ ମୃତ୍ୟୁର ଖବର, ନିୟମିତ ବ୍ୟବଧାନରେ ଆସିବା ସମସ୍ତଙ୍କୁ ବିଚଳିତ କରିଦେଇଛି । ଆଉ ତାଠୁ ଅଧିକ ବିଚଳିତ କରୁଛି, ମୁଖ୍ୟକୁ ନେଇ ଆସିଥିବା ପରିସଂଖ୍ୟାନ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ଏପର୍ଯ୍ୟନ୍ତ କରୋନାରେ ମୋଟ୍ ୩୦୦ରୁ ଅଧିକ ସାମ୍ବାଦିକଙ୍କର ଜୀବନ ଗଲାଣି । ଖବର ସଂଗ୍ରହ କରୁ କରୁ ନିଜେ ଖବର ପାଲଟିଯାଉଛନ୍ତି ସାମ୍ବାଦିକ । କରୋନାର ଦ୍ୱିତୀୟ ଲହର ସଂକ୍ରମଣରେ ଦେଶ ଅନେକ ସାମ୍ବାଦିକଙ୍କୁ ହରାଇଛି । କାଳ ସାଜିଛି କରୋନାର ଦ୍ୱିତୀୟ ଲହର । ଅନେକ ଚିହ୍ନା ମୁହଁ ଏବଂ ପରିଚିତ ଚେହେରାଙ୍କୁ ଛଡ଼ାଇ ନେଇଛି କରୋନା । କରୋନାର ଦ୍ୱିତୀୟ ଲହରି ଭୟଙ୍କର ରୂପ ଧାରଣ କରିଥିବା ବେଳେ ଏପ୍ରିଲ ମାସରେ ଶତାଧିକ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି । ଗ୍ରାଫିକ୍ସ 'ମିଡ଼ିଆ ୱାଚଡଗ'ର ତାଲିକା ଅନୁସାରେ କେବଳ ଏପ୍ରିଲ ମାସରେ ୧୨୫ ଜଣ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁର ଏହି ସଂଖ୍ୟା ହୁଏତ ସମସ୍ତଙ୍କୁ ମର୍ମାହତ କରିବ । କିନ୍ତୁ କେବଳ ମର୍ମାହତ କଲେ ଚଳିବ ନାହିଁ । ବରଂ ଏହାର ପ୍ରତିକାର ପାଇଁ ସାମ୍ବାଦିକମାନଙ୍କୁ ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରଶାସନ ଓ ସରକାର ଆଗେଇ ଆସିବା ଦରକାର ।

# ୨୭ ଦିନରେ ୨୦୧୩ ଟନ ରୁ ଅଧିକ ଅକ୍ସିଜେନ ପରିବହନ କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୮/୦୫ (ନି.ପ୍ର): କୋଭିଡ୍୧୯ ସଂକ୍ରମଣ ଯୋଗୁଁ ସଙ୍କଟାପନ୍ନ ପରିସ୍ଥିତିରେ ପୂର୍ବ ତଟ ରେଳପଥ ରୋଗୀ ମାନଙ୍କ ଜୀବନ ରକ୍ଷା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ତରଳ ମେଡିକାଲ ଅମ୍ଳଜାନ (ଏଲଏମଓ) ପରିବହନ କରିବା କ୍ଷେତ୍ରରେ ଏକ ଅଗ୍ରଣୀ ରେଳପଥ ହୋଇ ପାରିଛି । ଭାରତୀୟ ରେଳବାଇ ଦ୍ୱାରା ପ୍ରଥମ ଅମ୍ଳଜାନ ଏକ୍ସପ୍ରେସ ଚଳାଚଳ ଠାରୁ ତଥା ୨୨ ଏପ୍ରିଲରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୨୭ ଦିନରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ଷ୍ଟିଲ୍ ପ୍ଲାଂଟରୁ ପ୍ରାୟ ୨୦୧୩.୨୪ ଟନ୍ ତରଳ ମେଡିକାଲ ଅକ୍ସିଜେନ ଦେଶର ବିଭିନ୍ନ ରାଜ୍ୟକୁ ପରିବହନ କରାଯାଇଛି । ପୂର୍ବତଟ ରେଳପଥ ଦ୍ୱାରା ୪୫୧.୯୩ ଟନ୍ ତରଳ ମେଡିକାଲ ଅକ୍ସିଜେନ ମହାରାଷ୍ଟ୍ରକୁ, ୭୫୦.୬୧ ଟନ୍ ଦିଲ୍ଲୀ ଏବଂ ହରିୟାଣାକୁ, ୧୧୭.୯ ଟନ୍ କେରଳକୁ, ୪୫୧.୭୮ ଟନ୍ ତେଲେଙ୍ଗାନାକୁ, ୧୨୦ ଟନ୍ ତାମିଲନାଡୁକୁ ଏବଂ ୧୨୦.୯୮ ଟନ୍ କର୍ଣ୍ଣାଟକକୁ ପରିବହନ କରାଯାଇଛି । ଅନୁଗୁଳ ସ୍ଥିତ ଟାଟା ଭୂଷଣ ଲିମିଟେଡ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଏବଂ କଳିଙ୍ଗ ନଗର ସ୍ଥିତ ଟାଟା ଷ୍ଟିଲ ଲିମିଟେଡ ଭଳି ଇସ୍ପାତ କାରଖାନା ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅମ୍ଳଜାନ ବୋଝେଇ ଓ ପରିବହନ କ୍ଷେତ୍ରରେ ପ୍ରମୁଖ ଅବଦାନ ରଖିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ, ୧୨୪ ଟ୍ୟାଙ୍କରରେ ଲୋଡ୍ ହୋଇଥିବା ୩୧ ଟି ଅକ୍ସିଜେନ ଏକ୍ସପ୍ରେସ ଟ୍ରେନ୍ ଏହି ମହାମାରୀରେ ରୋଗୀଙ୍କ ଜୀବନ ବଂଚାଇବା ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ରାଜ୍ୟକୁ ତରଳ ମେଡିକାଲ ଅକ୍ସିଜେନ ଯୋଗାଇବାରେ ବ୍ୟବହାର କରାଯାଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅକ୍ସିଜେନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ଏବଂ ଏହି ଟ୍ରେନଗୁଡ଼ିକୁ ଶୀଘ୍ର ଗନ୍ତବ୍ୟ ସ୍ଥାନ ଗୁଡିକରେ ପହଂଚାଇବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରାଯିବା ସହିତ ଏହି ଅଂଚଳକୁ ଗ୍ରୀନ କରିଡର ଘୋଷଣା କରାଯାଇଛି । ଏହା ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଦେଶର ବିଭିନ୍ନ ଷ୍ଟିଲ୍ ପ୍ଲାଂଟଗୁଡିକରୁ ଗନ୍ତବ୍ୟ ସ୍ଥାନକୁ ପରିବହନ କରାଯାଉଥିବା ଅମ୍ଳଜାନ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ମଧ୍ୟ ନିରାପଦ ଚଳାଚଳକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି ।

# ୨୭ ଗ୍ରାମ ବ୍ରାଉନ୍ ସୁଗର ସହିତ ୫ଜଣ ଗିରଫ



ଜଳେଶ୍ୱର,୧୮/୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ନିଶାକାରବାର କମୁନଥିବା ବେଳେ ପୁଣି ଆଜି ଜଳେଶ୍ୱର ଥାନା ପକ୍ଷରୁ ୨୭ ଗ୍ରାମ ଉଦ୍ଧାର କରାଯାଇଛି । ଶାସନବାର୍ଡ ଅଂଚଳର ଏହାର ମୁଖ୍ୟ କାର୍ପଟଦାର ପୁସୁ ନିକଟକୁ କେତେକ ଯୁବକ ବ୍ରାଉନ୍ ସୁଗର ନେବାପାଇଁ ଆସୁଥିବାର ଜଳେଶ୍ୱର ପୁଲିସ୍ ଖବର ପାଇଥିଲା । ଥାନା ଆଇଆଇସି ପର୍ଶୁରାମ ସାହୁଙ୍କ ସହିତ ଏସ୍ଆଇ ଦିଲ୍ଲିପ ସାମଲ, ସତ୍ୟନାରାୟଣ ବଳ ପ୍ରମୁଖ ସାଧା ପୋଷାକରେ ଶାସନବାର୍ଡ ଅଂଚଳର ସୁବର୍ଣ୍ଣରେଖା ନଦୀର ପାଖରେ ଚଢାଉ କରି ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ସେଥିମଧ୍ୟରୁ ଜଣେ ଆମ୍ବଲିଅଠା ନିକଟରେ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ତାକୁ କାବୁ କରିବାକୁ ଯାଇ କେତେକ ପୁଲିସ୍ କର୍ମଚାରୀ ଆକ୍ରମଣର ଶୀକାର ହୋଇଥିଲେ । ଶାସନବାର୍ଡର ଏସ୍.କେ ଅସିରୁଦ୍ଦିନ(୨୮) ଓରଫ ପୁସୁ, କମର୍ଦ୍ଦାର ଯୋଗେଶ୍ୱର ପ୍ରମାଣିକ(୩୧) ଓ ଉତ୍ପଳ ପ୍ରହରାଜ(୨୭), ବାଗପୁଂଜିର ଅରୁପ କୁମାର ଜେନା (୨୮), ନହରା ଗ୍ରାମର କେଦାର ଜେନା(୨୬) ପ୍ରମୁଖଙ୍କୁ ଗିରଫ କରାଯାଇଥିବାରୁ ନୂତନଭାବେ ଯୋଗ ଦେଇ ଥିବା ଆଇଆଇସି ପର୍ଶୁରାମ ସାହୁଙ୍କ ଏହା ପ୍ରଥମ ସଫଳତା ବୋଲି ଜଣାଯାଇଛି ।

# ଦିନକରେ ୨୬୯ ନୂଆ ସଂକ୍ରମିତ, ୩୦୧ ସୁସ୍ଥ

ବାଲେଶ୍ୱର,୧୮/୦୫ (ନି.ପ୍ର): ଗୋଟିଏ ସପ୍ତାହର ଅବଧି ପରେ ବାଲେଶ୍ୱର ଜିଲାର କରୋନା ସଂକ୍ରମଣ ହାର ନିମ୍ନକୁ ଖସିଥିବା ଲକ୍ଷ୍ୟ କରାଯାଇଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ୨୬୯ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ସହରର ମୋତିଗଞ୍ଜ ଅଞ୍ଚଳରୁ ୫ଜଣ, ପଦୁଆଁପଦାରୁ ୩, ସହଦେବଖୁଣ୍ଟାରୁ ୩, ପୁରୁଣାବାଲେଶ୍ୱରରୁ ୩, ଅଙ୍ଗାରଗଡ଼ିଆରୁ ୨, ମଠସାହିରୁ ୨, ରାଣୀପାଟଣାରୁ ୨, ପଦାଗାଁରୁ ୨ ସମେତ ଆଜିମାବାଦ, ଆକତପୁର, ଦର୍ଜିପୋଖରୀ, ମୁଖ୍ୟ ଚିକିତ୍ସାଳୟ, ପୁଲିସ ଲାଇନ, ମାଣିଖମ୍ବ, ଶୋଭାରାମପୁର, ନୂଆବଜାର, ଶ୍ରୀକଣ୍ଠପୁର, ସୁଏଲପୁର, ସୁନହଟ, ଉତ୍ତମନଗର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ସେହିପରି ଜିଲାରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ସଦର ବ୍ଲକରୁ ୪୪ଜଣ, ରେମୁଣାରୁ ୨୬, ବାହାନଗାରୁ ୯, ଖଇରାରୁ ୭୪, ଜଳେଶ୍ୱରରୁ ୨, ସୋରରୁ ୧୧, ବସ୍ତାରୁ ୩, ସିମୁଳିଆରୁ ୫୫, ନୀଳଗିରିରୁ ୪, ଔପଦାରୁ ୪, ଭୋଗରାଇରୁ ୩ଜଣ ଓ ବାଲିଆପାଳ ବ୍ଲକରୁ ଜଣେ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜିଲାରେ ଅଦ୍ୟାବଧି ୧୯,୫୯୧ଜଣ ସଂକ୍ରମିତ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୦୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ୧୬,୦୯୫ ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଏବେ ସକ୍ରିୟ ଥିବା ୩,୩୮୯ ଜଣଙ୍କ ମଧ୍ୟରୁ ୩୦୦୨ଜଣ ଗୃହ ସଙ୍ଗରୋଧରେ ଏବଂ ୩୩୨ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଅଦ୍ୟାବଧି ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦୭ରେ ସ୍ଥିର ରହିଛି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୩୩ ଗିରଫ

ଭୁବନେଶ୍ୱର,୧୮/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୪୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୯୦,୮୫୦/ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ୧୪୬ ଲିଟର ଦେଶୀ ରନ୍ଧାମଦ ସହ ୩ ଗିରଫ



ଜଳେଶ୍ୱର,୧୮/୫ (ନି.ପ୍ର) : ବାଲେଶ୍ୱର ଜିଲା ଅବକାରୀ ଏସ୍.ପି ସେଖ୍ ଆସଫ ଅଲ୍ଲିଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଅବକାରୀ ଓଆଇସି ଦେବେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ୫ଜଣିଆ ଟିମ୍ ଜଳେଶ୍ୱର ଥାନା ଅନ୍ତର୍ଗତ ପଂଚୁଘଣ୍ଟା, ଲକ୍ଷ୍ମଣନାଥ, ରାଇବଣିଆ ଥାନା ଅନ୍ତର୍ଗତ ଶ୍ରୀକଣ୍ଠପୁର ଅଂଚଳରେ ଚଢାଉ କରିଥିଲେ । ବିଜୟ ରଣା, ଭଗବାନ ସରେନ୍, ବନମାଳି ସିଂଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୧୪୬ ଲିଟର ଦେଶୀ ରନ୍ଧ ମଦ ଜବତ୍ କରିଥିଲେ । କେସ୍ ନଂ ୨୩, ୨୪, ୨୫/୨୧ ମୂଳେ ମାମଲା ରୁଜୁ କରାଯାଇ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି । ଏହି ଚଢାଉରେ ରାମଚନ୍ଦ୍ର ମହାନ୍ତି, ବାବାଜୀ ପଣ୍ଡିତ୍, ରାଜୀବ ଭଂଜ, ପିଂକି ମାରାଣ୍ଡି ପ୍ରମୁଖ ସାମିଲ ଥିଲେ ।

# ଦୁର୍ଘଟଣା ଏଡ଼ାଇବା ପାଇଁ ହମ୍ପସ୍ ଉଠିଲା ସତ, କିନ୍ତୁ ମରାମତି ନହେବାରୁ ବାରମ୍ବାର ଘଟୁଛି ଦୁର୍ଘଟଣା

ନୀଳଗିରି,୧୮/୦୫ (ନି.ପ୍ର): କିଛି ଦିନ ପୂର୍ବରୁ ବାଲେଶ୍ୱର ଜିଲ୍ଲାକୁ ଓଡ଼ିଶାର ଶାସନ ସଚିବ ସୁରେଶ ମହାପାତ୍ର ସମେତ ୫ଟି ସଚିବ, ପୂର୍ତ୍ତବିଭାଗର କମିଶନର ଗସ୍ତରେ ଆସିଥିଲେ । କୁରୁଡ଼ା ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତାରେ ବଡ଼ ବଡ଼ ହମ୍ପସ ଥିବାରୁ ମୁଖ୍ୟ ଶାସନ ସଚିବ ନିଜ ଗାଡ଼ିରେ ବସିଥିବା ବେଳେ ବଡ଼ ବଡ଼ ହମ୍ପସ ଦେଖି ସେଗୁଡ଼ିକ ଉଠାଇବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ତ୍ତ ବିଭାଗ ସମସ୍ତ ହମ୍ପସ ଗୁଡ଼ିକୁ ଉଠାଇ ଦେଇଥିଲେ । ଅନୁରୂପ ଭାବେ ନୀଳଗିରି ପୂର୍ତ୍ତ ବିଭାଗ ଅଧିନରେ ଥିବା ଶେରଗଡ଼ ଝରଣାଘାଟି ରାସ୍ତା, ନୀଳଗିରି-ମିତ୍ରପୁର ରାସ୍ତା ନୀଳଗିରି-ବିଦୁ ରାସ୍ତା, ରେମୁଣା -ବଇଁଚ ରାସ୍ତାରେ ଥିବା ସମସ୍ତ ହମ୍ପସ ଗୁଡ଼ିକୁ ତରବରିଆ ଭାବେ ଠିକାଦାରଙ୍କୁ ଲଗାଇ ଜେସିବି ଦ୍ୱାରା ଉଠାଇ ଦେଇଥିଲେ । ମାତ୍ର ଦୁଃଖ ପରିତାପର ବିଷୟ ଏ ଯାବତ ଉକ୍ତ ହମ୍ପସ ଗୁଡ଼ିକଜେସିବି ସାହାଯ୍ୟରେ ଉଠାଯିବା ପରେ ସେହି ସ୍ଥାନ ଗୁଡ଼ିକରେ ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହୋଇଛି । ଏହାକୁ ମରାମତି କରାଯାଇ ନ ଥିବା ବେଳେ ବହୁ ବାଇକ ଆରୋହୀ ଦୁର୍ଘଟଣାଗସ୍ତ ହେଉଥିବାର ଜଣାପଡ଼ିଛି । ବିଭାଗୀୟ ଅଧିକାରୀ ଏହାର ମରାମତି ପାଇଁ ନାଁ ଧରୁ ନ ଥିବା ବେଳେ କେତେବେଳେ ଯେ ନିରୀହ ଜୀବନ ଚାଲିଯିବ ଏଥିପାଇଁ ଦାୟୀ ରହିବ କିଏ ? ଏଥିପ୍ରତି ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି । ଏ ବାବଦରେ ପୂର୍ତ୍ତ ବିଭାଗର ଏସ.ଡି.ଓ. ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ ।

# ଟିକାକରଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଦାବି

ବାଲେଶ୍ୱର,୧୮/୦୫ (ନି.ପ୍ର): କରୋନା ସଂକ୍ରମଣର ୨ୟ ଲହରରେ ଗ୍ରାମାଞ୍ଚଳରେ ବୃଦ୍ଧି ପାଉଥିବା ସଂକ୍ରମଣକୁ ନେଇ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଉଦବେଗ ପ୍ରକାଶ କରିଛି । ତେବେ କୋଭିଡ ନିୟମ ଶତପ୍ରତିଶତ ପାଳନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କକରାଯାଇଛି । ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ କୋଭିଡ୍ ପରୀକ୍ଷଣ ହାର ବୃଦ୍ଧି ପାଇଁ କମିଟି ଦାବି କରିଛି । ଭ୍ରାମ୍ୟମାଣ ପରୀକ୍ଷଣ ଟିମ୍ ପ୍ରତି ଗ୍ରାମରେ ପ୍ରତି ପରିବାରରେ କରୋନା ମହାମାରୀର ସତର୍କତା ସଂପର୍କରେ ସଚେତନ କରାଇବା ଓ କୋଭିଡ୍ ପରୀକ୍ଷଣ କରାଇବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛି । ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଆବଶ୍ୟକୀୟ ତାଲିମ ସହ ପ୍ରତି ଅଞ୍ଚଳରେ ସର୍ବେକ୍ଷଣ ପାଇଁ ଦାୟିତ୍ୱ ଦେବା ଉଚିତ ହେବ । ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଏହି ସ୍ୱଳ୍ପ ବେତନଭୋଗୀଙ୍କୁ ଆବଶ୍ୟକୀୟ ନିରାପତ୍ତା ସାମଗ୍ରୀ ଓ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ କ୍ରିୟାନୁଷ୍ଠାନ କମିଟି ପରାମର୍ଶ ଦେଇଛି । ବାଲେଶ୍ୱର ଜିଲ୍ଲାର ସମସ୍ତ ଅଞ୍ଚଳରେ ଥିବା କମିଟିର ସଦସ୍ୟ ସଦସ୍ୟାମାନେ ଏହି ମହାମାରୀ ସଂକ୍ରମଣରୁ ଜନସାଧାରଣଙ୍କୁ ରକ୍ଷା କରିବାପାଇଁ ଯଥାସମ୍ଭବ ଉଦ୍ୟମ ଅବ୍ୟାହତ ରଖିବାକୁ ଜିଲ୍ଲା କମିଟି ଅନୁରୋଧ କରିଛି । ଟୀକାକରଣ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବାକୁ ସରକାରଙ୍କୁ ନିବେଦନ କରାଯାଇଛି । ବାଲେଶ୍ୱରରେ ଅକ୍ସିଜେନ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ଦାବିକୁ ସରକାର ଗ୍ରହଣ କରିଥିବାରୁ କମିଟି କୃତଜ୍ଞତା ଜଣାଇଛି ବୋଲି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

## ରାଜଧାନୀରେ ୨୪ ଘଂଟାରେ ୧୧୫୧ ପଜିଟିଭ୍

ଭୁବନେଶ୍ୱର,୧୮/୦୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ମଙ୍ଗଳବାର ଆଉ ୧୧୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୮୪ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୯୬୭ ଲୋକାଲ୍ କେସ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୮୯୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଓଲ୍ଡ ଟାଉନ୍ ରୁ ସର୍ବାଧିକ ୬୫ ଜଣ, ପଟିଆରୁ ୬୪ଜଣ, ନୟାପଲ୍ଲୀରୁ ୫୩ ଜଣ, ବଡଗଡ, ଝାରପଡା ଓ ଡୁମଡୁମାରୁ ୩୭ ଲେଖାଏଁ , ଖଣ୍ଡଗିରିରୁ ୩୫,ସୁନ୍ଦରପଦାରୁ ୩୨, ଚନ୍ଦ୍ରଶେଖରପୁରରୁ ୨୫, ଲକ୍ଷ୍ମୀସାଗରର୨୪ ଜଣ, ପୋଖରୀପୁଟରୁ ୨୨, ଶୈଳଶ୍ରୀବିହାରରୁ ୨୧, ଜାଗମରାରୁ ୨୦ ଆକ୍ରାନ୍ତ ରହିଛନ୍ତି । ସେହିପରି ପଟିଆରୁ ୧୫, ନୟାପଲ୍ଲୀରୁ ୧୩, ଡୁମଡୁମାରୁ ୧୨, ଓଲ୍ଡଟାଉନ୍ ରୁ ୧୧ , ବିଜେବି ନଗରରୁ ୭ , ଶାସ୍ତ୍ରୀନଗର, ବଡଗଡ ଓ ଭୀମଟାଙ୍ଗୀରୁ ୬ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୩୬୪୯ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୫୧୦୫୬ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୨୨୭୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୯୯ ରହିଛି ।

# ଲକ୍ଷ୍ମଣନାଥ ସେବା ସମବାୟ ସମିତିରେ ଚାଷୀଙ୍କ ଧାରଣା : ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ



ଜଳେଶ୍ୱର,୧୮/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଅନ୍ତର୍ଗତ ଲକ୍ଷ୍ମଣନାଥସେବା ସମବାୟ ସମିତିର ଚାଷୀମାନେ ପୋସ୍କ ମାଧ୍ୟମରେ ଧାନକିଣାକୁ ବିରୋଧ କରି ଧାରଣାରେ ବସିବା ସହିତ ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ସେବା ସମବାୟ ସମିତି ପକ୍ଷରୁ ଜାରୀ କରାଯାଇଥିବା ନିୟମ ଅନୁଯାୟୀ ଚାଷୀଙ୍କ ୩୦%ରୁ ଅଧିକ ଧାନ ନ କିଣିବା, ମେସେଜ୍ ଆସିଥିବା ଚାଷୀଙ୍କ ଠାରୁ ଧାନ କିଣିବା, ଟାର୍ଗେଟ ଅନୁଯାଇ ଧାନକିଣାକୁ ବିରୋଧ କରାଯାଇଥିଲା । କୃଷକ ନେତା ସୁଦାମ ପାତ୍ର, ବ୍ରଜଗୋପାଳ ଦାସ, ବଂଶୀଧର ପ୍ରଧାନ, ସପନ କୁମାର ଜେନା, ନରୋତ୍ତମ ଜେନା, ରାଜେଶ ଜେନା, ରାଧାଗୋବିନ୍ଦ ମହାନ୍ତି, ସତ୍ୟକିଂକର ଭୂଆଁ, ଅଶୋକ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ରବିନ୍ଦ୍ର ପାତ୍ର, ଅମୂଲ୍ୟ ପାତ୍ର, ଅବନୀ ପ୍ରଧାନ, ଜତିନ୍ଦ୍ର କର ପ୍ରମୁଖ ବହୁ କୃଷକ ଏଥିରେ ସାମିଲ ଥିଲେ ।

# ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ବିଦ୍ୟୁତ୍ ଏସ୍‌ଡିଓଙ୍କୁ ଦାବିପତ୍ର

ଜଳେଶ୍ୱର,୧୮/୫ (ନି.ପ୍ର) : ଜଳେଶ୍ୱର ବିଜେପି ପକ୍ଷରୁ ଅଘୋସିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ଆଜି ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରତ୍ୟେହ ୪ରୁ ୫ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ ହେବା ଫଳରେ ପ୍ରବଳ ଗ୍ରୀଷ୍ମ ଯୋଗୁଁ ସାଧାରଣ ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ରୋଗୀଙ୍କ ଲାଗି ଆବଶ୍ୟକୀୟ ଡାକ୍ତରୀ ଉପକରଣ, ପିଲାଙ୍କ ଲାଗି ହେଉଥିବା କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ, କର୍ମଚାରୀଙ୍କ ଘରେ ରହି କମ୍ପୁଟରେ କାର୍ଯ୍ୟ କରିବା ସମ୍ଭବ ହୋଇ ପାରୁନାହିଁ । ତେଣୁ



ଏହାକୁ ତୁରନ୍ତ ସମାଧାନ କରିବାକୁ ନଗର ସଭାପତି ଫାଲ୍ଗୁନୀ ପାଣିଗ୍ରାହୀଙ୍କ ସହିତ ସୁବ୍ରତ ଘୋଷ, ରବିନ୍ଦ୍ର ପାତ୍ର, ଅଂଜନ ଦାସ, ସଂଦିପ ପ୍ରଧାନ, ସେକ୍ ସୁଲତାନ ପ୍ରମୁଖ ଦାବି କରିଛନ୍ତି ।

# ସରକାରଙ୍କ ପକ୍ଷରୁ ଛତୁଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୧୮/୦୫ (ନି.ପ୍ର): ଓଡ଼ିଶାର ପାଖା ପାଖି ୫୦ ହଜାରରୁ ଉର୍ଦ୍ଧ୍ୱ ଛତୁଚାଷୀ ବାର୍ଷିକ ପ୍ରାୟ ୩୫ ହଜାର ଟନ୍ ଛତୁ ଉତ୍ପାଦନ କରିଥାନ୍ତି । ଦେଶରେ ବାର୍ଷିକ୧ ଲକ୍ଷ ୩୦ ହଜାର ଟନ୍ ଛତୁ ଉତ୍ପାଦନ କରାଯାଉଥିବା ବେଳେ ଏହାର ଏକ ଚତୁର୍ଥାଂଶ ଅର୍ଥାତ ୩୫ ହଜାର ଟନ୍‌ରୁ ଉର୍ଦ୍ଧ୍ୱ ଛତୁ କେବଳ ଓଡ଼ିଶାରୁ ଉତ୍ପାଦନ ହେଉଛି । ଓଡ଼ିଶା ହେଉଛି ଛତୁ ଉତ୍ପାଦନରେ ଅଗ୍ରଣୀ ରାଜ୍ୟ । ରାଜ୍ୟର ସାଧାରଣ ଗରିବ ଚାଷୀ ଓ ବେକାରୀଯୁବକମାନେ ଛତୁ ଚାଷକୁ ନିଜର ଜୀବିକା ଭାବେ ଗ୍ରହଣ କରି ନିଜର ଆତ୍ମନିଯୁକ୍ତି ସହ ଅନ୍ୟ ପାଇଁ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟିକରି ଛତୁ ଚାଷରେ ବିଗତ ୩୦ ବର୍ଷର ଉଦ୍ୟମ ଫଳରେ ରାଜ୍ୟର ଗୌରବ ସୃଷ୍ଟି କରି ପାରିଛନ୍ତି । ଆଳୁ ପିଆଜ ପରି ବହୁ କୃଷି ପଦାର୍ଥ ଅନ୍ୟ ରାଜ୍ୟରୁ ଅଣାଯାଇ ଆମ ରାଜ୍ୟର ଚାହିଦା ମେ ।ଯାଉଥିବା ବେଳେ ଆମ ରାଜ୍ୟର ଛତୁ ପଡ଼ୋଶୀ ରାଜ୍ୟମାନଙ୍କୁ ଯୋଗାଇ ଦିଆ ଯାଉଛି । ଛତୁଚାଷ ମଧ୍ୟ ଓଡ଼ିଶାର ଦାଦନ ଶ୍ରମିକ ରୋକିବାରେ ସହାୟକ ହେଉଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଛତୁ ଚାଷୀକୁ ଉତ୍ସାହିତ କରିବା ପାଇଁ ସେପରି ଏକ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଦୀର୍ଘ ବର୍ଷ ହେଲା ରାଜ୍ୟର ଛତୁ ଚାଷୀମାନେ ସେମାନଙ୍କର କେତୋଟି ମୌଳିକ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବୀ କରି ଆସୁଥିବା ବେଳେ ଏଥିପ୍ରତି ସରକାର ନୀରବ ରହିବା ଯୋଗୁଁ ଏହି ଶ୍ରେଣୀର ଚାଷୀଙ୍କ ମନରେ ଗଭୀର କ୍ଷୋଭ ପ୍ରକାଶ ପାଉଛି । ବ ର୍ମାନ ମହାମାରୀ କରୋନା ସାଙ୍ଗକୁ ସରକାରଙ୍କ କୋଭିଡ୍ କଟକଣା ଫଳରେ ଛତୁ ଚାଷୀ ଗୁରୁତର ପ୍ରଭାବିତ ହୋଇଛନ୍ତି । ତେଣୁ ସରକାରଙ୍କ ପକ୍ଷରୁ ବ ର୍ମାନ ପାଇଁ ଅତ୍ୟନ୍ତ ପକ୍ଷେ ଆସନ୍ତା ୨ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଛତୁ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା, ଛତୁ ବିକ୍ରିବଟାର ଆଶୁ ସମାଧାନ, ପରବର୍ତ୍ତି ସମୟରେ ଓପୋଲଫେଡ୍, ଉଦ୍ୟାନଫ୍ରେସ ଭଳି ଛତୁ ବିକ୍ରୟ ପାଇଁ ବିଭିନ୍ନ ସହରା ଳରେ ଛତୁ ପାର୍ଲର ନିର୍ମାଣ, ଛତୁକୁ କୃଷିର ମାନ୍ୟତା ଦେଇ ବ୍ୟାଙ୍କ ସୁଧର ହାର ୧୩ ପ୍ରତିଶତରୁ ୨ ପ୍ରତିଶତକୁ ହ୍ରାସ କରିବା । ସରକାରଙ୍କ ଉଦ୍ୟାନ ବିଭାଗ ପକ୍ଷରୁ ଛତୁ ଚାଷର ବିକାଶ ନିମନ୍ତେ ତୁରନ୍ତ ଏକ ଟାକସ୍ ଫୋର୍ସ କମିଟି ଗଠନ କରିବାକୁ କଂଗ୍ରେସ ଦଳ ତରଫରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ, ଉପାଧକ୍ଷ ଶଶି ଭୂଷଣ ପାତ୍ର, ଉମେଶ ସାହୁ, ବୃନ୍ଦାବନ ଖଟେଇ ଓ ସମସ୍ତ ଜିଲ୍ଲାର ଜିଲ୍ଲା କିଷାନ କଂଗ୍ରେସ କର୍ମକ ାମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ନିମନ୍ତେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

## ପରମ୍ପରା ଭଙ୍ଗ ନକରି କଟକଣା ଭିତରେ ହେଉ ୨ୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

ବାରିପଦା,୧୮/୦୫ (ନି.ପ୍ର): ୧୫୭୫ ମସିହା ଠାରୁ ୨ୟ ଶ୍ରୀକ୍ଷେତ୍ର ବାରିପଦା ଠାରେ ଭକ୍ତପ୍ରବର ମହାରାଜା ବୈଦ୍ୟନାଥ ଭଞ୍ଜଦେଓଙ୍କ ଦ୍ୱାରା ଶ୍ରୀଶ୍ରୀ ହରିବଳଦେବ ଜୀଉ ମନ୍ଦିର ଠାରେ ୪୪୪ ବର୍ଷ ଧରି କ୍ରମାନୁୟେ ବାରିପଦା ଠାରେ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଥିଲା । ଶ୍ରୀକ୍ଷେତ୍ର ପୁରୀ ଠାରେ ଏହି ସମୟ କାଳ ମଧ୍ୟରେ ବିଭିନ୍ନ ଅସୁବିଧାର ବହୁବାର ରଥଯାତ୍ରା ବନ୍ଦ ହୋଇଥିବା ସ୍ଥଳେ, ବାରିପଦା ଠାରେ ଭଞ୍ଜବଂଶ ଶାସକଙ୍କ ଦ୍ୱାରା କରଦ ରାଜ୍ୟର ସେନାଙ୍କ ସହଯୋଗରେ ବିନା କୌଣସି ବାଧା ବନ୍ଧନରେ ବାରିପଦା ଠାରେ ନିୟମିତ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ବାରିପଦାକୁ ୨ୟ ଶ୍ରୀକ୍ଷେତ୍ର କୁହାଯିବା ସହିତ ଏଠାକୁ ରଥରେ ମହାପ୍ରଭୁଙ୍କ ବାମନ ବେଶ ଦର୍ଶନ କରିବାକୁ ଦେଶ ବିଦେଶରୁ ଭକ୍ତଙ୍କର ସୁଅ ଛୁଟୁଥିଲା । ଏହି ରଥଯାତ୍ରା ବିଶେଷତ୍ୱ ହେଲା ମହାରାଜା ବୈଦ୍ୟନାଥ ଭଞ୍ଜଦେଓ କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ



ଦେଇଥିବା ସ୍ୱପ୍ନାଦେଶ ମତେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏଠାରେ ପୁରି ରଥଯାତ୍ରାର ଦ୍ୱିତୀୟ ଓ ତୃତୀୟ ଦିନ ରଥରେ ବିଜେ କରି ମାତା ଗୁଣ୍ଡିଚା ଦେବୀଙ୍କୁ ଦର୍ଶନ ଦେବାପାଇଁ ଯିବେ । ବିଗତ ୪୪୪ ବର୍ଷ ଧରି ଚଳିଆସିଥିବା ଏହି ପରମ୍ପରା ବିଗତ ୨୦୨୦ମସିହା କରୋନା ମହାମାରୀ କାରଣରୁ ରଥ ଯାତ୍ରାର ସମସ୍ତ ପ୍ରାକ୍ ପ୍ରସ୍ତୁତି ସରିଥିବା ବେଳେ, ପ୍ରଶାସନିକ ନିର୍ଦ୍ଦେଶନାମା ମତେ ରଥଯାତ୍ରା ବନ୍ଦ କରାଗଲା । ରଥଯାତ୍ରା ପାଇଁ ମାତ୍ର ଗୋଟିଏ ଦିନ ବାକି ଥିବାରୁ ସମ୍ପର୍କରେ ପ୍ରଶାସନ ସହ ବୁଦ୍ଧିଜୀବୀ ମାନଙ୍କର କୌଣସି ଆଲୋଚନା ମଧ୍ୟ ହୋଇପାରିଲା ନାହିଁ । ମାତ୍ର ଶ୍ରୀକ୍ଷେତ୍ର ପୁରୀଠାରେ କୋର୍ଟଙ୍କ ନିର୍ଦ୍ଦେଶ ପରେ କରୋନା କଟକଣା ଆଇନ ମୋତେ କେବଳ ସେବାୟତ, ପୋଲିସଙ୍କ ଦ୍ୱାରା କଟକଣା ମଧ୍ୟରେ ଶୃଙ୍ଖଳିତ ଭାବେ ରଥଟଣା ଯାଇଥିଲା । ଏହି କଟକଣା ମଧ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଠାରେ ୧୪୪ ଧାରା ଜାରିକରି ରଥଯାତ୍ରା ସମ୍ଭବ ହୋଇ ପାରିଥାନ୍ତା । ଚଳିତ ବର୍ଷ ୨୦୨୧ ରଥଯାତ୍ରା ଆସନ୍ତା ଜୁଲାଇ ୧୩ ତାରିଖରେ ପଡୁଥିବାର ଦ୍ୱିତୀୟ ଶ୍ରୀକ୍ଷେତ୍ରର ରଥଯାତ୍ରାକୁ କୋଭିଡ କଟକଣା ମଧ୍ୟରେ ୧୪୪ ଧାରା ଜାରି କରାଯାଇ ପରମ୍ପରା ରକ୍ଷା ନିମନ୍ତେ କେବଳ ସେବାୟତ ଓ ପୋଲିସ ପ୍ରଶାସନ ମାଧ୍ୟମରେ ରଥଯାତ୍ରା ଅନୁଷ୍ଠିତ କରାଯିବା ପାଇଁ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ଠାରେ ଏକ ଜନସ୍ୱାର୍ଥ ମାମଲା ଗତ ତା ୧୫/୦୫/୨୦୨୧ ରିଖ ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଆ ଜାଗରଣ ମଂଚ, ପ୍ରତିଶୃତି ପ୍ରତିଷ୍ଠାନ, ମା ଅମ୍ବିକା ମହିଳା ମହାମଣ୍ଡଳ ଫେଡେରସନ, ମୟୂରଭଞ୍ଜ ଏଜୁକେସନାଲ ଏଭାରମେଂଟ ଏଣ୍ଡ ଟେକ୍ନୋଲଜି ଟ୍ରଷ୍ଟ, ବୋଇତ ବନ୍ଦାଣ ମହୋତ୍ସବ, ପୋଲିସ ପବ୍ଲିକ ପ୍ରେସ୍ ଓ ବିନୋରି ୱେଲଫେୟାର ଅର୍ଗାନାଇଜେସନ୍ ମାଧମରେ ଶ୍ରୀ ଶରତ ଚନ୍ଦ୍ର ନାୟକ, ଡଃ ଜଗବନ୍ଧୁ ଆଚାର୍ଯ୍ୟ, ଶିକ୍ଷାବିତ୍ ନରେନ୍ଦ୍ର ମୋହନ ସେନାପତି, ଡଃ ଭାଗବତ ପଣ୍ଡା, ଡଃ ବିଜୟ କୁମାର ଅଗରୱାଲା, ସାବିତ୍ରୀ ରାଉତ, ପିତାମ୍ବର ମଲ୍ଲିକ, ସଞ୍ଜୀବ ସାହୁ, ଉଗ୍ରେଶ୍ୱର ବେହେରା, ଉଦୟ ନାଥ ଜେନା, ଅକ୍ଷୟ କୁମାର ମହାନ୍ତି, ରାଜେନ୍ଦ୍ର କୁମାର ବିନ୍ଧାଣୀ, ଜ୍ଞାନରଞ୍ଜନ ତ୍ରିପାଠୀ, ନାସିର ଖାଁ, ଜୟକୃଷ୍ଣ ଲେଙ୍କା ଓ ଅନ୍ୟାନ୍ୟ ୩୫୧ ଜଣ ସଚେତନ ନାଗରିକଙ୍କ ସ୍ୱାକ୍ଷରରେ କେସ୍ ରୁଜୁ କରାଯାଇଛି ଏ ସମସ୍ତର ଏକ କିତା ନକଲ ପୁରୀ ଶ୍ରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ, ଠାକୁର ରାଜା ଶ୍ରୀ ଗଜପତି ମହାରାଜ ପୁରୀ, ଜିଲ୍ଲାପାଳ ମୟୂରଭଞ୍ଜ ଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବାର ଜଣାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo